


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୮ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 18 JANUARY 2022
Vol.No. 33 ■ No. 17 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପଞ୍ଚାୟତ ନିର୍ବାଚନ ୨୦୨୨

# ପ୍ରଥମ ଦିନରେ ୮୭୭୨ ପ୍ରାର୍ଥୀପତ୍ର ଦାଖଲ

ଭୁବନେଶ୍ୱର, ୧୭/୦୧ (ନି.ପ୍ର): ପଂଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ପ୍ରଥମ ଦିନରେ ୮୭୭୨ ଜଣଙ୍କ ନାମାଙ୍କନ ଦାଖଲ କରିଛନ୍ତି। ସୋମବାର ଦିନ ଜିଲ୍ଲା ପରିଷଦ ପାଇଁ ମୋଟ ୨୨ ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ସମିତି ସଭ୍ୟ ପାଇଁ ୫୧୨, ସରପଂଚ ପାଇଁ ୧୧୨୨ ଜଣଙ୍କ ନାମାଙ୍କନ ଦାଖଲ କରିଛନ୍ତି । ସେହିପରି ୱାର୍ଡ ମେମ୍ବର ପାଇଁ ପ୍ରଥମ ଦିନରେ ୭୧୧୬ଟି ନାମାଙ୍କନ ଦାଖଲ କରାଯାଇଛି । ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉଲ୍ଲେଖନୀୟ ଯେ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ ପଂଚାୟତ ନିର୍ବାଚନ ଲାଗି ସୋମବାରଠାରୁ ପ୍ରାର୍ଥୀପତ୍ର ଦାଖଲ



ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟସୂଚୀ ଅନୁଯାୟୀ ୨୨ ତାରିଖରେ ପ୍ରାର୍ଥୀପତ୍ରଗୁଡ଼ିକ ଯାଂଚ୍ ହେବ। ଆଗ୍ରହୀ ପ୍ରାର୍ଥୀମାନେ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ୨୫ ତାରିଖ ଅପରାହ୍ଣରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୱାର୍ଡ ମେମ୍ବର, ସରପଂଚ ଓ ସମିତି ସଭ୍ୟ ପାଇଁ ବ୍ଲକ୍ କାର୍ଯ୍ୟାଳୟରେ ଏବଂ ଜିଲ୍ଲା ପରିଷଦ ସଭ୍ୟମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିବେ।

## ଭୁବନେଶ୍ୱର ଏମ୍ସର ୩୦୦ରୁ ଅଧିକ କର୍ମଚାରୀ ପଜିଟିଭ

ଭୁବନେଶ୍ୱର,୧୭/୦୧(ନି.ପ୍ର): ଭୁବନେଶ୍ୱର ଏମ୍ସର ୩ ଶହରୁ ଅଧିକ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଡାକ୍ତର, ନର୍ସ ଓ ପାରା ମେଡିକାଲ ଷ୍ଟାଫ୍। ଜାନୁଆରୀ ୧ରୁ ଆଜି ପର୍ଯ୍ୟନ୍ତ ଏହି ଆକ୍ରାନ୍ତମାନେ ଚିହ୍ନଟ ହୋଇଥିବା ନେଇ ଏମ୍ସ ସୂତ୍ରରୁ ସୂଚନା ମିଳିଛି। ସୂଚନା ଅନୁସାରେ ୭୦ରୁ ଅଧିକ ଡାକ୍ତର କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୬୦ ନର୍ସିଂ କର୍ମଚାରୀ ଓ ୯୦ରୁ ଅଧିକ ଅନ୍ୟ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେହିଭଳି ୨୦ ଜଣ ଛାତ୍ରଛାତ୍ରୀ ମଧ୍ୟ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ଆଇସୋଲେସନ୍‌ରେ ଥିବା ବେଳେ ପ୍ରାୟ ୧୦୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇ କାର୍ଯ୍ୟକୁ ଫେରିଥିବା କହିଛନ୍ତି ଏମ୍ସର ଅତିରିକ୍ତ ଅଧୀକ୍ଷକ ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ।

# ବଲାଙ୍ଗିରରେ ସରପଞ୍ଚ ପଦବୀ ନିଲାମ ଅଭିଯୋଗ

ବଲାଙ୍ଗିର,୧୭/୦୧(ନି.ପ୍ର): ବଲାଙ୍ଗୀରରେ ସରପଞ୍ଚ ପଦବୀ ନିଲାମ ଅଭିଯୋଗ ପ୍ରସଙ୍ଗରେ ଆକ୍ସନ ମୋଡରେ ରାଜ୍ୟ ନିର୍ବାଚନ କମିଶନ । ଏନେଇ ରିପୋର୍ଟ ମାଗିଲେ ରାଜ୍ୟ ନିର୍ବାଚନ କମିଶନ । ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କଲେ ରାଜ୍ୟ ନିର୍ବାଚନ କମିଶନ । ଆସନ୍ତାକାଲି ସନ୍ଧ୍ୟା ୫ଟା ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବଲାଙ୍ଗୀରରେ ସରପଞ୍ଚ ପଦବୀ ନିଲାମ ଅଭିଯୋଗ ପରେ ଏନେଇ ଅନେକ ଚର୍ଚ୍ଚା ଆରମ୍ଭ ହୋଇଛି । ପଞ୍ଚାୟତ ନିର୍ବାଚନ ପାଇଁ ସାରାରାଜ୍ୟରେ ରାଜନୀତି ସରଗରମ ଥିବାବେଳେ ବଲାଙ୍ଗୀର ଜିଲ୍ଲା ପୁଇଁତଳା ବ୍ଲକ ବିଲେଇସର୍ଦା ପଂଚାୟତରୁ ଆସିଛି ଏମିତି ଏକ ସାଂଘାତିକ ଅଭିଯୋଗ । ନାମାଙ୍କନ କରିବାର



ଦିନକ ପୂର୍ବରୁ ବିଲେଇସର୍ଦା ଗାଁରେ ବସିଥିଲା ବୈଠକ । ବୈଠକରେ ଗ୍ରାମବାସୀମାନେ ଇଲେକ୍ସନ ବଦଳରେ ସିଲେକ୍ସନ କରିବାକୁ ନିଷ୍ପତି ନେଇଥିଲେ । ହେଲେ, ଏଥିପାଇଁ ପ୍ରାର୍ଥୀମାନଙ୍କୁ କୁଆଡେ ନିଲାମ ଡାକିବାକୁ କୁହାଯାଇଥିଲା । ଯେଉଁ ପ୍ରାର୍ଥୀ ଗାଁର ମନ୍ଦିର ନିର୍ମାଣ ପାଇଁ ସର୍ବାଧିକ ଟଙ୍କା ଦେଇପାରିବେ ସେ ହିଁ ସରପଞ୍ଚ ହେବେ ବୋଲି କୁହାଯାଇଥିଲା । ସେହି ଅନୁସାରେ ଜଣେ ପ୍ରାର୍ଥୀ ୪୪ ଲକ୍ଷ ଟଙ୍କା ବୋଲି ଡାକିବା ପରେ ତାଙ୍କୁ ହିଁ ସରପଞ୍ଚ ଘୋଷଣା କରାଯାଇଥିବା ଅଭିଯୋଗ ହୋଇଛି ।

## ଘୁଞ୍ଚିଲା ପଞ୍ଜାବ ବିଧାନସଭା ନିର୍ବାଚନ ତାରିଖ

ପଞ୍ଜାବ,୧୭/୦୧(ନି.ପ୍ର): ଘୁଞ୍ଚିଲା ପଞ୍ଜାବ ବିଧାନସଭା ନିର୍ବାଚନ ତାରିଖ । ଫେବୃଆରୀ ୧୪ ପରିବର୍ତ୍ତେ ୨୦ରେ ହେବ ମତଦାନ । ରବି ଦାସଙ୍କ ଜୟନ୍ତୀ ପାଇଁ ରାଜ୍ୟର ସମସ୍ତ ରାଜନୈତିକ ଦଳ ତାରିଖ ଘୁଂଚାଇବାକୁ ନିବେଦନ କରିଥିଲେ । ଏହାପରେ ପଂଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି ନିର୍ବାଚନ କମିଶନଙ୍କୁ ଚିଠି ଲେଖି ସମସ୍ତ ୧୧୭ ବିଧାନସଭା ଆସନରେ ନିର୍ବାଚନ ତାରିଖ ଘୁଚାଂଇବାକୁ ନିବେଦନ କରିଥିଲେ । ଏହାପରେ ଆଜି ନିର୍ବାଚନ କମିଶନ ଏହି ପ୍ରସଙ୍ଗରେ ବୈଠକ କରିଥିଲେ । ଏବେ ତାରିଖ ଘୁଂଚିବା ପରେ ସମସ୍ତ ରାଜନୈତିକ ଦଳଙ୍କ ପାଇଁ ପ୍ରଚାର ସମୟ ବଢ଼ିଯାଇଛି ।

# ମାର୍ଚ୍ଚରୁ ୧୨-୧୪ ବର୍ଷ ବର୍ଗର ପିଲାଙ୍କୁ କରୋନା ଟିକା !

ନୂଆଦିଲ୍ଲୀ,୧୭/୦୧: ମହାମାରୀ କରୋନା ସଂକ୍ରମଣ ଦ୍ରୁତଗତିରେ ବ୍ୟାପୁ ଥିବା ବେଳେ ଦେଶବାସୀଙ୍କ ପାଇଁ ଭଲ ଖବର ଆସିଛି। ଆସନ୍ତା ମାର୍ଚ୍ଚ ମାସରୁ ଦେଶରେ ୧୨ରୁ ୧୪ ବର୍ଷ ବର୍ଗ ମଧ୍ୟରେ ଥିବା ପିଲାମାନଙ୍କ ଟିକାକରଣ ଆରମ୍ଭ ହୋଇପାରେ ବୋଲି National Technical Advisory Group on Immunisationର କୋଭିଡ ୧୯ ୱାର୍କିଂ ଗ୍ରୁପ ଅଧ୍ୟକ୍ଷ ଡା ଏନକେ ଅରୋରା ସୂଚନା ଦେଇଛନ୍ତି। ବର୍ତ୍ତମାନ ଦେଶରେ ୧୫ ଓ ତା'ରୁ ଅଧିକ ବୟସ୍କଙ୍କ ଟିକାକରଣ ହେଉଛି। ଜାନୁଆରୀ ୩ରୁ ଦେଶରେ ୧୫ରୁ ୧୮ ବର୍ଷ ବର୍ଗରେ ଥିବା ପିଲାମାନଙ୍କ ଟିକାକରଣ କରାଯାଉଛି। ଏବେ ସୁଦ୍ଧା ୩ କୋଟିରୁ ଅଧିକ ପିଲା କରୋନା ଟିକାର ପ୍ରଥମ



ଡୋଜ୍ ନେଇ ସାରିଛନ୍ତି। ତେଣୁ ମାର୍ଚ୍ଚ ମାସରୁ ୧୨ରୁ ୧୪ ବର୍ଷର ପିଲାଙ୍କ ଟିକାକରଣ ଆରମ୍ଭ କରିବାକୁ ସରକାର ଯୋଜନା କରିଛନ୍ତି। ଡା ଅରୋରା କହିଛନ୍ତି, "ଜାନୁଆରୀ ଶେଷ ସୁଦ୍ଧା ଆମେ ୧୫ରୁ ୧୭ ବର୍ଷ ବୟସ ମଧ୍ୟରେ ଥିବା ୭.୪ କୋଟି ପିଲାଙ୍କୁ ଅତିକମରେ ପ୍ରଥମ ଡୋଜ୍ ଦେବାକୁ ଲକ୍ଷ୍ୟ ରଖିଛୁ। ଫଳରେ ଫେବୃଆରୀରୁ ସେମାନଙ୍କର ଦ୍ୱିତୀୟ ଡୋଜ୍ ଟିକାକରଣ ଆରମ୍ଭ ହୋଇପାରିବ। ଏହି ପ୍ରକ୍ରିୟା ଫେବୃଆରୀ ଶେଷ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାପରେ ମାର୍ଚ୍ଚରୁ ୧୨ରୁ ୧୪ ବର୍ଷ ବର୍ଗରେ ଥିବା ପିଲାଙ୍କ ଟିକାକରଣ ଆରମ୍ଭ ହେବ। ପିଲାମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ୧୫ରୁ ୧୭ ବର୍ଷ ବର୍ଗରେ ଥିବା ପିଲାଙ୍କୁ ଟିକା ଦିଆଯାଉଛି। ଏହାପରେ ସରକାର ୧୨ରୁ ୧୪ ବର୍ଷ ବର୍ଗର ପିଲାଙ୍କ ଟିକାକରଣ ଆରମ୍ଭ କରିବେ।" ସୂଚନାଯୋଗ୍ୟ, ଦେଶରେ ବର୍ତ୍ତମାନ ୧୫ରୁ ୧୭ ବର୍ଷ ବର୍ଗଙ୍କୁ ଭାରତ ବାୟୋଟେକ ପ୍ରସ୍ତୁତ କରିଥିବା କୋଭାକ୍ସିନ ଟିକା ଦିଆଯାଉଛି। ଏଯାଏ ୩.୩୧ କୋଟି ଛୋଟ ପିଲା ଟିକାର ପ୍ରଥମ ଡୋଜ୍ ନେଇ ସାରିଲେଣି। ୧୨ରୁ ୧୪ ବର୍ଷର ବର୍ଗଙ୍କୁ ମଧ୍ୟ ସମାନ ଟିକା ଦିଆଯାଇ ପାରେ। କାରଣ ଅକ୍ଟୋବର ମାସରେ ସବଜେକ୍ଟ ଏକ୍ସପର୍ଟ କମିଟି କୋଭାକ୍ସିନକୁ ୨ରୁ ୧୮ ବର୍ଷ ବର୍ଗର ପିଲାମାନଙ୍କୁ ଦେବାକୁ ସୁପାରିସ କରିଛି। ଏହାକୁ ଆଧାର କରି ଭାରତ ସରକାର କୋଭାକ୍ସିନକୁ ହିଁ ବ୍ୟବହାର ପାଇଁ ଅନୁମତି ଦେଇ ପାରନ୍ତି।

# ଅବୁଧାବିରେ ଡ୍ରୋନ ଆଟାକ: ୨ ଭାରତୀୟଙ୍କ ସମେତ ୩ ମୃତ

ଦୁବାଇ,୧୭/୦୧: ଅବୁଧାବିର ନୂଆ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୋଇଥିବା ଭୟଙ୍କର ଡ୍ରୋନ ଷ୍ଟ୍ରାଇକରେ ୩ ଜଣଙ୍କ ଜୀବନ ଯାଇଛି। ଏୟାରପୋର୍ଟ ନିକଟରେ ଥିବା ୩ଟି ତେଲ ବୋଝେଇ ଟ୍ୟାଙ୍କର ଉପରେ ଏପରି ହମଲା କରାଯାଇଥିଲା। ଫଳରେ ଭୟଙ୍କର ବିସ୍ଫୋରଣ ସହ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨ ଭାରତୀୟ ଓ ଜଣେ ପାକିସ୍ତାନୀ ପ୍ରାଣ ହରାଇଛନ୍ତି। ସେହିପରି ଆଉ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ୟେମେନରେ ଥିବା ଇରାନ ସମର୍ଥିତ ଇହୁଦି ବିଦ୍ରୋହୀ ଗୋଷ୍ଠୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଆଜିର ଆକ୍ରମଣ ସମ୍ପର୍କରେ ୟୁଏଇ ପୁଲିସ୍ କହିଛି, ୩ଟି ତେଲ ଟ୍ୟାଙ୍କକୁ ଟାର୍ଗେଟ କରି ଆଜି ଡ୍ରୋନ ଦ୍ୱାରା ହମଲା କରାଯାଇଥିଲା। ଏଥିଯୋଗୁ ନୂଆ ଏୟାରପୋର୍ଟ ପାଇଁ ଚାଲିଥିବା



ନିର୍ମାଣ ସ୍ଥଳରେ ମଧ୍ୟ ନିଆଁ ଲାଗିଯାଇଛି। ଘଟଣା ବେଳେ ସେଠାରେ ଉପସ୍ଥିତ ଥିବା ୩ ଜଣ ପ୍ରାଣ ହରାଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ନିଆଁ ସଂପୂର୍ଣ୍ଣ ଆୟତ୍ତକୁ ଆସି ସାରିଥିବା ପୁଲିସ୍ କହିଛି। ଅନ୍ୟପକ୍ଷରେ ସାମ୍ନାକୁ ଆସିଥିବା ଭିଡିଓ ଓ ଫଟୋରେ ବିସ୍ଫୋରଣ ପରେ ତେଲ ଟ୍ୟାଙ୍କରଗୁଡ଼ିକ ହୁହୁ ହୋଇ ଜଳୁଥିବା ଦେଖିବାକୁ ମିଳୁଛି। ଲୋକମାନେ ଭୟରେ ଏଣେତେଣେ ଦୌଡୁ ଥିବା ବେଳେ କଳା ଧୂଆଁ ପୂରା ପରିବେଶକୁ ଢାଙ୍କିଥିବାର ଦୃଶ୍ୟ ରହିଛି। ଏହାପୂର୍ବରୁ ୨୦୧୯ ସେପ୍ଟେମ୍ବର ୨୪ରେ ୟୁଏଇର ଦୁଇଟି ବିଶାଳ ତେଲ ଟାଙ୍କି ଉପରେ ସମାନ ଧରଣର ▶▶ପୃଷ୍ଠା ୭

# ଟଙ୍କା ଫେରସ୍ତ ଦାବିରେ ରାଜ୍ୟବ୍ୟାପୀ ଚିଟ୍‌ଫଣ୍ଡ ଜମାକାରୀଙ୍କ ସତ୍ୟାଗ୍ରହ

ଭୁବନେଶ୍ୱର,୧୭/୦୧(ନି.ପ୍ର): ତଦନ୍ତ କମିଶନଙ୍କ ୭ମ ପର୍ଯ୍ୟାୟର ସୁପାରିଶରେ ତହସିଲ୍ ଜରିଆରେ ଯାଂଚ ଶେଷ ହୋଇଥିବା ସମସ୍ତ ଜମାକାରୀଙ୍କୁ ଏପର୍ଯ୍ୟନ୍ତ ସରକାର ଟଙ୍କା ନ ଦେଇ ଅଳ୍ପ କେତେକ କ୍ଷୁଦ୍ର ଜମାକାରୀଙ୍କୁ ୨୦୧୯ ମସିହା ନିର୍ବାଚନ ପୂର୍ବରୁ ଟଙ୍କା ଫେରସ୍ତ ପରେ ବି ବାକି ଟଙ୍କା ସରକାର ଖାଇଗଲେଣି। ଯାଂଚ ସରିଥିବା ସମସ୍ତ ଜମାକାରୀଙ୍କୁ ଅବିଳମ୍ବେ ଟଙ୍କା ଫେରସ୍ତ, ବାକି ସମସ୍ତ ଜମାକାରୀଙ୍କୁ ତହସିଲ୍ ଜରିଆରେ ଚିହ୍ନଟ ସହ ଟଙ୍କା ଫେରସ୍ତ ଆଦି ଦାବିରେ ସୋମବାର ରାଜ୍ୟବ୍ୟାପୀ ଜିଲ୍ଲା ସ୍ତରରେ "ଡିଜିଟାଲ୍ ଜମାକାରୀ ଗଣସତ୍ୟାଗ୍ରହ" କୋଭିଡ୍ ସତର୍କତା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟବ୍ୟାପୀ ପ୍ରତ୍ୟେକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଂଚର ବ୍ୟାନର, ପ୍ଲାକାର୍ଡ ଓ ସ୍ଲୋଗାନ ସହ ଭର୍ଚୁଆଲ୍ ମୋଡରେ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମଳିତ ମଂଚ ନେତୃତ୍ୱରେ ସତ୍ୟାଗ୍ରହ କରାଯାଇଛି । ସଂକ୍ରମଣ ତଳମୁହାଁ ହେଲେ ସମୂହ ଜମାକାରୀ ଗଣସତ୍ୟାଗ୍ରହରେ ଟଙ୍କା ଫେରସ୍ତ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦିବାରାତ୍ରି ବସିରହିବେ ବୋଲି ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଂଚର ସଭାପତି ଜୟନ୍ତ ଦାସ କହିଛନ୍ତି। ମଂଚ ପକ୍ଷରୁ ଅଭିଯୋଗ କରାଯାଇଛି ଜମାକାରୀ ମିଳିତମଂଚ ନେତୃତ୍ୱରେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ହେବାରୁ ସରକାର ବିଭିନ୍ନ ପ୍ରକାର ତଦନ୍ତ ଘୋଷଣା କଲେ, ୩୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ କରି ଟଙ୍କା ଫେରସ୍ତ ପ୍ରତିଶ୍ରୁତି ଦେଲେ । ତଦନ୍ତ କମିଶନ ୭ଟି ପର୍ଯ୍ୟାୟରେ ୪ଲକ୍ଷ ୯୭ ହଜାର କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ସୁପାରିଶ କରିଥିଲେ। ମାତ୍ର ସେଥିମଧ୍ୟରୁ ସ୍ୱଳ୍ପ କିଛି ଜମାକାରୀଙ୍କୁ ସରକାର ▶▶ପୃଷ୍ଠା ୭

## ୨୦ ଯାଏଁ ଘନ କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର,୧୭/୦୧ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୯ ଜିଲ୍ଲାକୁ ଘନ କୁହୁଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ରହିଛି। ସେହିପରି ଜାନୁଆରୀ ୧୮ରୁ ୧୯ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ,, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ ଓ କଟକ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନ କୁହୁଡ଼ି ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଜାନୁଆରୀ ୧୯ରୁ ୨୦ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ନୟାଗଡ଼, ଢେଙ୍କାନାଳ, କେନ୍ଦୁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କଟକ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡ଼ି ସମ୍ଭାବନା ରହିଛି। ଏହି ସମୟରେ ରାସ୍ତାରେ ଗାଡ଼ି ଚଲାଇବା ବେଳେ ସାବଧାନତା ଅବଲମ୍ବନ କରିବାକୁ ବି କୁହାଯାଇଛି।

# କଂଗ୍ରେସର ନିର୍ବାଚନ ପରିଚାଳନା କମିଟି ଗଠିତ

ଭୁବନେଶ୍ୱର,୧୭/୦୧ (ନି.ପ୍ର): କଂଗ୍ରେସ ଦଳ ଆଗାମୀ ପୌର ପରିଷଦ ଓ ପଂଚାୟତ ନିର୍ବାଚନର ସୁପରିଚାଳନା ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ରାଜ୍ୟସ୍ତରୀୟ "ପୌର ପରିଷଦ ଓ ପଂଚାୟତ ନିର୍ବାଚନ ପରିଚାଳନା କମିଟି" କରିଛନ୍ତି। ଏହି କମିଟି ନିର୍ବାଚନର ପରିଚାଳନା କରିବା ସହ ଆଗାମୀ ପୌର ପରିଷଦ ନିର୍ବାଚନ ନିମନ୍ତେ ମେୟର ପ୍ରାର୍ଥୀ ଏବଂ କାଉନସିଲର ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ନାମ ତାଲିକା ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ଦାଖଲ କରିବାକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ସେହିପରି ଜିଲ୍ଲା କଂଗ୍ରେସ କମିଟି ସଭାପତିମାନେ ସେମାନଙ୍କ ଜିଲ୍ଲାରେ ଆଲୋଚନା କରି ମେୟରଙ୍କ ନାମ ସହ ସମସ୍ତ ପ୍ରାର୍ଥୀ ମାନଙ୍କର ନାମ ତାଲିକା ପ୍ରସ୍ତୁତ କରି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ପଠାଇ ପାରିବେ। ଏହି ରାଜ୍ୟସ୍ତରୀୟ ନିର୍ବାଚନ କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଅଧ୍ୟକ୍ଷ ରହିଥିବା ବେଳେ ଚିରଞ୍ଜିବ ବିଶ୍ୱାଳ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ପଂଚାନନ କାନୁନଗୋ, ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ମହମ୍ମଦ ମୋକିମ, ସପ୍ତଗିରୀ ଉଲ୍ଲାକା, ସଂନ୍ତୋଷ ସିଂ ସାଲୁଜା, କିଶୋର ଚନ୍ଦ୍ର ପଟେଲ, ସୁରେଶ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ବନ୍ଦିତା ପରିଡ଼ା, ସ୍ମୃତି ରଞ୍ଜନ ଲେଙ୍କା, ସୟଦ ୟାସିର ନୱାଜ, ମାନସ ରଞ୍ଜନ ଚୌଧୁରୀ ଓ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ଏହି କମିଟିରେ ସଦସ୍ୟ ଭାବରେ ରହିଛନ୍ତି ଏବଂ ଯଜ୍ଞେଶ୍ୱର ବାବୁ ଆବାହକ ଭାବରେ ରହିଛନ୍ତି ବୋଲି ପିସିସି ପକ୍ଷରୁ ପ୍ରକାଶ।

# କରୋନା ବେଳେ କମୁଛି ଗରିବଙ୍କ ଆୟ, ବଢ଼ିଚାଲିଛି ଧନୀଙ୍କ ସମ୍ପତ୍ତି

ନୂଆଦିଲ୍ଲୀ,୧୭/୦୧: କରୋନା ବେଳେ ଗରିବ ଆହୁରୁ ଗରିବ ହୋଇଛନ୍ତି । ଧନୀଙ୍କ ସମ୍ପତ୍ତି ଆଖିବୁଜା ବଢ଼ିଛି । ଅନ୍ତର୍ଜାତୀୟ ସଂସ୍ଥା ଅକ୍ସଫାମର ତଥ୍ୟ କହୁଛି, ଦେଶର ୮୪ ପ୍ରତିଶତ ପରିବାରର ରୋଜଗାର ହରାଇଛନ୍ତି, ସେମାନଙ୍କ ଆୟ କମିଛି । ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ନିରାପତା କ୍ଷେତ୍ରରେ ବ୍ୟୟ ଅଟକଳ ଗତବର୍ଷ ତୁଳନାରେ ହ୍ରାସ ପାଇଛି । ଗୋଟିଏ ପଟେ ବେକାରୀ ବଢୁଥିବା ବେଳେ ଅନ୍ୟପଟେ ଧନୀଙ୍କ ତାଲିକା ଲମ୍ବା



ହୋଇଛି । ଦେଶର ୧୦୦ ଜଣ ଧନୀଙ୍କ ପାଖରେ ରହିଛି ୫୭.୩ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି । ଭାରତରେ କମୁଛି ଗରିବଙ୍କ ଆୟ, ବଢ଼ିଚାଲିଛି ଧନୀଙ୍କ ସମ୍ପତ୍ତି । କରୋନା କାଳରେ ଦେଶରେ ବଢୁଛି ଆର୍ଥିକ ଅସମାନତା । ଏହି ତଥ୍ୟ ଦେଇଛି ଅନ୍ତର୍ଜାତୀୟ ସଂସ୍ଥା ଅକ୍ସଫାମ । ୨୦୨୧ରେ ଭାରତର ଆର୍ଥିକ ସ୍ଥିତି, ଭାରତୀୟଙ୍କ ରୋଜଗାର ନେଇ ରିପୋର୍ଟ ପ୍ରକାଶ ପାଇଛି । ଏହି ରିପୋର୍ଟରେ କୁହାଯାଇଛି, ଦେଶର ୮୪ ପ୍ରତିଶତ ପରିବାରର ଆୟ କମିଛି। ବଡ଼ ବଡ଼ ଧନୀଙ୍କ ସଂଖ୍ୟା ୧୦୨ରୁ ୧୪୨କୁ ବୃଦ୍ଧି ପାଇଛି । ଅର୍ଥାତ୍ ସେମାନଙ୍କ ପାଖରେ ହଜାର ହଜାର କୋଟି ଟଙ୍କା ରହିଛି । ଦେଶର ୧୦୦ ଧନୀଙ୍କ ପାଖରେ ୫୭.୩ ଲକ୍ଷ କୋଟି ଟଙ୍କା ରହିଛି। ୫୦ ପ୍ରତିଶତ ଲୋକଙ୍କ ପାଖରେ ରହିଛି ମାତ୍ର ୬ ପ୍ରତିଶତ ସମ୍ପତ୍ତି। ଧନୀ ତାଲିକାରେ ଚୀନ ଓ ଆମେରିକା ପରେ ଭାରତର ସ୍ଥାନ ତୃତୀୟ ରହିଛି । ଫ୍ରାନ୍ସ, ସ୍ୱିଡେନ୍, ସ୍ୱିଜରଲାଣ୍ଡର ମୋଟ ଧନୀଙ୍କ ସଂଖ୍ୟାଠାରୁ ଭାରତରେ ଅଛନ୍ତି ଅଧିକ ଧନୀ । ତେବେ ମହାମାରୀ ସମୟରେ ଗୌତମ ଆଦାନୀଙ୍କ ସମ୍ପତ୍ତି ୮ ଗୁଣ ବଢ଼ିଛି । ସେହିପରି ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ୨ ଗୁଣ ହୋଇଛି । ଦେଶରେ କୋଟିପତିଙ୍କ ସମ୍ପତ୍ତି ଏଭଳି ସମୟରେ ବଢ଼ିଛି, ଯେଉଁ ସମୟରେ ଲୋକେ କରୋନା ଯୋଗୁଁ ଅତି ଦୟନୀୟ ଅବସ୍ଥାରେ ଅଛନ୍ତି । ▶▶ପୃଷ୍ଠା ୭

# ଢିଙ୍କିଆରୁ ପୋଲିସ ପ୍ରତ୍ୟାହାର ଦାବିରେ ସିପିଆଇ ଓ ବିକେଏମୟୁର ବିକ୍ଷୋଭ

ଭୁବନେଶ୍ୱର, ୧୭/୦୧ (ନି.ପ୍ର): ପ୍ରସ୍ତାବିତ ଜିନ୍ଦଲ କମ୍ପାନୀର ଇସ୍ପାତ କାରଖାନା ବିରୋଧରେ ନିଜର ଜୀବିକା ପାନବରଜକୁ ରକ୍ଷା କରିବା ପାଇଁ ଆନ୍ଦୋଳନ ଚଳାଇଥିବା ଢିଙ୍କିଆ ଗାଁରୁ ସମ୍ପୂର୍ଣ୍ଣ ରୂପେ ପୋଲିସ ପ୍ରତ୍ୟାହାର ଏବଂ ଦମନ, ଅତ୍ୟାଚାର ଓ ଗିରଫଦାରୀ ବନ୍ଦ କରିବା ଦାବି କରି ସୋମବାର ରାଜଧାନୀ ଭୁବନେଶ୍ୱରରେ ସିପିଆଇ ଓ ବିକେଏମ୍ୟୁ ପକ୍ଷରୁ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଉଭୟ ସଂଗଠନର କର୍ମୀମାନେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ସମଗ୍ର ଅଶୋକନଗର ଅଂଚଳ ପରିକ୍ରମା ପୂର୍ବକ ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ବିକେଏମୟୁ ରାଜ୍ୟ ସମ୍ପାଦକ ସୁର ଜେନା ଓ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ବିଜୟ ଜେନା ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଜର ଭିଟାମାଟି ଓ ଜୀବିକାକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ମଣିଷର ଅଧିକାର ଥିବାରୁ ଗ୍ରାମବାସୀ ଅନାହାରରେ ଜଙ୍ଗଲରେ ଲୁଚିବା ଓ ସେମାନଙ୍କ ଗାଁରେ ପୋଲିସ କ୍ୟାମ୍ପ ରହିବା ସମ୍ପୂର୍ଣ୍ଣ ବେଆଇନ ଓ ଦମନଲୀଳା ଅମାନବୀୟ ବୋଲି ମତ ପ୍ରକାଶ କରି ପୋଲିସର ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷେତମୂଳିଆ ନେତା ସର୍ବେଶ୍ୱର ମାର୍ଥା, ଶରତ ସ୍ୱାଇଁ, ଲୋକନାଥ ଭୋଇ, ସୁଷମା ଭୋଇ, ଛେତମ୍ବର ଭୋଇ, ରମେଶ ରାଉତ, ଡାକ ହେମ୍ବ୍ରମ୍, ନାରୀ ନେତ୍ରୀ ପାର୍ବତୀ ଲାଗୁରି ପ୍ରମୁଖ ଏହି ବିକ୍ଷୋଭ ଓ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ଶାରିରୀକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ

ରାଇରଙ୍ଗପୁର,୧୭/୧ (ନି.ପ୍ର): ସ୍ଥାନୀୟ ହଳଦା ଆମ୍ବ ବଗିଚା ଠାରେ ଶାରିରୀକ ଶିକ୍ଷା ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥି ନିମନ୍ତେ ଆୟୋଜିତ ସଭାରେ ଗୋରୁମହିଷାଣୀ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ଖେଳ ଶିକ୍ଷକ ରବୀନ୍ଦ୍ରନାଥ ମିଶ୍ର ସଭାରେ ସଂଯୋଜନା କରିଥିଲେ । ଉକ୍ତ ସଭାରେ ପଚାଂୟତ ହାଇସ୍କୁଲ, ରାଖାସାହିର କ୍ରୀଡ଼ା ଶିକ୍ଷୟିତ୍ରୀ କଳ୍ପନା ମହାପାତ୍ର ବାରିପଦା ସ୍ଥିତ ଏମ.ପି.କେ. ବାଳିକା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତରିତ ହେବା ଅବସରରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଅନୁରୂପ ଭାବେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା କ୍ରୀଡାଶିକ୍ଷକଦଶିକ୍ଷୟିତ୍ରୀ ଦୀପ୍ତିମୟୀ ମହାନ୍ତ- ବଡମତଳିଆ, ସଂଯୁକ୍ତା ନାୟକ- ରାଖାସାହି, ବଳରାମ ପ୍ରଧାନ- ଗୋରୁମହିଷାଣୀ, ମଦନମୋହନ ମହାନ୍ତ-ତିରିଂ, ସଂଜିତ ରାହୁଲ- ଡମ କାଣ୍ଡଶର ଉଚ୍ଚ ବିଦ୍ୟାଳୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।ଶାରିରୀକ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ନିଜ ନିଜର ଅଭିଭାଷଣ ମାଧ୍ୟମରେ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ପୁଷ୍ପଗୁଚ୍ଛ ଉପଢୌକନ ପ୍ରଦାନ କରିଥିଲେ । ବାମନଘାଟି ଶାରିରୀକ ଶିକ୍ଷକ ସଂଘର ସଭାପତି ଉମାକାନ୍ତ ବେହେରା, କୋଷାଧକ୍ଷ କେଶବ ବେହେରା, ସଂପାଦକ ଅଧୀର ନନ୍ଦଙ୍କ ସହ ଉକ୍ତ କାର୍ଯ୍ୟକ୍ରମର ଜଗନ୍ନାଥ ଗରି, ବାଞ୍ଛାନିଧି ଗିରି, କିରତୀ ଚରଣ ଗିରି, ଅବନୀ ଭଞ୍ଜ, ଅମୀନ ମହାନ୍ତ, ରଞ୍ଜନ ରଶ୍ମି ସାହୁ, ଜଗତଜିତ ମାଝୀ,ଜନ୍ମେଜୟ ମହାନ୍ତ, ଖଗେଶ୍ୱର ମହାନ୍ତ,ଡମ୍ବରୁଧର ମହାନ୍ତ , ହୃଷିକେଶ ମହାନ୍ତ, ଇନ୍ଦିରା ସାହୁ ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ସୁଗ୍ରୀବ ମହାନ୍ତ, ପ୍ରହ୍ଲାଦ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ ଏବଂ ଦଶର ମହାନ୍ତ ପ୍ରମୁଖ ଯୋଗଦେଇ ଥିଲେ ।

# ହିତାଧିକାରୀଙ୍କୁ ବଂଟା ଯାଉଛି ଭଲ ଚାଉଳ ବଦଳରେ ପୋକରା ଚାଉଳ

ଖୋର୍ଦ୍ଧା,୧୭/୧ (ନି.ପ୍ର): ରାଜ୍ୟ ସରକାର ଜନ ସାଧାରଣଙ୍କ ନିମନ୍ତେ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ସେଥିମଧ୍ୟରୁ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ୟତମ । ଏହି ଯୋଜନାର ଫାଇଦା ଉଠାଇ ଗରିବ ଲୋକେ ଦୁଇ ଓଳି ଦୁଇ ମୁଠା ଦାନା ପାଇ ପାରୁଛନ୍ତି । ଏଥିପାଇଁ ରାଜ୍ୟ ସରକାର କରୋନା ମହାମାରୀ ପାଇଁ ରାଜ୍ୟବାସୀଙ୍କୁ ମାଗଣାରେ ଚାଉଳ ଦେବାକୁ ନିଷ୍ପତି ନେଇଛନ୍ତି । ଚଳିତ ମାସରେ ରାଜ୍ୟ ସରକାର ଖାଉଟି କାର୍ଡ ଧାରୀମାନଙ୍କୁ ୪ ମାସର ଚାଉଳ ମାଗଣାରେ ଯୋଗାଇ ଦେଉଛନ୍ତି । ହେଲେ ମାଗଣା ଚାଉଳର ଫାଇଦା ଗରୀବ ଜନ ସାଧାରଣଙ୍କୁ ମିଳିବା ପରିବର୍ତ୍ତେ କେତେକ ଅଂଚଳରେ ଖାଦ୍ୟ ଯୋଗାଣରେ ସଂପୃକ୍ତ ରହୁଥିବା ବ୍ୟକ୍ତିମାନେ ତାହାର ଫାଇଦା ଉଠାଇବାକୁ ପଛାଉନାହାନ୍ତି । ଏପରି ଏକ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ମାନସିଂହପୁର ପଂଚାୟତର ବରୁଣପଡା ଗ୍ରାମରେ । ଅଭିଯୋଗ ଅନୁଯାୟୀ ବରୁଣପଡା ଗ୍ରାମରେ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣାରେ ଚାଉଳ ବାଂଟିବା ପାଇଁ ପଂଚାୟତ ପକ୍ଷରୁ ଗତକାଲି ପ୍ରଚାର କରାଯାଇଥିଲା । ବରୁଣପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାଉଳ ବଂଟନ କରିବା ପାଇଁ ଘୋଷଣା କରାଯାଇଥିବାରୁ କରୋନା କଟକଣା କୁ ଖାତିର ନକରି ଲୋକେ ଧାଡି ଲଗାଇଥିଲେ ଚାଉଳ ନେବା ପାଇଁ । ଯୋଗାଣ ସହାୟକ ମଧ ଚାଉଳ ବାଂଟିବା ଆରମ୍ଭ କରିଥିଲେ । ବାଂଟିବା ସମୟରେ ଚାଉଳ ଅଖାରେ ପୋକରା ପୋକ ସାଲୁ ବାଲୁ ଚାଉଳ ଢାଳି ତା ଉପରେ ଭଲ ଚାଉଳ ଢାଳି ଅଖାକୁ ବାନ୍ଧି ହିତାଧିକାରୀଙ୍କୁ ଦିଆଯାଉଥିଲା । ତେବେ ସେହି ଗ୍ରାମର ଜଣେ କାର୍ଡଧାରୀ ନିଜ ଅଖା ଖୋଲିବାରୁ ସେହି ଚାଉଳରେ ପୋକ ସାଲୁ ବାଲୁ ହେଉଥିବା ଦେଖି ଘଟଣା ସ୍ଥଳରେ ଅଭିଯୋଗ କଲେ । କିନ୍ତୁ ଯୋଗାଣ ସହାୟକ ତାଙ୍କ ସରକାରୀ ବାବୁ ଠାଣି ଦେଖାଇ ଯୁକ୍ତିତର୍କ କରିବାରୁ ପଛାଇନଥିଲେ । ହୋ ହାଲ୍ଲା ସହ ପ୍ରବଳ ଯୁକ୍ତିତର୍କ ହେବାରୁ ପରିଶେଷରେ ଯୋଗାଣ ସହାୟକ ପୁନର୍ବାର ସେହି ଚାଉଳଗୁଡ଼ିକୁ ବଦଳାଇବାକୁ ବାଧ ହୋଇଥିଲେ । ଏ ନେଇ ଯୋଗାଣ ସହାୟକ ସୁକାନ୍ତ ବେହେରାଙ୍କ ପ୍ରତିକ୍ରିୟା ମିଳିପାରିନଥିବା ବେଳେ ବ୍ଲକ ଯୋଗାଣ ନିରୀକ୍ଷକ ଅରୁଣ ଲେଙ୍କାଙ୍କୁ ପଚାରିବାରୁ ସେ କହିଥିଲେ ଜାନୁଆରୀ କୋଟାର ଚାଉଳ ବହୁ ମାସ ଆଗରୁ ଆସିଯାଇଥିଲା ଏବଂ ପଂଚାୟତର ନିଜସ୍ୱ ଗୋଦାମ ଗୃହ ନାଇଁ ତେଣୁ ବେସରକାରୀ ଗୋଦାମରେ ଚାଉଳ ସବୁ ରହୁଥିବାରୁ କେତେକ ଚାଉଳରେ ପୋକ ଲାଗିଯାଇଥିବ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଏତେ ଶୀଘ୍ର ଚାଉଳ କିପରି ନଷ୍ଟ ହେବ ? ଯୋଗାଣ ସହାୟକ ଜାଣିଶୁଣି ହିତାଧିକାରୀଙ୍କୁ କିପରି ପୋକରା ଚାଉଳ ଦେଲେ ? ଯୋଗାଣ ବିଭାଗ ପକ୍ଷରୁ କଣ ପାଇଁ ଚାଉଳର ମାନ ଯାଂଚ କରାଗଲାନି ? ନା ଭଲ ଚାଉଳକୁ ରଖି ତାହା ବଦଳରେ ଜାଣିଶୁଣି ପୋକରା ଚାଉଳ ହିତାଧିକାରୀଙ୍କୁ ଦିଆଯାଇଛି ? ଏତେ ବଡ଼ ଅଘଟଣ ଯୋଗାଣ ଅଧିକାରୀ ଥାଉଥାଉ କିପରି ଘଟୁଛି ପଂଚାୟତରେ ? ଗୋଟେ ପଟେ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ଗରିବଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଅନ୍ୟପକ୍ଷରେ ଏପରି ଯୋଗାଣ ସହାୟକଙ୍କ ପରି କେତେକ ସରକାରୀ କର୍ମଚାରୀଙ୍କ ଲାଗି ରାଜ୍ୟ ସରକାର ବଦନାମ ହେଉଛନ୍ତି । ତେବେ ଜିଲ୍ଲା ଯୋଗାଣ ଅଧିକାରୀ, ଚିଲିକା ବିଡ଼ିଓ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# କୋରାପୁଟ କଂଗ୍ରେସର ପଂଚାୟତ ନିବାଚନର ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଜୟପୁର ,୧୭/୧ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିବାଚନ ନିମନ୍ତେ କୋରାପୁଟ ଜିଲା କଂଗ୍ରେସ କମିଟିର ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ଜିଲା ସଭାନେତ୍ରୀ ମାନାକ୍ଷୀ ବାହିନିପତି ଙ୍କ ଆହ୍ୱାନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଠାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ଜିଲାର କୋଣ ଅନୁକୋଣରୁ ଆସିଥିବା ନେତା ଓ କର୍ମୀ ଙ୍କୁ ଗୁରୁମନ୍ତ୍ର ଦେଇଥିଲେ ।ଆଜି ଜିଲାର ୨୯ଟି ଜିଲା ପରିଷଦ ସଭ୍ୟଙ୍କ ନାମ ଘୋଷଣା କରାଯାଇଛି । ନାମକୁ ପିସିସି ଙ୍କ ପାଖକୁ ଅନୁମୋଦନ ପାଇ ପଠାଯାଇଛି । ଏହି ଅବସରରେ କଂଗ୍ରେସର ଜିଲା ସୋସିଆଲ ମିଡିଆ ଅଧକ୍ଷ୍ୟ ଜ୍ୟୋତିରଂଜନ ମହାପାତ୍ର, ତଥା ସୋସିଆଲ ମିଡିଆ କୋଡିନେଟର ରାକେଶ କୁମାର ସାହୁ, ଜଗଦୀଶ ବାଗ , ଜୟପୁର ବିଧାନସଭା ଯୁବ କଂଗ୍ରେସ ସଭାପତି ରମେଶ ରାଓ କୁ ବିଧାୟକ ତାରା ପ୍ରସାଦ ବାହିନିପତି ଓ ଜିଲା ସଭାନେତ୍ରୀ ମିନାକ୍ଷୀ ବାହୀନିପତି ସମ୍ମିନିତ କରିଥିଲେ । ତ୍ରିସ୍ତରୀୟ ନିବାଚନରେ କଂଗ୍ରେସ ମାନେ ତ୍ରୀ ସ୍ତରୀୟ ହୋଇ ଲଢିବା ପାଇ ଉପସ୍ଥିତ ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ପଂଚାୟତ ନିବାଚନ ପରିଚାଳନା ପାଇ ବ୍ଲକ ସ୍ତରିୟ, ନିବାଚନ ମଣ୍ଡଳି ସ୍ତରୀୟ ଓ ଜିଲା ସ୍ତରିୟ କମିଟି ଗଠନ କରାଯାଇଛି । କଂଗ୍ରେସର ବରିଷ୍ଠ ନେତା ମାନେ ଏହି କମିଟି ରେ ରହିବାକୁ ସ୍ଥିର କରାଯାଇଛି । କୋଭିଡ ନିୟମ କୁ ମାନି ପ୍ରଚାର କରିବାକୁ କର୍ମୀ ଓ ନେତା ଙ୍କୁ ଜିଲା କମିଟି ତରଫରୁ ନିଦ୍ଦେଷ ଦିଆଯାଇଛି । ଏହି କାଯ୍ୟକ୍ରମରେ ବିଧାୟକ ବାହିନିପତି ଯୋଗ ଦେଇ ଦୁର୍ନିତି ବିରୁଦ୍ଧରେ ସତ୍ୟର ଲଢେଇ, ବିଜୁ ଜନତା ଦଳ ଯେଉଁ ବେକାରି ସମସ୍ୟା ବଢେଇଛି , ଦାଦନ ସମସ୍ୟା ବଢାଇଛି । ଗାଁ ଗହଳିର ଲୋକ ମାନେ କାମ ପାଇ ଆନ୍ଧ୍ର. ଛତିଶଗଡ , ବିଭିନ୍ନ ରାଜ୍ୟ କୁ ଚାଲି ଯାଉଛନ୍ତି, କୋଭିଡ ସମୟରେ ଅଭାବ ଅନଟନ ରହିଛି , ଗ୍ରାମରେ ଯେଉଁ ଦୁର୍ନିତି ହୋଇଛି ତାହାକୁ ଆଧାର କରି କଂଗ୍ରେସ ନିବାଚନ ଲଢେଇ କରିବ । ବିଜେଡି ଓ ବିଜେପିର ଅର୍ଥ ବଳ , ବାହୁ ବଳ ରହିଥିବା ବେଳେ କଂଗ୍ରେସର ଜନତା ଜନାଦ୍ଦନର ବଳ ରହିଛି । ଜନତା ଜନାଦ୍ଦନର ସେବା କରିବା ପାଇ କଂଗ୍ରେସ ଦଳ କୁ ନିଶ୍ଚୟ ଭୋଟ ଦେବେ ବୋଲି ବିଧାୟକ ବାହିନିପତି ଗଣ ମାଧ୍ୟମକୁ ସୁଚନା ଦେଇଛନ୍ତି । ଏହି ପ୍ରସ୍ତୁତି ବୈଠକରେ ବିନୋଦ ମହାପାତ୍ର, କୃଷ୍ଣ ନେପାକ, ଦୁର୍ଗା ଶଙ୍କର ସାହୁ, ରାମ ପାଢୀ, ପୁବତନ ବିଧାୟକ ରାମ କାଡାମ, ମଦନ ମୋହନ ନାୟକ, ଶଶୀ ଭୁଷଣ ପାତ୍ର, ଜିଲା ମହିଳା ସଭାନେତ୍ରୀ ନଳିନୀ ରଥ, ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ନରି ମହାନ୍ତି, ନିହାର ବିଷୋୟୀ, ବସନ୍ତ ନାୟକ, ଦୁର୍ଗା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ଚାକିରି ଛାଡି ଅଧକ୍ଷା ପଦରେ ଲଢିବେ ମାନସ ମଞ୍ଜରୀ

କେନ୍ଦ୍ରାପଡ଼ା,୧୭/୧ (ନି.ପ୍ର): ଚାକିରି ଛାଡି କେନ୍ଦ୍ରାପଡ଼ା ପୌର ପରିଷଦର ଅଧକ୍ଷା ପଦରେ ଲଢିବେ ପୂର୍ବତନ କାଉନସିଲର ଶରତ କୁମାର ବେହୁରାଙ୍କ ପତ୍ନୀ ମାନସ ମଞ୍ଜରୀ ଜେନା । ମାନସ ମଞ୍ଜରୀ ଜଣେ ଉଚ୍ଚ ଶିକ୍ଷିତା । ସେ ବର୍ତମାନ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଚିଫ ଲାଇବ୍ରେରିଆନ ଭାବେ କାର୍ଯ୍ୟରତ ଥିବା ବେଳେ ନୋଡାଲ ଅଫିସର ଭାବେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ସେ ରାଜନୈତିକ ବିଜ୍ଞାନରେ ଏମ୍ଏ କରିବା ସହ ଇଂରାଜୀ ମଧ ଏମ୍ଏ କରିଛନ୍ତି । ଏହାସହ ଲାଇବ୍ରେରୀ ସାଇନ୍ସରେ ମଧ ଏମ୍ଏ କରିଛନ୍ତି । ତେଣୁ ଜଣେ ଉଚ୍ଚ ଶିକ୍ଷିତା ମହିଳାଭାବେ ସେ କେନ୍ଦ୍ରାପଡ଼ା ସହରରେ ବେଶ ପରିଚିତ । ତାଙ୍କ ସ୍ୱାମୀ ଶରତ କୁମାର ବେହୁରା ପୂର୍ବରୁ କଂଗ୍ରେସ ଟିକଟରେ ୬ଥର କାଉନସିଲର ଭାବେ ବିଜୟୀ ହୋଇଛନ୍ତି । ଗତ ପୌର ପରିଷଦ ଅଧକ୍ଷ ପଦରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ନିକଟରେ ତାଙ୍କର ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, କେନ୍ଦ୍ରାପଡ଼ାର ପର୍ଯ୍ୟବେକ୍ଷକ ତଥା କଟକ-ବାରବାଟୀର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସାଂସଦ ସୁବାସ ସିଂ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଓ ପୂର୍ବତନ ବିଧାୟକ କିଶୋର ତରାଇ ଆସିଥିଲେ । ଏହାସହ ଏହି କାର୍ଯ୍ୟକ୍ରମରେ ବହୁ ବିଜେଡି ନେତା ମଧ ଯୋଗ ଦେଇଥିଲେ । ତେଣୁ ସେ ବିଜେଡିରେ ମିଶି ଅଧକ୍ଷ ଟିକଟ ବୋଲି ଚର୍ଚ୍ଚା ହୋଇଥିଲା । ହେଲେ କେନ୍ଦ୍ରାପଡ଼ା ପୌର ପରିଷଦ ଅଧକ୍ଷ ପଦ ମହିଳା ହୋଇଯିବାରୁ ତାଙ୍କ ପତ୍ନୀ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏଥିପାଇଁ ସେ ସରକାରୀ ଚାକିରି ଛାଡିବା ପାଇଁ ମଧ ପ୍ରସ୍ତୁତ ଥିବା କହିଛନ୍ତି । ଶ୍ରୀମତୀ ଜେନା କହିଛନ୍ତି ମୋ ସ୍ୱାମୀ ୬ ଥର କାଉନସିଲର ହୋଇ ଜନତାଙ୍କ ସେବା କରିଥିଲେ । ତେଣୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଁ ମଧ ସରକାରୀ ଚାକିରି ଛାଡି ଜନତାଙ୍କ ସେବା କରିବି । ଶ୍ରୀ ବେହୁରା କହୁଛନ୍ତି ମାନସ ମଞ୍ଜରୀ ଜଣେ ଉଚ୍ଚ ଶିକ୍ଷିତା । ଏହାସହ ସେ ରାଜନୀତି ବିଜ୍ଞାନରେ ଏମ୍ଏ କରିଛନ୍ତି । ତେଣୁ ରାଜନୀତି ବିଜ୍ଞାନର ଥିଓରୀକୁ ଜନସେବାରେ ଭଲ ଭାବେ ପ୍ରତିଫଳିତ କରିପାରିବେ । ହେଲେ କେଉଁ ଦଳରୁ ଲଢିବେ ଶ୍ରୀମତୀ ଜେନାଙ୍କୁ ପଚାରିବାରୁ ସେ କହିଲେ ଯେଉଁ ଦଳରୁ ଟିକଟ ମିଳିବ ସେ ଦଳରୁ ଲଢିବି । ଯଦି ଦଳୀୟ ଟିକଟ ପାଇବା ପାଇଁ ସମସ୍ୟା ହୁଏ ତାହା ହେଲେ ସ୍ୱାଧୀନ ପ୍ରାର୍ଥୀ ଭାବେ ଅଧକ୍ଷ ପଦରେ ଲଢିବି ବୋଲି ସେ କହିଛନ୍ତି ।

# ଦାଦନ ଶ୍ରମିକ ବିଡିଓ ନିଖୋଜ ସ୍ତ୍ରୀ ଥାନାର ଦ୍ୱାରସ୍ଥ

ନୂଆପଡ଼ା,୧୭/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୋର୍ଲା ଗ୍ରାମର ଜଣେ ଦାଦନ ଶ୍ରମିକ ଆଜିକୁ ୩ମାସ ହେଲା ନିଖୋଜ ଥିବା ଜଣାପଡିଛି । ଦାଦନ ଶ୍ରମିକ ଗୋର୍ଲା ଗ୍ରାମର ବିଡିଓ ମାଝି (୫୧) ବର୍ଷ ବୋଲି ଜଣାପଡି ଥିବା ବେଳେ ତାଙ୍କ ସ୍ତ୍ରୀ ନମତୀ ମାଝି ସିନାପାଲି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ନମତୀଙ୍କ ସ୍ୱାମୀ ବିଡିଓ ମାଝି ଆଜିକୁ ୬ ମାସ ତଳେ ବିଜୟୱାଡ଼ାକୁ କୁଲିମଜୁରି କାମ କରିବାକୁ ଯାଇଛନ୍ତି । ହେଲେ ଗତ ୩ମାସ ହେଲା ଘରକୁ ଯୋଗାଯୋଗ କରୁନାହାନ୍ତି । ଗଲା ଦିନଠାରୁ ୩ମାସ ପର୍ଯ୍ୟନ୍ତ ଫୋନରେ ଯୋଗାଯୋଗ କରି ପରିବାର ସହ କଥାବାର୍ତ୍ତା ହେଉଥିଲେ । ହେଲେ ହଟାତ ଆଜିକୁ ୩ମାସ ହେଲା କୌଣସି ପ୍ରକାରର ଯୋଗାଯୋଗ କରୁନାହାନ୍ତି । ଏନେଇ ନମତୀ ନୂଆପଡ଼ା ଜିଲ୍ଲା ଗୋଣ୍ଡ ସମାଜ ସଭାପତି ପ୍ରଶନ୍ନ ମାଝି, ଗୋର୍ଲା ସରପଂଚ ଦିଲିପ କୁମାର ମାଝିଙ୍କ ସହାୟତାରେ ସିନାପାଲି ଥାନାରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଖବର ଶୁଣି ଜିଲ୍ଲା ଦଳିତ ଅଧିକାର ମଂଚ ସଭାପତି କମଲ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଦଳିତ ଅଧିକାର ଟିମ ଦାଦନ ଶ୍ରମିକଙ୍କ ଘରେ ପହଂଚି ନମତୀଙ୍କ ସହ ଆଲୋଚନା କରିଛନ୍ତି । ଏନେଇ ସିନାପାଲି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଲାଇ ଥିବା ସୂଚନା ମିଳିଛି ।

# ମା’ ହରଗୌରୀ ଯୁଥ କ୍ଲବ ପକ୍ଷରୁ ବୃକ୍ଷରୋପଣ

ନୂଆପଡ଼ା,୧୭/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଦୋହେଲପଡା ଗ୍ରାମ ଠାରେ ଆଜି ମାଁ ହରଗୌରୀ ଯୁଥ କ୍ଲ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଂଚ ନିଦ୍ରା ହରିଜନ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ । ଏଥିରେ କ୍ଲବର ଉପେନ୍ଦ୍ର ବେହେରା, ସୋନୁ କୁମାର ମଙ୍ଗରାଜ, କରଣ ହିଆଲ, ମାର୍କଣ୍ଡ ମଙ୍ଗରାଜ, ମଛିନ୍ଦ୍ର ବେହେରା, ବଂଟି ଭୋଇ, ସୁରଜ ମଙ୍ଗରାଜ, କେତନ ବାଗ, ଦେବରାଜ ଭୋଇ, ଭୋଦେବ ବେହେରା, ରାକେଶ ବେହେରା, ସୁଭମ ରାଉତ, ଦୀନବନ୍ଧୁ ତାଣ୍ଡି, ଦିପକ ହିଆଲ, ଅଜୟ ଦୀପ, ଘନ ହିଆଲ ପ୍ରମୁଖ ଯୋଗଦାନ କରି ଗ୍ରାମର ପଡିଆରେ ବିଭିନ୍ନ ପ୍ରକାରର ଚାରା ରୋପଣ କରି ତାର ଯତ୍ନ ନେବାକୁ ସଙ୍କଳ୍ପ ନେଇଥିଲେ ।

# କନିଷ୍ଠ ରେଡ଼କ୍ରସ ତରଫରୁ ହାଇଜେନିକ କିଟ୍ ବଂଟନ

ଜୟପୁର,୧୭/୧ (ନି.ପ୍ର): ଭାରତୀୟ ରେଡ଼ କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖା ତରଫରୁ କୋରାପୁଟ ଜିଲ୍ଲା ଶାଖାକୁ ଯୋଗାଇ ଦିଆଯାଇଥିବା ହାଇଜେନିକ କିଟକୁ କୋରାପୁଟ ଜିଲ୍ଲା ଜୁନିୟର ରେଡ଼କ୍ରସ ସୋସାଇଟି ଆନୁକୂଲ୍ୟରେ ଆଜି ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ପଂଚାୟତର କୁମ୍ଭାରପୁଟ ଓ ଭାଲୁଗୁଡା ଗ୍ରାମ ଏବଂ ବାଲିଆ ପଂଚାୟତର ସୁନାନଗର ଗ୍ରାମର ଜନସାଧାରଣଙ୍କୁ ବଂଟନ କରାଯାଇଛି ।ଏହି ଅବସରରେ ଜନସାଧାରଣଙ୍କୁ ଓମିକ୍ରନ ,ହାତଧୁଆ କୌଶଳଓ ସମାଜିକ ଦୂରତ୍ୱ ଉପରେ ସଚେତନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଜୁନିୟର ରେଡ଼ କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ,ରେଡ଼କ୍ରସର ଆଜୀବନ ସଦସ୍ୟ ଶଙ୍କର ପ୍ରହରାଜ,ନିରଞ୍ଜନ ପାଣିଗ୍ରାହୀ, କାଳୀ ପଦ ମୋଇକୋତ୍ ଏବଂ ଜୁନିୟର ରେଡ଼କ୍ରସ ସାଧନକର୍ମୀ ତଥା ସ୍ୱେଚ୍ଛାସେବୀ ଭାସ୍କର ଚନ୍ଦ୍ର ସାହୁ ପରିଚାଳନା କରିଥିଲେ ।

# ସମ୍ବଲପୁର ଜିଲ୍ଲା ପରିଷଦ ଅଧକ୍ଷା ପଦ ପାଇଁ ବହୁ ମହିଳା ପ୍ରାର୍ଥୀ ଆଶାୟୀ, ବିଜେଡି ଟିକଟ ଆଶାୟୀଙ୍କ ଲମ୍ବା ତାଲିକା

ସମ୍ବଲପୁର ,୧୭/୧ (ନି.ପ୍ର): ସୋମବାର ସକାଳ ପାହିଲେ ପଂଚାୟତ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ଆରମ୍ଭ ହେବ । ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ରାଜନୈତିକ ଦଳ ସେମାନଙ୍କ ଟିକଟ ଘୋଷଣା କରିନାହାନ୍ତି । ଏପଟେ ସବୁ ଦଳରେ ଜିଲ୍ଲା ପରିଷଦ ଟିକଟ ପାଇଁ ଆଶାୟୀଙ୍କ ଲବି ଜୋରଦାର ହୋଇଛି । ଏଭଳି ସ୍ଥିତିରେ ସମ୍ବଲପୁର ଜିଲ୍ଲା ପରିଷଦ ଅଧକ୍ଷା ଆସନ ମହିଳା(ଅଣସଂରକ୍ଷିତ) ଥିବା ବେଳେ ଜିଲ୍ଲାର ସମସ୍ତ ୧୮ଟି ଆସନରେ ମହିଳା ପ୍ରାର୍ଥୀ ଉଠିବା ନେଇ ସୁଯୋଗ ସୃଷ୍ଟି ହୋଇଛି । କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଆସନ ବ୍ୟତୀତ ଅନ୍ୟ ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଆସନରେ ବି ମହିଳା ଉଠିପାରିବେ । ତେଣୁ, ସମସ୍ତ ଆସନରେ ଅଧକ୍ଷା ପଦ ପାଇଁ ମହିଳା ଦାବିଦାର ଥିବା ଚର୍ଚ୍ଚା ଜୋର ଧରିଲାଣି । ଅପରପକ୍ଷେ, ଟିକଟ ଲବି ଜୋର ହୋଇଥିବା ବେଳେ ବିଜୟ ସମ୍ଭାବନା ଦୃଷ୍ଟିରୁ ବିଜେଡିରେ ଆଶାୟୀଙ୍କ ତାଲିକା ବହୁତ ଲମ୍ବା ଥିବା ସୂଚନା ମିଳିଛି । ଆସନ୍ତା ଫେବ୍ରୁଆରୀ ୧୬ ତାରିଖରୁ ୫ଟି ପର୍ଯ୍ୟାୟରେ ରାଜ୍ୟରେ ପଂଚାୟତ ନିର୍ବାଚନ ପାଇଁ ମତଦାନ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ୪ ଦିନ ତଳୁ ରାଜ୍ୟରେ ଆଚରଣ ବିଧି ବି ଲାଗୁ ହୋଇସାରିଛି । ହେଲେ ତାରିଖ ଘୋଷଣାର ଦିନକ ପୂର୍ବରୁ ପ୍ରକାଶିତ ହୋଇଥିବା ଚୂଡାନ୍ତ ସଂରକ୍ଷଣ ତାଲିକା ବିଚିତ୍ର ସ୍ଥିତି ସୃଷ୍ଟି କରିଛି । ଏଥର ଜିଲ୍ଲା ପରିଷଦ ଅଧକ୍ଷା ଆସନ ମହିଳା(ଅଣସଂରକ୍ଷିତ)ଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ଆଉ ଜିଲ୍ଲାର ସମସ୍ତ ୧୮ଟି ଆସନରେ ମହିଳାଙ୍କୁ ପ୍ରାର୍ଥୀ ହେବା ପାଇଁ ସୁଯୋଗ ଭରି ରହିଛି । ତେଣୁ, ଅଧକ୍ଷା ପଦକୁ ଟାର୍ଗେଟ କରି ଅଧିକାଂଶ ଆସନରେ ମହିଳା ପ୍ରାର୍ଥୀ ଛିଡା ହେବାର ସମ୍ଭାବନା ଦେଖାଦେଲାଣି । ଜିଲ୍ଲାର ୧୮ଟି ଆସନ ମଧ୍ୟରୁ ୩ଟି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ପାଇଁ ୬ଟି ଏବଂ ୯ଟି ଅଣସଂରକ୍ଷିତ ରହିଛି । ସେଥିରୁ ମହିଳାଙ୍କ ପାଇଁ ଅନୁସୂଚିତ ଜାତି ବର୍ଗରେ ୨ଟି, ଅନୁସୂଚିତ ଜନଜାତି ବର୍ଗରେ ୩ଟି ଏବଂ ଅଣ ସଂରକ୍ଷିତ ୪ଟି ଆସନ ରହିଛି । ହେଲେ ଅବଶିଷ୍ଟ ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ଏବଂ ଅଣସଂରକ୍ଷିତ ଆସନରେ ମହିଳା ପ୍ରାର୍ଥୀ ଛିଡା ହେବା ପାଇଁ ସୁଯୋଗ ଖୋଲା ରହିଛି । କୁଚିଣ୍ଡା ଜୋନ୍-୧ ଅଣସଂରକ୍ଷିତ ଏବଂ ଜୋନ୍ -୨ ଅନୁସୂଚିତ ଜନଜାତି, ଜମନକିରା ଜୋନ୍-୧ ମହିଳା, ଜୋନ୍-୨ ଅନୁସୂଚିତ ଜନଜାତି (ମହିଳା), ଧନକଉଡା ଜୋନ୍-୧ ଅଣସଂରକ୍ଷିତ, ଜୋନ୍-୨ ଅନୁସୂଚିତ ଜାତି, ନାକଟିଦେଉଳ ଜୋନ୍-୧ ମହିଳା, ନାକଟିଦେଉଳ ଜୋନ୍-୨ ମହିଳା, ବାମରା ଜୋନ୍-୧ ଅନୁସୂଚିତ ଜନଜାତି, ଜୋନ୍-୨ ଅଣସଂରକ୍ଷିତ, ମାନେଶ୍ୱର ଜୋନ୍-୧ ଅନୁସୂଚିତ ଜନଜାତି (ମହିଳା), ଜୋନ୍-୨ ଅନୁସୂଚିତ ଜାତି (ମହିଳା), ଯୁଯୁମୁରା ଜୋନ୍-୧ ମହିଳା, ଜୋନ୍-୨ ଅନୁସୂଚିତ ଜନଜାତି, ରେଢାଖୋଲ ଜୋନ୍-୧ ଅନୁସୂଚିତ ଜନଜାତି (ମହିଳା), ଜୋନ୍-୨ ଅଣସଂରକ୍ଷିତ, ରେଙ୍ଗାଲି ଜୋନ୍-୧ ଅନୁସୂଚିତ ଜାତି (ମହିଳା) ଏବଂ ଜୋନ୍-୨ ଅଣସଂରକ୍ଷିତ ରହିଛି । ଅପରପକ୍ଷେ, ଅଣସଂରକ୍ଷିତ ତଥା ମହିଳା(ଅଣସଂରକ୍ଷିତ) ଥିବା ଆସନର ଟିକଟ ପାଇଁ ଅଧିକ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଚର୍ଚ୍ଚା ହେଉଛି । କାରଣ, ଏହି ଆସନ ଗୁଡିକରୁ ଆଶାୟୀ ଥିବା ନାରୀ ନେତ୍ରୀମାନେ ମୁଖ୍ୟତଃ ପ୍ରଭାବଶାଳୀ, ରାଜନୀତିରେ ଅଭିଜ୍ଞ ତଥା ବିତ୍ତଶାଳୀ ଥିବାରୁ ଅଧକ୍ଷା ଆସନକୁ ଟାର୍ଗେଟ କରୁଥିବା ଚର୍ଚ୍ଚା ହେଉଛି । ତେବେ, ଏହି ଟିକଟ ଲବିରେ ସବୁଠାରୁ ଅଧିକ ଆଶାୟୀଙ୍କ ସଂଖ୍ୟା ବିଜେଡିରେ ହିଁ ରହିଥିବା ଦଳୀୟ ସୂତ୍ରରୁ ଜଣାପଡିଛି । ଏହାର କାରଣ ହେଲା ଯେ, ବିଜୟ ସମ୍ଭାବନାକୁ ଦୃଷ୍ଟିରେ ରଖି ଅନେକ ଆଶାୟୀ ବିଜେଡି ଟିକଟ ହାତେଇବାକୁ ଚେଷ୍ଟା କରୁଥିବା କୁହାଯାଉଛି । ମୋଟ୍ ଉପରେ ଆଉ ମାତ୍ର ଦିନକ ପରେ ଟିକଟ ସ୍ଥିତି ସ୍ପଷ୍ଟ ହେବା ନେଇ ଆଶା କରାଯାଉଛି ।

# ବଲାଙ୍ଗିରରେ କଂଗ୍ରେସର ନିର୍ବାଚନ ପ୍ରସ୍ତୁତି

ବଲାଙ୍ଗିର ,୧୭/୧ (ନି.ପ୍ର): ଆଗକୁ ନିର୍ବାଚନ । ପ୍ରସଙ୍ଗ ଅନେକ । ନାରୀ ନିର୍ଯ୍ୟାତନାରେ ସରକାରୀ ମନ୍ତ୍ରୀମାନଙ୍କର ସଂପୃକ୍ତି, ବ୍ଲକ ମାନଙ୍କରେ ସରକାରୀ ଦଳ ନେତାଙ୍କ ଦୁର୍ନିତି, ଚାଷୀ ସମସ୍ୟା ଏବଂ ନିର୍ବାଚନୀ ସଂରକ୍ଷଣରେ ପଛୁଆ ବର୍ଗ ଓ ଜନଜାତିଙ୍କୁ ବାଦ ଦେବା ଘଟଣା ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ଉଦବେଳିତ କରିଛି । ସାଧାରଣ ଜନତା ଏହି ସବୁ ସମସ୍ୟାରୁ ମୁକୁଳିବା ପାଇଁ ବାରମ୍ବାର ଦାବୀ ଆନ୍ଦୋଳନ କରୁଥିଲେ ହେଁ ଏହି ଜନ ବିରୋଧି ନାବୀନ ସରକାର ସେସବୁ ଭୃକ୍ଷେପ କରୁ ନାହିଁ । ଓଲୋଟା ଏସବୁ ସମସ୍ୟାର ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ କ୍ରମାଗତ ଭାବେ ସୁରକ୍ଷା ଦେବାରେ ଲାଗିଛି । ତେଣୁ ଆଜିର ଉପସ୍ଥିତ ଥିବା ବଲାଙ୍ଗିର ସଦର ବ୍ଲକର ପଂଚାୟତ ସ୍ତରିୟ ନେତୃବୃନ୍ଦମାନେ ସରକାରଙ୍କ ଏହି ଦୋଷ ଦୁର୍ବଳତାକୁ ନେଇ ଗାଁ କୁ ଗାଁ , ଘର କୁ ଘର ଯାଇ ଲୋକଙ୍କ ଆଗରେ ସରକାରର ମୁଖା ଖୋଲନ୍ତୁ ବୋଲି ଆଜି ସଦର ବ୍ଲକ ସ୍ଥିତ ଛତାମଖନା ଠାରେ ଆଗାମୀ ପଂଚୟତ ନିର୍ବାଚନ କୁ ନେଇ ଅନୁଷ୍ଠିତ ହୋଇଥିବା ଏକ ପ୍ରସ୍ତୁତି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ନେତୃବୃନ୍ଦଙ୍କୁ କହିଛନ୍ତି । ବ୍ଲକ କଂଗ୍ରେସ କମିଟି ସଭାପତି ରାମପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ଶ୍ରୀ ମିଶ୍ର ଆହୁରି ମଧ କହିଛନ୍ତି ଯେ, ଗାଁକୁ କାମ ଦେବା ନାଁରେ ଏହି ସରକାର ଓ ତାଙ୍କ ଦଳର କର୍ମୀମାନେ ଦୁର୍ନିତି ରେ ଲିପ୍ତ ରହିଛନ୍ତି । ମାଁକୁ ସମ୍ମାନ ଦେବା କଥା କହୁଥିବା ଏହି ସରକାର ମମିତା ହତ୍ୟାକାଣ୍ଡରେ ସଂପୃକ୍ତି ଥିବା ମନ୍ତ୍ରୀଙ୍କୁ ସୁରକ୍ଷା ଦେଉଛି । ଚାଷୀ ତାର ଅମଳର ଠିକ ମୂଲ୍ୟ ପାଉ ନାହିଁ । ପଛୁଆ ବର୍ଗ ତଥା ଆଦିବାସୀଙ୍କୁ ନିର୍ବାଚନୀ ସଂରକ୍ଷଣ ରୁ ବାଦ ଦେଇ ତାଙ୍କର ସମ୍ବିଧାନିକ ଅଧିକାରକୁ ହନନ କରିଛି । ଏହି ସବୁ ଚିତ୍ର ଓ ଚରିକୁ ନେଇ ଆମ ଦଳର କର୍ମୀମାନେ ଲୋକଙ୍କ ପାଖକୁ ଯାଇ ସମର୍ଥନ ଲୋଡନ୍ତୁ, ଦେଖିବେ ଦଳ ନିଶ୍ଚିତ ଭାବେ ବିଜୟୀ ହେବ । ଉପସ୍ଥିତ ଥିବା ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର ନେତା ଓ କର୍ମୀମାନଙ୍କ ମଧ୍ୟରେ ଏକତା ରଖି ନିର୍ବାଚନୀ ଯୋଜନାକୁ ଠିକ ଭାବରେ କାର୍ଯ୍ୟକାରୀ କରି ପାରିଲେ ଆମେ ନିଶ୍ଚୟ ବିଜୟ ଲାଭ କରିବା ବୋଲି କହିଥିଲେ । ଆଜିର ବୈଠକରେ ସରପଂଚ ସମିତି ସଭ୍ୟ ତଥା ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଉଭୟ ଜୋନର ଜିଲ୍ଲା ପରିଷଦ ପ୍ରାର୍ଥିଚୟନକୁ ନେଇ ବିଭିନ୍ନ ପ୍ରସ୍ତାବ ଆସିଥିଲା । ଜୋନ ୨୨ ଜିଲ୍ଲା ପରିଷଦ ପ୍ରାର୍ଥି ଭାବରେ ଯୋଶବନ୍ତି ବଘାର ଓ ଜୋନ ୨୩ର ନିଳାଦ୍ରୀ ସେଠଙ୍କ ନାମକୁ ନେଇ ଉପସ୍ଥିତ ଥିବା ନେତା ତଥା କର୍ମୀଗଣ ସମ୍ମତି ପ୍ରକାଶ କରିଥିଲେ । ଆଜିର ବୈଠକରେ ଡିସିସି ସଭ୍ୟ ରାଧାକାନ୍ତ ଭୋଇ, ବିଧାୟକ ବ୍ଲକ ପ୍ରତିନିଧି କିଶୋର ସିଂ ନିନା, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ପ୍ରଧାନ, ସଦର ବ୍ଲକ ଉପଧକ୍ଷା ଯୋଶବନ୍ତି ବଘାର, ଲୋକନାଥ କୁମୁରା, ଶ୍ରୀଧର ବାରିକ, ବିଜ୍ଞାନେନ୍ଦ୍ର ମିଶ୍ର, ସଂକିର୍ତନ ମେହେର, ମୋନା କୁମାରୀ ଭୋଇ, ସଞ୍ଜିବ ପ୍ରଧାନ, ରାଜା ପଣ୍ଡା, ଗୋପି ପଟେଲ, ପ୍ରକାଶ ବରେଇ, ଶ୍ରୀପତି ପ୍ରଧାନ, ପଂଚା ଘିବେଲା, ମହେନ୍ଦ୍ର ମଲିଲଙ୍କ ସମେତ ବ୍ଲକର ସମସ୍ତ ପଂଚାୟତରୁ ଦଳିୟ ନେତୃବୃନ୍ଦମାନେ ଉପସ୍ଥିତ ଥିଲେ । ଏହି ସଭାରେ କଂଗ୍ରେସ ଦଳର ଆଦର୍ଶ ଓ ନରସିଂହ ମିଶ୍ରଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଫାସଡ ର ଯୁବ ନେତା ନିପୁନ ନାଏକ ଓ ସକମାର ପ୍ରେମାନନ୍ଦ ସ୍ୱାଇଁ ଆଜି କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି ।

# ୧୫ ତମ ମା’ ହିଙ୍ଗୁଳା ଫୁଟବଲ ପ୍ରତିଯୋଗିତା ଉଦଯାପିତ : ଧନପୁର ଚମ୍ପିଅନ

କୋରେଇ,୧୭/୧ (ନି.ପ୍ର): ପଥରପଦା ପଂଚାୟତ ଅର୍ନ୍ତଗତ ଓଚିନ୍ଦା ଗ୍ରାମର ମା ହିଙ୍ଗୁଳା ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ୧୫ ତମ ଫୁଟବଲ ପ୍ରତିଯୋଗୀତା ଆଜି ଉଦଯାପିତ ହୋଇଯାଇଛି । ଏହି ପ୍ରତିଯୋଗୀତା ୩ ଦିନ ହେବାକୁ ଥିବା ବେଳେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ବର୍ଷା ଯୋଗୁ ଖେଳକୁ ୩ ଦିନ ବନ୍ଦ ରଖାଯାଇଥିଲା । ଆଜି ଏହି ପ୍ରତିଯୋଗୀତାକୁ ଅତିଥି ଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସରପଂଚ ପ୍ରକାଶ ଚନ୍ଦ୍ର ମଲ୍ଲିକ, ଡା, ସୁରେଶ ଚନ୍ଦ୍ର ପଣ୍ଡା, ସୟଦ ଅଲ୍ଲୀ, ତଉଲି ସାମଲ ପ୍ରମୁଖ ଯୋଗଦେଇ ବିଜୟୀ ଓ ପରାଜିତ ଦଳକୁ ପୁରସ୍କୃତ କରିଥିଲେ । ପ୍ରଥମ ମ୍ୟାଚ ଭାଲୁକୁହୁଡି ବନାମ ମାଝିସାହି ଯାଜପୁରରୋଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ଯାଜପୁରରୋଡ ୧-୦ରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ କେନ୍ଦୁଆପଦା ବନାମ ଧନପୁର ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଧନପୁର ୧-୦ରେ ବିଜୟୀ ହୋଇଥିଲା । ଫାଇନାଲ ମ୍ୟାଚ ଧନପୁର ବନାମ ଯାଜପୁରରୋଡ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୧-୦ଗୋଲରେ ଧନପୁର ବିଜୟୀ ହୋଇ ଚଳିତ ବର୍ଷର ଚମ୍ପିଅନ ହୋଇଥିଲା । ରେଫରୀ ଭାବେ ଜିତେନ୍ଦ୍ର ପ୍ରସାଦ ବାରିକ ଓ ମାନସ ମୁର୍ମୁ ଓ ଲାଇନ୍ସମ୍ୟାନ ଭାବେ ମାନସ ମୁର୍ମୁ ଓ ଖୁଦିରାମ ମୁର୍ମୁ ଯୋଗଦାନ କରିଥିବା ବେଳେ ଅଜୟ କୁମାର ଧଳ ଧାରାବିବରଣୀ ପ୍ରଦାନ କରିଥିଲେ । ଏହି ପ୍ରତିଯୋଗୀତାକୁ ସନ୍ତୋଷ ମଲିକ, ରଜତ ବେହେରା, ଯଶୋବନ୍ତ ଓଝା, ବଳରାମ ଯେନା, ଅମୂଲ୍ୟ ମଲିକ, ଜଗନ ମଲିକ, ଆଶିଷ ଭାରତୀ, ରାଜେନ୍ଦ୍ର ମଲିକ, ଅକ୍ଷୟ ଦାସ, ନାରଣ ମଲିକ, ଅଭୟ ମଲିକ, ବିଶ୍ୱନାଥ ଯେନା, କାହ୍ନୁ ଧଳ, ରୁଦ୍ରନାରାୟଣ ଦାସ, ରବିନ୍ଦ୍ର ମଲିକ, ଜିତେନ୍ଦ୍ର ଭାରତୀ, ଆଲୋକ ବେହେରା, ଶିବପ୍ରସାଦ ଗିରି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଲୁଣର ଉପଯୋଗିତା



ଆମ ଭାରତୀୟ ବ୍ୟଞ୍ଜନରେ ଲୁଣର ବ୍ୟବହାର ହେବା ନିଶ୍ଚିତ, ଏହା ଖାଦ୍ୟକୁ ଏକ ପୂର୍ଣ୍ଣାଙ୍ଗ ରୂପ ଦେଇଥାଏ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ । ଦୈନନ୍ଦିନ ତରକାରିରେ ସାଧା ଲୁଣ,



ଚଟପଟା ଖାଦ୍ୟରେ କଳା ଲୁଣ ଓ ବ୍ରତ - ଉପବାସରେ ସୈନ୍ଧବ ଲୁଣ ଯଥାମାତ୍ରାରେ ବ୍ୟବହାର କରାଯାଇଥାଏ । ପ୍ରତ୍ୟେକ ପ୍ରକାର ଲୁଣର ଆବଶ୍ୟକତା ଆମ ସ୍ୱାସ୍ଥ୍ୟ ନିମିତ୍ତ ଥିବାର ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି । ଆୟୋଡିନ୍ ଯୁକ୍ତ ପ୍ୟାକେଟ୍ ଲୁଣର ବ୍ୟବହାର ନିୟମିତ ଭାବେ ନିଜ ଖାଦ୍ୟପାନୀୟରେ କରିବା ଉଚିତ । ଆବଶ୍ୟକ ପରିମାଣରେ ଏହି ଲୁଣ ନ ଖାଇଲେ ଥାଇରଏଡ୍ ପରି ରୋଗ ହେବାର ଆଶଙ୍କା ସର୍ବାଧିକ । ଅନ୍ୟପାଖେ ଏହି ଲୁଣକୁ ଅଧିକ ଖାଇବା ମଧ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

ସୈନ୍ଧବଲୁଣକୁ ଆୟୁର୍ବେଦରେ ସର୍ବୋତ୍ତମ ଲୁଣ ଭାବେ ବର୍ଣ୍ଣନା କରାଯାଇଛି ।






ଭାରତୀୟ ହିନ୍ଦୁ ପରିବାରରେ ବ୍ରତ ଓ ଉପବାସରେ ଏଇ ଲୁଣର ବ୍ୟବହାର କରାଯାଏ । ସୈନ୍ଧବ ଲୁଣରେ ଥିବା ବିଭିନ୍ନ ପ୍ରକାର ଖଣିଜ ତତ୍ତ୍ୱ ଆମ ପାଚନତନ୍ତ୍ରକୁ ଶକ୍ତିଶାଳୀ କରେ । ନିୟମିତ ଭାବେ ବିଭିନ୍ନ ତରକାରିରେ ଏଇ ସୈନ୍ଧବ ଲୁଣର ଉପଯୋଗ କଲେ, ଶରୀରରୁ କୋଲେଷ୍ଟୋରଲ, ମାନସିକ ଚାପ, ଆଣ୍ଠୁଚଗଣ୍ଠି ବିନ୍ଧା ଇତ୍ୟାଦି ରୋଗ ନିୟନ୍ତ୍ରିତ ହୋଇଥାଏ ।

ଚଟପଟା ଖାଦ୍ୟର ସୁଆଦ ପାଇଁ କଳା ଲୁଣର ଉପଯୋଗ କରାଯାଏ । ଏଥିରେ ସୋଡ଼ିୟମ କ୍ଲୋରାଇଡ୍ ସହ ସୋଡ଼ିୟମ ସଲଫେଟ୍, ଆଇରନ ସଲଫାଇଡ୍ ଇତ୍ୟାଦି ତତ୍ତ୍ୱ ମହଜୁଦ୍ ଥିବାରୁ ତାହା ସ୍ୱାସ୍ଥ୍ୟ ପାଇଁ ଉତ୍ତମ । ଅମ୍ଳ ରୋଗକୁ ନିୟନ୍ତ୍ରଣ କରିବାରେ ଏଇ ଲୁଣ ସହାୟକ ହେଉଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ । ଉଚ୍ଚ ରକ୍ତଚାପ ରୋଗୀ ଏଇ ଲୁଣର ଅଳ୍ପ ମାତ୍ରାରେ ନିୟମିତ ସେବନ କଲେ ସେମାନଙ୍କ ରକ୍ତଚାପ ନିୟନ୍ତ୍ରଣ ହୋଇଥାଏ । ହିମାଲୟାନ ପିଙ୍କ ସଲ୍ଟ ହିମାଳୟ ପାହାଡ଼ରୁ ପ୍ରାଚୀନ ଶୈବାଳରୁ ଏଇ ଲୁଣ ଉତ୍ପନ୍ନ ହୋଇଥାଏ । ଗୋଲାପୀ ରଙ୍ଗର ହିମାଲୟାନ୍ ପିଙ୍କ ସଲ୍ଟ ଏବେ ବିଶ୍ୱବଜାରରେ ମଧ ଆଦୃତି ଲାଭ କରିଛି । ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିବା ଏଇ ଲୁଣରେ ଲୌହର ପରିମାଣ ସର୍ବାଧିକ ଥିବାର ପରୀକ୍ଷାରୁ ଜଣାପଡ଼ିଛି ।

## ଗାଡ଼ି ଭଳି ଚାଲିବ ଚାଳକବିହୀନ ହୋଟେଲ




ଏକବିଂଶ ଶତାବ୍ଦୀ ନୁହେଁ, ଗବେଷକଙ୍କ ଚେଷ୍ଟାରେ ଏହା ଆଗାମୀ କିଛିଦିନ ମଧ୍ୟରେ 'ସ୍ମାର୍ଟଶତାବ୍ଦୀ' ଭାବେ ନାମକରଣ କରାଯିବା ଥୟ । କର୍ମଜୀବୀ ଲୋକେ କାମରୁ ତ୍ରାହି ପାଇବା ନିମନ୍ତେ ନିୟମିତ ଭାବେ ଭ୍ରମଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଏଣୁ ଏଥରକ ସେମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ 'ଡ୍ରାଇଭରଲେସ୍ ହୋଟେଲ' । ଏହି ଚଳନ୍ତା ହୋଟେଲ ଅନବରତ ୧୦ଘଣ୍ଟା ଯାତ୍ରା କରିପାରିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ନ୍ୟୁୟର୍କ, ପିଟସବର୍ଗ, ବୋଷ୍ଟନ୍, ଓ୍ୱାଶିଂଟନରେ ଏହି ଚାଳକବିହୀନ ହୋଟେଲର କାର୍ଯ୍ୟ ଆରମ୍ଭ ହେବ । ବ୍ୟାଟେରିଚାଳିତ ଏଇ ହୋଟେଲର କାର୍ଯ୍ୟ ଆରମ୍ଭ ହେବ । ବ୍ୟଟେରିଚାଳିତ ଏଇ ହୋଟେଲର ଶୁଭାରମ୍ଭ କରିଛନ୍ତି ନ୍ୟୁୟର୍କନିମାବୀ ଷ୍ଟିଭ୍ ଲି । ତାଙ୍କ କହିବାନୁସାରେ, ଏବର ପିଢ଼ିକୁ ଏଇ ଚଳନ୍ତା ହୋଟେଲ ଖୁବ୍ ପସନ୍ଦ ଆସିବ । କାରଣ ହୋଟେଲ ଖର୍ଚ୍ଚ ସହ ଗାଡ଼ି ଭଡ଼ାର ଚିନ୍ତା ଏଥିରେ ଯାତ୍ରା କଲେ ଆଦୌ ନଥାଏ । ୨୦୨୧ ସୁଦ୍ଧା ବିଶ୍ୱବଜାରରେ 'ଡ୍ରାଇଭରଲେସ୍ ହୋଟେଲ' ସୁବିଧା ଆରମ୍ଭ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ଚୁଟି ପାଇଁ ବଡ଼ ଉପକାରୀ ରସୁଣ




ରସୁଣ ଖାଲି ଯେ, ଖାଇବାର ସ୍ୱାଦ ବଢ଼ାଇଥାଏ ତା' ନୁହେଁ ଏଥିରେ ଥିବା ଆର୍ୟୁବେଦିକ୍ ତତ୍ତ୍ୱ ଏହା ଅନେକ ରୋଗରୁ ମଧ ମୁକ୍ତି ଦେଇଥାଏ । ଆପଣ କ'ଣ ଜାଣନ୍ତି ଯେ, ଆପଣଙ୍କ ଚୁଟି ପାଇଁ ମଧ ରସୁଣ ବଡ଼ ଉପଯୋଗୀ? ଏହାର ବ୍ୟବହାର ଖାଲି ଯେ, ଚୁଟିକୁ ବଢ଼ାଇଥାଏ ତାହା ନୁହେଁ ବରଂ ରୁପିରୁ ମଧ ମୁକ୍ତି ଦେଇଥାଏ ।

ମଜବୁତ ଚୁଟି ପାଇଁ ବି-୬-ସି ଏବଂ ମାଙ୍ଗାନିଜର ଆବଶ୍ୟକ ଥିଲା ବେଳେ ଏହିସବୁ ତତ୍ତ୍ୱ ରସୁଣରେ ମହଜୁଦ ରହିଛି । ରସୁଣରେ ଆଣ୍ଟିମାଇକ୍ରୋବିୟଲ ଏବଂ ଆଣ୍ଟିଫଙ୍ଗଲ ପ୍ରପଟିଜ ମଧ ରହିଛି । ଯାହା ଚୁଟିକୁ ବ୍ୟାକ୍ଟେରିଆ ଏବଂ ଅନ୍ୟ କ୍ଷତିକାରକ ତତ୍ତ୍ୱରୁ ମୁକ୍ତି ଦେଇଥାଏ ।

ରସୁଣର ବ୍ୟବହାର ଦ୍ୱାରା ଚୁଟି ଝଡ଼ିବା ମଧ ବନ୍ଦ ହୋଇଥାଏ । ତେବେ ଯଦି ଆପଣ କୌଣସି ସ୍କିନ୍ ସମସ୍ୟାରେ ଅଛନ୍ତି ତେବେ ଚୁଟିରେ ରସୁଣର ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଦରକାର ।

ରସୁଣ ସହ ମହୁ ମିଶାଇ ଚୁଟିରେ ଲଗାଇଲେ ଚୁଟି ବଢ଼ିଥାଏ । ରସୁଣ ଏବଂ ନଡ଼ିଆ ତେଲ ମିଶାଇ ଚୁଟିରେ ଲଗାଇଲେ ଚୁଟି ଝଡ଼ିବା କମିଥାଏ । ସେହିପରି ରସୁଣ ଓ ଅଦା ମିଶାଇ ମଧ ଚୁଟିରେ ଲଗାଇଲେ ଚୁଟି ମଜବୁତ ହୋଇଥାଏ ।

## ପିଲାଙ୍କ ଉଚ୍ଚତା ବଢ଼ାଇବା ପାଇଁ

ପିଲାଙ୍କୁ ସବୁବେଳେ ଆଉଟଡୋର ଗେମ୍ ପ୍ରତି ଆକର୍ଷିତ କରନ୍ତୁ । ଖାସକରି ବାସ୍କେଟବଲ ଖେଳିବା ଲାଗି ଆଗ୍ରହ ବଢ଼ାନ୍ତୁ । ଏହା ଦ୍ୱାରା ହାଡ଼ ଏବଂ ମାଂସପେଶୀ ସମ୍ପ୍ରସାରିତ ହୋଇଥାଏ, ଯାହା ଉଚ୍ଚତା ବଢ଼ାଇବାରେ ସାହାଯ୍ୟ କରିଥାଏ ।

ସୁସ୍ଥ ଖାଦ୍ୟପେୟ ପିଲାଙ୍କ ଉଚ୍ଚତା ବୃଦ୍ଧିରେ ସାହାଯ୍ୟ କରିଥାଏ । ଏଥିପାଇଁ ପିଲାଙ୍କୁ ଅଣ୍ଡା, ଚିକେନ୍, କ୍ଷୀରଜାତ ଦ୍ରବ୍ୟ ଆଦି ଦେଇ ପାରିବେ । ଏଥିରେ ଥିବା ପ୍ରୋଟିନ୍, ମିଟାମିନ୍ ଡି, ଭିଟାମିନ୍ ବି ୨ ଓ ରିବୋଫ୍ଲାବିନ୍ ଅସ୍ଥି ବିକାଶରେ ସାହାଯ୍ୟ କରିଥାଏ ।

ପ୍ରତିଦିନ ପିଲାଙ୍କୁ ଭୂମିଠାରୁ ବହୁ ଉଚ୍ଚରେ ସମାନ୍ତରାଳ ଭାବେ ଥିବା ଖମ୍ବରେ ଓହଳିବାକୁ କୁହନ୍ତୁ । ଏପରି କଲେ ସେମାନଙ୍କ ମେରୁଦଣ୍ଡ ହାଡ଼ ଓ ମାଂସପେଶୀ ନମନୀୟ ହୋଇଥାଏ, ପିଲାଙ୍କୁ ଠିକ୍ ଭାବେ ବସିବା, ଚାଲିବା, ଶିଖାନ୍ତୁ । କେବେ ବି ନଇଁକି ବସିବା ଓ ଚାଲିବା ଉଚିତ ନୁହେଁ । ବରଂ ଏହି ସମୟରେ ଅଣ୍ଟାସିଧା ରଖିବା ଜରୁରୀ ।

## ଗର୍ଭବତୀଙ୍କୁ ଉପହାର ମିଳେ 'ମ୍ୟାଟରନିଟି ବକ୍ସ'



୧୯୩୦ ସମୟର ଘଟଣା । ବିଶ୍ୱର ପ୍ରମୁଖ ଗରିବ ରାଷ୍ଟ୍ର ମଧ୍ୟରେ ଫିନଲ୍ୟାଣ୍ଡର ନାମ ଅନ୍ୟତମ ଥିଲା । ସେଠାର ଲୋକେ ଅଭାବ ଅନାଟନରେ ଦିନ କାଟୁଥିଲେ । ଉତ୍ତମ ପୋଷଣ ଅଭାବରୁ ଶିଶୁ ମୃତ୍ୟୁ ହାର ସେ ସମୟରେ ୬୫% ଥିବାର ପ୍ରକାଶ । ସ୍ଥାନୀୟ ସରକାର ଏଥିପାଇଁ ଚିନ୍ତା ପ୍ରକାଶ କରି ଯଥା ପଦକ୍ଷେପ ଗ୍ରହଣ କରିବାର ଯୋଜନା କଲା । ତହିଁ ଆରବର୍ଷ ସେଠାରେ ଆରମ୍ଭ ହେଲା । ମ୍ୟାଟରନିଟି ବକ୍ସ ପ୍ରେଜେକ୍ଟ । ଏଇ ପ୍ରଜେକ୍ଟ କାର୍ଯ୍ୟକାରୀ ହେବା ପରେ ୧୯୮୦ବେଳକୁ ଶିଶୁ ମୃତ୍ୟୁ ହାର ହ୍ରାସ ପାଇଁ ୧୦%କୁ ଖସି ଆସିଥିଲା । ଏଇ ମ୍ୟାଟରନିଟି ବକ୍ସ ପ୍ରତ୍ୟେକ ଗର୍ଭବତୀଙ୍କୁ ସେମାନଙ୍କ ଗର୍ଭାବସ୍ଥାର ୪ମାସ ପରେ ଉପହାର ଭାବେ ଦିଆଯାଉଥିଲା । ମହିଳାଜଣକ ଧନୀ ପରିବାରର ହୁଅନ୍ତୁ କିମ୍ବା ଗରିବ ପରିବାରର, ସମସ୍ତଙ୍କ ପାଇଁ ଏଇ ନିୟମ ବାଧ୍ୟତାମୂଳକ କରାଗଲା । ସମସ୍ତ ବର୍ଗର ଲୋକ ମଧ ଏଇ ନିୟମକୁ ସାଦରେ ଗ୍ରହଣ କଲେ । ଫିନ୍ଲ୍ୟାଣ୍ଡରେ ୮୦ ବର୍ଷ ହେଲା ଏହି ନିୟମ କାର୍ଯ୍ୟକାରୀ ହୋଇଆସୁଛି । ସରକାର ଏଭଳି ବ୍ୟବସ୍ଥା ମଧ ପ୍ରଣୟନ କଲେ ଯଦି ଗର୍ଭବତୀ ଚାହିଁବେ ମ୍ୟାଟରନିଟି ବକ୍ସ ନଚେତ୍ ୧୪୦ ୟୁରୋ ନଗଦ୍ ରାଶି ନେଇପାରିବେ । ପାଖାପାଖି ୯୫% ଗର୍ଭବତୀ ମ୍ୟାଟରନିଟି ବକ୍ସ ନେବାକୁ ଉଚିତ୍ ମଣିଥାନ୍ତି । ସେଠା ସ୍ୱାସ୍ଥ୍ୟ ବିଭାଗ ସର୍ବେକ୍ଷଣ ଅନୁସାରେ ୭୫% ନବଜାତ ଜନ୍ମ ପରେ ଏଇ ମ୍ୟଟରନିଟି ବକ୍ସରେ ନବଜାତର ଆବଶ୍ୟକ ସମସ୍ତ ପ୍ରକାର ସାମଗ୍ରୀ ରଖାଯାଇଥାଏ । ଏପରିକି ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ଖେଳନା ମଧ ଉପହାର ଭାବେ ଦିଆଯାଏ । ଫିନଲ୍ୟାଣ୍ଡ ସ୍ୱାସ୍ଥ୍ୟ ବିଭାଗ ମତରେ ଏଇ ମ୍ୟାଟରନିଟି ବକ୍ସ ପ୍ରୋଜେକ୍ଟ ସେଠାରେ କେବେହେଲେ ବନ୍ଦ କରାଯିବନାହିଁ ।

## ଭେଣ୍ଡିଙ୍ଗ ମେସିନ୍ ସହାୟତାରେ ଗରିବଙ୍କ ସେବା

ଧନୀ ବର୍ଗର ଲୋକେ ଅଭାବ କ'ଣ ଜାଣନ୍ତିନାହିଁ, ଅନ୍ୟପାଖେ ଗରିବ ଲୋକ ଦାରିଦ୍ର୍ୟର କଷାଘାତରେ ଦିନ ଅତିବାହିତ କରନ୍ତି । ନିକଟରେ ଜାତିସଂଘ ଗରିବଲୋକଙ୍କ ସହାୟତା ନିମନ୍ତେ ଏକ ଉତ୍ତମ ତଥା ପ୍ରଶଂସନୀୟ ପଦକ୍ଷେପ ନେଇଛି । ଉନ୍ନତ ତଥା ଅତ୍ୟାଧୁନିକ କ୍ଷମତା ସମ୍ପନ୍ନ ଭେଣ୍ଡିଙ୍ଗ ମେସିନ୍ ତିଆରି କରାଯାଇଛି, ଯାହା ସହାୟତାରେ ଗରିବଙ୍କୁ ଜଣେ ଧନିକ ଲୋକ ନିଜ ଇଚ୍ଛା ଅନୁସାରେ କିଛି ମଧ ଦାନ କରିପାରିବ । ଏଇ ମେସିନ୍ ସହାୟତାରେ ଜଣେ ବ୍ୟକ୍ତି ୨ଡଲାରରୁ ଆରମ୍ଭ କରି




୨୦୦ ଡଲାର ପର୍ଯ୍ୟନ୍ତ ସହାୟତା କରିପାରିବେ ବୋଲି ଜଣାପଡ଼ିଛି । ଭେଣ୍ଡିଙ୍ଗ ମେସିନରେ ନିଜ ଇଚ୍ଛା ଅନୁସାରେ ବକ୍ସ ମନୋନୀତ କରି କ୍ରେଡିଟ୍ କାର୍ଡ ସହାୟତାରେ ପେମେଣ୍ଟ କରାଯିବ । ନ୍ୟୁୟର୍କ, ଲଣ୍ଡନ, ମାନିଲା, ଆରିଜେନା ଇତ୍ୟାଦି ଅଞ୍ଚଳରେ ଏଇ ଭେଣ୍ଡିଙ୍ଗ ମେଶିନ୍ ଲଗାଯାଇଛି । ଆମେରିକାର ଓଟାହରେ ଲାଗିଥିବା ଏହି ଯନ୍ତ୍ର ସହାୟତାରେ ମୋଟ ୩କୋଟି ୮୩ଲକ୍ଷ ଟଙ୍କା ଗରିବଙ୍କୁ ଦାନ କରାଯାଇଛି । ସର୍ବେକ୍ଷଣ ଅନୁସାରେ, ଜଣେ ବ୍ୟକ୍ତି ଆନୁମାନିକ ୨୫ଡଲାର ଦାନ କରିଛନ୍ତି । ଭେଣ୍ଡିଙ୍ଗ ମେସିନ୍ ପ୍ରୋଜେକ୍ଟରେ ସଫଳ ହେବା ପରେ ବିଶ୍ୱର ଅନ୍ୟ ପ୍ରମୁଖ ପ୍ରାନ୍ତରେ ମଧ ଏଇ ଭେଣ୍ଡିଙ୍ଗ ମେସିନ୍ କାର୍ଯ୍ୟକାରୀ ହେବ ବୋଲି ସ୍ଥିର କରାଯାଇଛି ।



## ଜାଣିବା ପାଇଁ କିଛି ଟିପ୍ସ

ଅନେକ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଢୁଥିବା ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ । ଏହାର ବଡ଼ କାରଣ ହେଉଛି ସ୍ୱାମୀଙ୍କର ଅନ୍ୟ ମହିଳାଙ୍କ ସହ ସମ୍ପର୍କ । ଯଦି ଆପଣଙ୍କ କ୍ଷେତ୍ରରେ ଏଭଳି କିଛି ଘଟୁଥିବାର ଆପଣ ଆଶଙ୍କା କରୁଛନ୍ତି ତେବେ ନିମ୍ନଲିଖିତ ଟିପ୍ସ ଏଥିରେ କିଛିଟା ସହଯୋଗ କରିପାରେ ।



୧. ଘରେ ଖଟ ଉପରେ ଶାରୀରିକ ସମ୍ପର୍କ ଅବା ପ୍ରେମ ସମ୍ପର୍କ ସମୟରେ ଯଦି ଆପଣ ସ୍ୱାମୀଙ୍କ ଆଚରଣ ଏବଂ ବ୍ୟବହାରରେ କିଛିଟା ଫରକ୍ ଅନୁଭବ କରାଉଛନ୍ତି ତେବେ ଏହା ମଧ ଏକ କାରଣ ହୋଇପାରେ । ତେଣୁ ଏଥିପ୍ରତି ସଜାଗ ରହିବା ଦରକାର ।

୨. ବିବାହ ପୂର୍ବବର୍ତ୍ତୀ ଏବଂ ବିବାହ ପରେପରେ ସ୍ୱାମୀଙ୍କ ମନଖୋଲା ଖର୍ଚ୍ଚ ସମ୍ପର୍କରେ ଆପଣ ନିଶ୍ଚିତ ଅବଗତ ଥିଲେ । ଯଦି ସମ୍ପର୍କରେ ଦୀର୍ଘ ମାସ ପରେ ଏହି ଧାରା ବଦଳୁଛି ବୋଲି ଆପଣ ଅନୁଭବ କମରୁଛନ୍ତି ତେବେ ଚିନ୍ତାର କାରଣ ମଧ ହୋଇପାରେ । ତେଣୁ ଏ ସମ୍ପର୍କରେ ସ୍ୱାମୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହେବା ଦରକାର ।

୩. ଅଧିକାଂଶ ପୁରୁଷ ଅଫିସ ଓ କର୍ମ ସଂସ୍ଥାନରେ ଅନ୍ୟ ସହକର୍ମୀଙ୍କ ସହ ରୋମାନ୍ସରେ ଥିବା ଘଟଣା ଦେଖିବାକୁ ମିଳେ । ଯଦି ଆପଣଙ୍କୁ ଆପଣଙ୍କ ସ୍ୱାମୀ ଅଫିସରେ ପାର୍ଟି ଏବଂ ଅନ୍ୟ ସହଯୋଗୀଙ୍କ ପାରିବାରିକ ଉତ୍ସବରେ ନେଉନାହାଁନ୍ତି ତେବେ ଏହା ମଧ ସନ୍ଦେହକୁ ଜନ୍ମ ଦିଏ ।

୪. ଘରେ ଅଧିକ ସମୟ ଫୋନରେ, ସୋସିଆଲ ମିଡିଆରେ ଯଦି ସ୍ୱାମୀ ବ୍ୟସ୍ତ ରହୁଛନ୍ତି ତେବେ ଏହା ମଧ ଚିନ୍ତାର କାରଣ । ସେହିଭଳି ସ୍ୱାମୀ ଯଦି ନିଜ ଫୋନର ପାସୱାର୍ଡକୁ ବାରମ୍ବାର ବଦଳାଉଛନ୍ତି ତାହା ମଧ ସନ୍ଦେହ ସୃଷ୍ଟି କରିବା ସ୍ୱାଭାବିକ ।

## କଦଳୀ, ଚେହେରା ଉଜ୍ଜ୍ୱଳ

କଦଳୀରେ ଜଳୀୟ ଅଂଶ ଏବଂ ପଟାସିୟମ ପ୍ରଚୁର ପରିମାଣରେ ରହିଛି, ଯାହା ଶୁଷ୍କ ତ୍ୱଚା ପାଇଁ ଉପଯୋଗୀ । ତ୍ୱଚାରେ ଦେଖାଯାଉଥିବା କୁଞ୍ଚ ବା ରିଙ୍କଲର କ୍ଷେତ୍ରରେ କଦଳୀ ଅତ୍ୟନ୍ତ ଉପଯୋଗୀ । ଏକ ପରିଷ୍କାର ପାତ୍ରରେ କିଛି ପାଚିଲା କଦଳୀ ଖଣ୍ଡ ନେଇ ସେଥିରେ କିଛି ଗୋଲାପ ଜଳ ଏବଂ କଞ୍ଚା କ୍ଷୀର ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ସେହି ପେଷ୍ଟକୁ ମୁହଁ, ବେକ ବେକ ପଛରେ ଲଗାଇ ୧୫ରୁ ୨୦ ମିନିଟ ଝାଡ଼ି ଦିଅନ୍ତୁ । ନଖ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ସପ୍ତାହକୁ ଏହି ମିଶ୍ରଣ ଦୁଇଥର ପ୍ରୟୋଗ କରନ୍ତୁ । ଏହା ଫଳରେ ଆପଣଙ୍କ ତ୍ୱଚା ନରମ ହେବ । ବିଶେଷ କରି ଶୁଷ୍କ ତ୍ୱଚା ନିମନ୍ତେ ଏହି ପେଷ୍ଟ ଅତ୍ୟନ୍ତ ଉପଯୋଗୀ ହେବ ।





## ସଫା ରହିବ

ଗୃହିଣୀମାନଙ୍କ ପାଇଁ ଘରେ ରୋଷେଇ କରିବା ବାଦ୍ ରୋଷେଇ ଘର ସମେତ ଘର ସଫା ରଖିବା ଏକ ବଡ଼ ଦାୟିତ୍ୱ । ଏଥିପାଇଁ କୋଟେଟି ଟିପ୍ସ ମନେରଖନ୍ତୁ ଫ୍ରିଜ୍ ଦୁର୍ଗନ୍ଧମୁକ୍ତ ରଖିବା ଲାଗି ଏକ ଚଉଡ଼ାମୁହଁ ଥିବା ଡବାରେ ଖାଇବା ସୋଡା ରଖି ଡବା ମୁହଁରେ ପତଳା ସୂତା କପଡ଼ା ବାନ୍ଧି ଦିଅନ୍ତୁ । ସେଥିରେ ଛୋଟଛୋଟ କଣା କରିଦେଲେ ସୋଡ଼ା ବାସ୍ନାରେ ଫ୍ରିଜ୍ ଦୁର୍ଗନ୍ଧମୁକ୍ତ ହେବ ଏବଂ ଅସରପା ବି ହେବେ ନାହିଁ । ଷ୍ଟିଲ ବାସନରୁ ଦାଗ ଦୂର କରିବା ଲାଗି ପିଆଜ ରସରେ ସିର୍କା ମିଶାଇ ସଫା କରନ୍ତୁ । ଦାଗ ଦୂର ହୋଇଯିବ । କ୍ରକେରୀ ସଫା କରିବା ଲାଗି ସାବୁନରେ ଅଳ୍ପ ଗୁଣ୍ଡ ଲୁଣ ମିଶାଇ ଦିଅନ୍ତୁ । ଏହା ଚକ୍‌ଚକ୍ କରିବ । ପ୍ରାୟତଃ ଆମେ ଫାଳେ ଲେମ୍ବୁ ବ୍ୟବହାର କରି ଆଉ ଫାଳେ ରଖିଦେଉ । ବଳକା ଅଧାରେ କିଛି ଲୁଣ ଘଷି ରଖିଦେଲେ ଏହା ସହଜରେ ଖରାପ ହୁଏ ନାହିଁ । ଫ୍ଲାସ୍କ, ସଫା କରିବା ଲାଗି ସେଥିରେ ପାଣି ଭର୍ତ୍ତି କରି ପୁରୁଣା ଖବରକାଗଜ ଛୋଟଛୋଟ ଖଣ୍ଡ ରଖି ରାତିସାରା ରଖିଦିଅନ୍ତୁ । ସକାଳେ ଧୋଇଦେଲେ ଏହା ସଫା ହୋଇଯିବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅସଫଳ ପ୍ରୟାସ...

ବର୍ଷ ୨୦୨୨ର ଆରମ୍ଭରେ ଭାରତ ଏବଂ ଚୀନ୍‌ର ସୈନ୍ୟମାନେ ନୂଆବର୍ଷକୁ ସ୍ୱାଗତ କରିବାକୁ ଯାଇ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ପରସ୍ପର ମଧ୍ୟରେ ମିଠା ବଂଟାବଂଟି ହୋଇ ଖାଇବା ପରେ ପରେ ଦେଖାଯାଇଥିଲା ରଣ କୌଶଳ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ପାଙ୍ଗଙ୍ଗ୍ ହ୍ରଦର ଚୀନ୍ ପଟେ ଏକ ନୂଆ ପୋଲ ନିର୍ମିତ ହେଉଥିବାର ଏକ ଉପଗ୍ରହ ଦ୍ୱାରା ଉତ୍ତୋଳିତ ଚିତ୍ର। ଏହି ପୋଲ ନିର୍ମିତ ହେଲେ ଚୀନ୍ ସୈନ୍ୟମାନଙ୍କୁ କୌଶଳପୂର୍ଣ୍ଣ ସ୍ଥାନଗୁଡ଼ିକରେ ସେମାନଙ୍କର ସାଜ ସରଂଜାମ ସହିତ ପହଂଚିବାକୁ କମ୍ ସମୟ ଲାଗିବ। ଅନ୍ୟ ଏକ ଭିଡିଓରେ ମାଣ୍ଡାରିନ୍ ଚରିତ୍ରଗୁଡ଼ିକ ଅଙ୍କିତ ଏକ ପଥର ଯେଉଁଥିରେ ଲେଖାଯାଇଛି, ଗୋଟିଏ ଇଂଚ ଜମି ମଧ୍ୟ କେବେହେଲେ ସମର୍ପଣ କରନାହିଁ, ତା' ନିକଟରେ ଚୀନ୍ ସୈନ୍ୟମାନେ ଛିଡ଼ା ହୋଇଥିବା ଦେଖାଯାଉଛି, ଯାହାର ଅର୍ଥ ଚୀନ୍ ଲଦାଖ୍ ସେକ୍ଟରରେ ଏଲଏସିରେ ଭାରତ ସହିତ କୌଣସି ପ୍ରକାର ବୁଝାମଣା କରିବାକୁ ଆଗ୍ରହୀ ନୁହେଁ, ଯଦିଓ ଦୁଇ ପକ୍ଷଙ୍କ ମଧ୍ୟରେ ବିବାଦକୁ ଯା ଭିତରେ ଦୁଇବର୍ଷ ପୂରିବାକୁ ବସିଲାଣି। ଗତ ସପ୍ତାହରେ ପଶ୍ଚିମ ସେକ୍ଟର (ଲଦାଖ୍)ରେ ଏଲ୍‌ଏସସି ନିକଟରେ ଭାରତ ଏବଂ ଚୀନ୍ ମଧ୍ୟରେ 'ଉପଯୁକ୍ତ ପ୍ରସଙ୍ଗଗୁଡ଼ିକର ସମାଧାନ ନିମନ୍ତେ ସ୍ପଷ୍ଟ ଏବଂ ଗଭୀରତାପୂର୍ଣ୍ଣ ମତ ବିନିମୟ' ହୋଇଥିଲା। ଏହି ବୈଠକ ଦୀର୍ଘ ୧୩ ଘଂଟା ଧରି ଚାଲିଥିଲା ଏବଂ ଏହାପରେ ଗତ ବୁଧବାର ଦିନ ଉଭୟ ପକ୍ଷଙ୍କ ତରଫରୁ ଏକ ମିଳିତ ବିବୃତି ଜାରି କରାଯାଇଥିଲା। ଗତ ବର୍ଷ ଅକ୍ଟୋବର ମାସ ପରେ ଏହି ବୈଠକ ଅନୁଷ୍ଠିତ ହେବା ଦୁଇ ପକ୍ଷଙ୍କ ମଧ୍ୟରେ ବୁଝାମଣା ଦିଗରେ ପାଦେ ଆଗେଇବା ସଦୃଶ ଥିଲା। ସୂଚନାଯୋଗ୍ୟ ଯେ ଅକ୍ଟୋବରରେ ଅନୁଷ୍ଠିତ ବୈଠକ ପରେ ଉଭୟ ପକ୍ଷ ନିଜ ନିଜ ଦେଶର ସରକାରଙ୍କୁ ସେମାନଙ୍କ ପ୍ରଗତି ସମ୍ପର୍କରେ ଜଣାଇଥିଲେ, ଯାହା ପରସ୍ପର ଦୋଷାରୋପ କରିବା ବ୍ୟତୀତ ଅନ୍ୟ କିଛି ନଥିଲା। ସମ୍ପ୍ରତି ଶେଷ ହୋଇଥିବା ଚତୁର୍ଦ୍ଦଶ ପର୍ଯ୍ୟାୟର ଆଲୋଚନା ଶେଷରେ ଉଭୟ ମିଳିତ ବିବୃତିରେ ଜଣାଇଛନ୍ତି ଯେ ପରବର୍ତ୍ତୀ ପର୍ଯ୍ୟାୟର ବୈଠକ ଖୁବ୍‌ଶୀଘ୍ର ଅନୁଷ୍ଠିତ ହେବ। କିନ୍ତୁ ସାମ୍ପ୍ରତିକ ପର୍ଯ୍ୟାୟର ଆଲୋଚନା ଭିତରେ ଯେଉଁସବୁ ମାସ ବିତିଗଲା, ସେଥି ମଧ୍ୟରେ ଭାରତୀୟ ଦୃଷ୍ଟିକୋଣରୁ କୌଣସି ପ୍ରକାରର ଲାଭ ହୋଇନାହିଁ, ଅର୍ଥାତ ଭାରତ ପାଇଁ ସେଭଳି କୌଣସି ଲାଭଜନକ ଘଟଣା ଘଟିନାହିଁ। ଗତ ବୁଧବାର ଦିନ ମିଳିତ ବିବୃତି ଜାରି ହେବା ପୂର୍ବରୁ ଗଣମାଧ୍ୟମ ସମ୍ମୁଖରେ ଆଲୋଚନା ସମ୍ବନ୍ଧରେ ସ୍ଥଳସେନା ମୁଖ୍ୟ ଏମ୍‌ଏମ୍ ନରଓ୍ୱାଣେ ଯାହା କହିଛନ୍ତି, ତାହା ଆଂଶିକ ଭାବରେ ସ୍ୱଷ୍ଟୋକ୍ତି ଏବଂ ସତ୍ୟ ବୋଲି କୁହାଯାଇପାରେ। ସେ କହିଥିଲେ ଯେ ପୂର୍ବ ଲଦାଖ୍‌ରେ ଯଦିଓ ସେନାଙ୍କର 'ଆଂଶିକ ଭାବରେ ଅପସାରଣ' ଘଟିଛି, ତେବେ 'ବିପଦ କୌଣସିମତେ କମିନାହିଁ'। ବିପଦ କମିନାହିଁ ଏକଦମ୍ ସତ୍ୟ ଘଟଣା ହୋଇଥିବାବେଳେ ଆଂଶିକ ଭାବରେ ସୈନ୍ୟ ଅପସାରଣ ହୋଇଥିବା କଥା ସମ୍ପୂର୍ଣ୍ଣ ଭାବରେ ଠିକ୍ ନୁହେଁ। ଗତବର୍ଷ କୈଳାସ ପର୍ବତମାଳାରେ ଭାରତ ଯେଉଁ ଫାଇଦା ହାସଲ କରିଥିଲା, ସର୍ତ୍ତ ଅନୁସାର ତାକୁ ମୁକ୍ତ କରିଦେବା ପରେ ସେହି ଅନୁସାରେ ଯେତିକି ସୁବିଧା ପାଇବା କଥା, ତାହା ପାଇନାହିଁ; ଓଲଟା ପାଇଥିବା ସୁବିଧାକୁ ସମର୍ପଣ କରି ତା' ବଦଳରେ ପାଙ୍ଗଙ୍ଗ୍ ହ୍ରଦର ଉତ୍ତରରେ ଆଂଶିକଠାରୁ ମଧ୍ୟ କମ୍ ଆଶ୍ୱସ୍ତି ଲାଭ କରିଛି; ଦେପ୍‌ସାଙ୍ଗ୍ ଏବଂ ଦେମ୍‌ଚୋକ୍ ଅଂଚଳରେ ପରିସ୍ଥିତିରେ ଆଦୌ କୌଣସି ପ୍ରକାରର ଉନ୍ନତି ଘଟିନାହିଁ। ଚତୁର୍ଦ୍ଦଶ ପର୍ଯ୍ୟାୟର ଆଲୋଚନା ପାଇଁ ଭାରତ ପକ୍ଷରୁ ଆଗ୍ରହ ପ୍ରକାଶ କରାଯାଇଥିଲା ହଟ୍ ସ୍ପ୍ରିଙ୍ଗ୍ ଅଂଚଳ (ପାଟ୍ରୋଲିଂ ପଏଂଟ ୧୫ରେ) ଚୀନ୍ ସେନାଙ୍କୁ ସେମାନଙ୍କ ନିଜ ପଟକୁ ଫେରାଇ ଦେବା ନିମନ୍ତେ। କିନ୍ତୁ ବାସ୍ତବ କଥା ହେଉଛି, ଏହି ପର୍ଯ୍ୟାୟ ଶେଷରେ କୌଣସି ପ୍ରକାରର ପ୍ରଗତି ହୋଇନାହିଁ। ଯାହା କୁହାଯାଇଛି ଯେ ଖୁବ୍ ଶୀଘ୍ର ସାମରିକସ୍ତରୀୟ ବୁଝାମଣା ନିମନ୍ତେ ପରବର୍ତ୍ତୀ ଆଲୋଚନା ଆରମ୍ଭ ହେବ, ତାହା ଠିକ୍ ହୋଇପାରେ, କିନ୍ତୁ ଇତିହାସ ସାକ୍ଷୀ, ଏହି ଆଲୋଚନାରୁ ଭାରତ ପାଇଁ ସେପରି କୌଣସି ଉଲ୍ଲେଖନୀୟ ସୁଫଳ ମିଳିବାର ସମ୍ଭାବନା କ୍ଷୀଣ। ଏଲ୍‌ଏସିରେ ପୁନଃ ସଂଯୋଜନା ବ୍ୟବସ୍ଥାକୁ ବନ୍ଦ କରିବା ନିମନ୍ତେ ଗଠିତ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ଏବଂ ସେହି ସମାନ କଥାକୁ ରାଜନୀତିକ ସ୍ତରରେ ସମାଧାନ କରିବା ନିମନ୍ତେ ବିଶେଷ ପ୍ରତିନିଧି ବ୍ୟବସ୍ଥା ୧୯୮୦ ମସିହାଠାରୁ ନିୟମିତ ଭାବରେ ଉଦ୍ୟମ କରି ଆସୁଥିଲେ ସୁଦ୍ଧା ସବୁ ବୃଥା ସାବ୍ୟସ୍ତ ହୋଇଛି।



ପ୍ରଦୀପ୍ତ ଆଚାର୍ଯ୍ୟ

## ନିଜକୁ ପଡିଲେ ପ୍ରମାଦ

ସମୀର ବାବୁ ସକାଳୁ ଆସି ମୋ ଘରେ ପହଂଚିଛନ୍ତି ତ, ଆରମ୍ଭ କରିଦେଲେ, ଭାଇ , ଏମାନେ ହତ୍ୟାକାରୀ ଠାରୁ ମଧ୍ୟ ଅତ୍ୟଧିକ ଜଘନ୍ୟ ଅପରାଧୀ। ଅର୍ଥାର୍ଜନ ପାଇଁ ହତ୍ୟାକାରୀ ତ ଥରକରେ, ଗୋଟିଏ କିମ୍ବା ଦୁଇଟି ଲୋକ ମାରି ପାରିବ, କିନ୍ତୁ ଏମାନେ ତ ସହଜ ଓ ଅନ୍ୟାୟ ଭାବରେ ଅର୍ଥ ଉପାର୍ଜନ ନିମନ୍ତେ ହଜାର ହଜାର ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁ ମୁଖରେ ପକାଇ ଦେଉଛନ୍ତି। ପୃଥିବୀର ଶ୍ରେଷ୍ଠ ପ୍ରାଣୀ ବୋଲି ଗର୍ବ କରୁଥିବା ମନୁଷ୍ୟ, ଯାହାକୁ ଈଶ୍ୱର ଦିବ୍ୟଜ୍ଞାନ ପ୍ରଦାନ କରିଛନ୍ତି ବୋଲି କୁହାଯାଏ, ସେ ଯେ ଏପରି ଘୃଣ୍ୟ, ଅଚିନ୍ତନୀୟ , ଅମାନବିକତାର କାର୍ଯ୍ୟ କରିପାରୁଛି, ଏକଥା ଭାବିବା ବେଳକୁ, ମୋର ମସ୍ତିଷ୍କର କିଛି ସୂକ୍ଷ୍ମ ତନ୍ତ୍ରୀ, ଅତ୍ୟନ୍ତ ଉତପ୍ତ ହୋଇଯିବା ପରି, ଅନୁଭବ ହେଉଛି। ତାଙ୍କ ବକ୍ତବ୍ୟର ବିଷୟ ବସ୍ତୁ ନକହି, ଗୌରଚନ୍ଦ୍ରିକାକୁ ସୁଦୀର୍ଘ କରିବାରୁ, ମୋ ବିରକ୍ତି ଭାବକୁ ଲକ୍ଷ୍ୟ କରି , ସେ କହିଲେ ମୁଁ ଏ ଅପମିଶ୍ରଣକାରୀଙ୍କ କଥା କହୁଛି। ଆପଣ ମୋତେ କୁହନ୍ତୁ, ଏ ଅପମିଶ୍ରଣ କଣ ବନ୍ଦ ହୋଇ ପାରିବ ନାହିଁ? ମୁଁ କହିଲି ହଁ ହୋଇ ପାରିବ, କିନ୍ତୁ ବର୍ତମାନ ସେ ସମୟ ଆସିନାହିଁ କିମ୍ବା ସାଧାରଣ ଲୋକଙ୍କ ସୁପ୍ତ, ନିଷ୍କ୍ରିୟ ଚିନ୍ତନରେ ଓ ମାନସିକତାରେ ଜାଗରଣ ଆସିନାହିଁ। ସମୀର ବାବୁ ପଚାରିଲେ, ଭାଇ ବୁଝିପାରିଲିନି। ମୁଁ କହିଲି ଏଇ ସାମାନ୍ୟ କଥାଟା କଣ ବୁଝି ପାରୁନାହାନ୍ତି? ଆପଣ ଭାବୁଛନ୍ତି, ଏକାର୍ଯ୍ୟ କରୁଥିବା ଲୋକ ଏଥି ନିମନ୍ତେ ଏକା ଦାୟୀ? ତା ନୁହେଁ, ଏଥି ନିମନ୍ତେ ଅର୍ଥ ବିନିମୟରେ, ତାକୁ ସାହାଯ୍ୟ ଓ ସୁରକ୍ଷା ପ୍ରଦାନ କରୁଥିବା ବ୍ୟକ୍ତି, ସୁରକ୍ଷା ପ୍ରଦାନ କରୁଥିବା ବ୍ୟକ୍ତିର ଅନ୍ୟାୟୋପାର୍ଜିତ ଧନରୁ ମାସିକିଆ ବଟି ନେଉଥିବା ବ୍ୟକ୍ତି, ସର୍ବୋପରି ଏକାର୍ଯ୍ୟକୁ ଦେଖି ମଧ୍ୟ, ପ୍ରତିବାଦ ନକରି, ନିରବ ରହୁଥିବା ବ୍ୟକ୍ତି ମଧ୍ୟ ସମ ପରିମାଣରେ ଦାୟୀ। ଜଣେ ଲୋକ ଚାହିଁଲେବି , ଏକାର୍ଯ୍ୟ ଏକୁଟିଆ କରିପାରିବ ନାହିଁ। ଆଚ୍ଛା ସମୀର ବାବୁ, ଆପଣତ ଆଜି ଏଠି ନକଲି ଚାହା କାରଖାନା ଠାବ ହେଲା, କାଲି ସେଠି ନକଲି ସସ୍, ନକଲି ମସଲା କାରଖାନା ଠାବ ହେଲା ବୋଲି ଖବର କାଗଜରେ ପ୍ରତ୍ୟେକ ଦିନ ପଢୁଛନ୍ତି, କିନ୍ତୁ କୌଣସି ଦିନ ପଢିଛନ୍ତିକି, ନକଲି କାରଖାନାର ମାଲିକ କିମ୍ବା ଅପମିଶ୍ରଣକାରୀଙ୍କ ଦୋଷ ବିଚାର କରି ତାଙ୍କୁ ଫାଶୀଦଣ୍ଡ ବା ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଅଛି? କେବେବି ଆପଣଙ୍କ ଦୃଷ୍ଟିଗୋଚର ହୋଇନଥିବ। ସାଙ୍ଗେ ସାଙ୍ଗେ ସେ କହିଲେ, ହଁତ ଠିକ୍ କଥା, ସେମାନେ ଦଣ୍ଡ ପାଇବା କଥା ଆମେତ କେବେ ଶୁଣିନୁ। ତାହାହେଲେ କଣ ହୁଏ? ମୁଁ କହିଲି, ହୁଏ ଏଇଆ ଯେ, ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ୍। ଆଉ ଗୋଟିଏ କଥା ଜାଣିଥିବେ, ଯେଉଁମାନେ ଏବେ ଅପମିଶ୍ରଣ ଅପରାଧରେ ଧରା ପଡୁଛନ୍ତି, ସେମାନେ ଆଗରୁ ମଧ୍ୟ ଥରେ ଦୁଇଥର ଧରା ପଡିବାର ନଜିର ଅଛି। ପୋଲିସ୍ ଷ୍ଟେସନ୍ ଠାରୁ ଅଳ୍ପ ଦୂରରେ, ଜନଗହଳିପୂର୍ଣ ବଜାର ଭିତରେ ଏ କାରଖାନା ଚାଲୁଥିଲେ ମଧ୍ୟ, କେମେତି କେହି ଜାଣିପାରୁନାହାନ୍ତି? ସମୀର ବାବୁ କହିଲେ ଜାଣୁଛନ୍ତି ସମସ୍ତେ, କିନ୍ତୁ ରକ୍ଷକ ଯଦି ଭକ୍ଷକ ହୁଏ, କହିବା କାହାକୁ ଶୁଣିବ କିଏ? ସାଧାରଣ ଲୋକ,"ଆଲୋ ସଖୀ ଆପଣା ମହତ ଆପେ ରଖି" ନ୍ୟାୟରେ ନୀରବ। ପୋଲିସ ପ୍ରଶାସନ, ଅସାମାଜିକ ବ୍ୟକ୍ତି ଓ ରାଜନୈତିକ ବ୍ୟକ୍ତିଙ୍କ ସଂପୃକ୍ତି ଏବଂ ସହାୟତା ଥାଇପାରେ ଅନୁମାନ କରି, ସାଧାରଣ ଲୋକଙ୍କ ପ୍ରତିବାଦର ସ୍ୱର, ହତାଶ ବିଜଡିତ ଗୁଞ୍ଜରଣ ମାତ୍ର, କିନ୍ତୁ ସେଥିରେ ଦୃଢତା ବା ନିର୍ଭିକତା କ୍ଷୀଣ। ଦୋଷୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ। ବିନା ପ୍ରମାଣରେ ବିଚାର ବିଭାଗ କିଂକର୍ତବ୍ୟବିମୁଢ। ପ୍ରଶାସନ ସ୍ଥାଣୁ। ସାଧାରଣ ଲୋକ ନିରୁପାୟ। ଦୋଷୀ ସହଜ ଓ ଅନ୍ୟାୟ ଉପାୟରେ ଅର୍ଥ ଉପାର୍ଜନ ନିମନ୍ତେ ନିଶାଗ୍ରସ୍ତ ଏବଂ ପ୍ରୋତ୍ସାହିତ। ଉପରୋକ୍ତ ପରୀପ୍ରେକ୍ଷୀରେ କଣ କରାଯାଇପାରିବ? ମୁଁ କହିଲି, ନିଶ୍ଚୟ ହୋଇ ପାରିବ। ଆପଣ ଜାଣିଛନ୍ତି ନା, ଗଣ ବିପ୍ଲବ ଦ୍ୱାରା , ଋଷ ଦେଶର ପ୍ରବଳ ପରାକ୍ରମୀ , ଅତ୍ୟାଚାରୀ ଜାର୍ ଶାସକ ମାନଙ୍କର ପତନ କିପରି ହୋଇଥିଲା? ସାଧାରଣ ଲୋକଙ୍କର ମାନସିକତାରେ, ଅନ୍ୟାୟକୁ ପ୍ରତିରୋଧ କରିବାର ବୀଜ ବପନ କରିଦେଇ, ତାଙ୍କ ଶରୀରର, ସମସ୍ତ ଶିରା ପ୍ରଶିରାରେ ପ୍ରବାହିତ ଶୋଣିତରେ, ବିଦ୍ରୋହର ଅଗ୍ନି ସ୍ଫୁଲିଙ୍ଗ ସୃଷ୍ଟି କରିଦେବା ପାଇଁ, କାର୍ଲମାକ୍ସ, ଭଲଟେୟାର, ଋଷୋଙ୍କ ପରି ଦାର୍ଶନିକ, ଏବେବି ଏସମାଜରେ ବିଦ୍ୟମାନ। ପ୍ରଚଣ୍ଡ ବିସ୍ଫୋରଣ ହେବ। କେହି ରକ୍ଷା କରି ପାରିବେ ନାହିଁ, ଏ ସମାଜର ଶୋଷଣକାରୀ, ଅତ୍ୟାଚାରୀ ଅପମିଶ୍ରଣକାରୀ ରୂପୀ ରାକ୍ଷସ ମାନଙ୍କୁ! ଘରେ ଘରେ,ଗ୍ରାମେ ଗ୍ରାମେ,ଜନ୍ମ ଗ୍ରହଣ କରିବେ, ଖଣ୍ଡା ଖର୍ପର ଧାରିଣୀ,ଜଗତ୍‌ଜନନୀ , କାତ୍ୟାୟନୀ ମା ଦୁର୍ଗା, କାଳୀ। ସଂହାର କରିବେ ଏ ନରରୂପୀ ରାକ୍ଷସ ମାନଙ୍କୁ। ପାପ କୁମ୍ଭ ପୂର୍ଣ ହେବାର ସମୟ ଉପଗତ। "ନିଜକୁ ପଡିଲେ ପ୍ରମାଦ, ଗୁରୁ ବ୍ରାହ୍ମଣ ଶିରଚ୍ଛେଦ!" କେତେ ଦିନ ଆଉ ସ୍ଲୋ ପଏଜନ ଖାଇ ମୃତ୍ୟୁର ଅତଳ ଗହ୍ୱରକୁ ଧାବମାନ ହେବା? ସହନଶୀଳତା, ନୀରବତା, ନିଷ୍କ୍ରିୟତା ସୀମା ଲଙ୍ଘନ କରିବା ପର୍ଯ୍ୟାୟରେ। ଧୈର୍ଯ୍ୟର ଦୃଢ ବନ୍ଧ ଭଗ୍ନପ୍ରାୟ।ପ୍ରତ୍ୟେକ ଜିନିଷର ଗୋଟିଏ ସୀମା ଥାଏ। ଏ କାର୍ଯ୍ୟ ଆଜି ସୀମା ଲଙ୍ଘନ କରିବା ଉପରେ।ତେଣୁ ଅପେକ୍ଷା କେବଳ ସମୟକୁ। ସମୟ ବଳବାନ। ଦୁର୍ଦ୍ଧର୍ଷ ବ୍ରିଟିଶ ଶାସକଙ୍କ କବଳରୁ, ଯେଉଁ ସାଧାରଣ ଲୋକ ଦେଶର ସ୍ୱାଧୀନତା ହାସଲ୍ କରିଛନ୍ତି, ସେମାନେ କଣ ଏଇ ନରସଂହାରକାରୀ ଦୁର୍ନିତୀଖୋରଙ୍କୁ ଡରିଯିବେ?


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଇଶାଣୀବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦


ସୌମେନ୍ଦ୍ର ଜେନା

## ଶ୍ରୀଲଙ୍କାରେ ଲଙ୍କାସ୍ଥିତି

କିଛିଦିନ ହେବ ଶ୍ରୀଲଙ୍କାର ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ଅନେକ ଆଶଙ୍କାପୂର୍ଣ୍ଣ ଭବିଷ୍ୟବାଣୀ ଗଣମାଧମରେ ପ୍ରକାଶ ପାଇଆସୁଛି । ଯେମିତି ନଭେମ୍ବର ମାସରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୧.୬ ବିଲିଅନ ଡଲାର ହ୍ରାସ ପାଇବା ପରେ ବିଦେଶୀ ରେଟିଂ ସଂସ୍ଥା ଆମେରିକାର ଫିଚ୍ ଶ୍ରୀଲଙ୍କାକୁ 'ସିସି' ରେଟିଂ ମଧରେ ରଖିଛି । ଏହାର ଅର୍ଥ ଆର୍ଥିକ ଦୃଷ୍ଟିରୁ ସବୁଠୁ ଅଧିକ ଦୁର୍ବଳ ରାଷ୍ଟ୍ର । ପୂର୍ବରୁ ଅନେକ ବିଶେଷ ଋଣର ଚାପ ସତ୍ତ୍ୱେ ଶ୍ରୀଲଙ୍କା ଏପରି ଦେବାଳିଆ ସ୍ଥିତିକୁ ଆସି ନଥିଲା । ପାକିସ୍ଥାନ, ମ୍ୟାନମାର ଓ ବଙ୍ଗଳାଦେଶ ପରି ଶ୍ରୀଲଙ୍କା ଏବେ ବି ଆମେରିକାର କଟକଣା ମଧରେ ରହିଆସିଛି । ଏଲଟିଟିଇ ସହ ଗୃହଯୁଦ୍ଧ ସମୟରେ ହଜାର ହଜାର ତାମିଲଙ୍କୁ ବିନା କାରଣରେ ସନ୍ଦେହ କରି ହତ୍ୟା କରାଯାଇଥିଲା, ଯେଉଁଥିରେ ବର୍ତ୍ତମାନର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଦୁଇଭାଇ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏପରିକି ତାମିଲ ଟାଇଗର ନେତା ପ୍ରଭାକରନ ସହ ତାଙ୍କ ବାଳକପୁତ୍ରକୁ ମଧ ଶ୍ରୀଲଙ୍କା ସେନା ଗୁଳିକରି ହତ୍ୟା କରିଥିଲେ । ମାନବାଧିକାର ମାମଲାରେ ରାଜପାକ୍ଷ ସରକାରଙ୍କ ରେକର୍ଡ ଭଲ ନଥିବାରୁ କଟକଣାର ସମ୍ମୁଖୀନ ହେଲାପରେ ବାହ୍ୟ ସହାୟତା ସଂକୁଚିତ ହେଲା । ଫଳରେ ଶ୍ରୀଲଙ୍କା ସରକାର ପାକିସ୍ଥାନ ପରି ଚୀନର ଋଣ ଜାଲରେ ଛନ୍ଦି ହେଲେ। ବର୍ତ୍ତମାନର ସ୍ଥିତିକୁ ଦେଖି ଶ୍ରୀଲଙ୍କା ସେଣ୍ଟ୍ରାଲ ବ୍ୟାଙ୍କର ଗଭର୍ଣ୍ଣର ୩୧ ଡିସେମ୍ବର ୨୦୨୧ରେ କହିଥିଲେ ଯେ ଦେଶରେ ମାତ୍ର ୩.୧ ବିଲିଅନ ଡଲାର ବିଦେଶୀ ମୁଦ୍ରା କୋଷ ରହିଛି, ଯେଉଁଥିରେ ଚୀନର ୧.୫ ବିଲିଅନର କରେନ୍ସୀ ସ୍ୱାପ୍ ରହିଛି (୨୦୨୧) । ଏହାକୁ ବାଦ ଦେଲେ ଚଳିତ ଜାନୁଆରୀ ମାସ ୧୮ତାରିଖରେ ଆନ୍ତର୍ଜାତିକ ଦେୟ ବାବଦକୁ ୫୦୦ ମିଲିଅନ ଡଲାର ଅର୍ଥ ଶ୍ରୀଲଙ୍କା ସରକାରଙ୍କୁ ଦେବାକୁ ପଡିବ । ଜୁନ୍ ୨୦୨୨ରେ ୧ ବିଲିଅନ ଡଲାର ଅର୍ଥ ଅନ୍ୟମାନଙ୍କୁ ପରିଶୋଧ କରିବା ପାଇଁ ସରକାର ବାଧ ହେବେ । ଦେଶରେ ଅଚଳସ୍ଥିତିକୁ ଦେଖି ସରକାର ୧.୨ ବିଲିଅନ ଡଲାରର ଆର୍ଥିକ ସହାୟତା ଲୋକଙ୍କ ପାଇଁ ଘୋଷଣା କରିଛନ୍ତି । କିନ୍ତୁ କୋରୋନା କାଳରେ ଏହା କେତେଦୂର ଦେଶର ଅର୍ଥନୀତିକୁ ସମ୍ଭାଳିବ ତାହା ଆଗାମୀ ଦିନରେ ଜଣାପଡିବ । ୨୦୨୧ରେ ଦେଶରେ ଖାଦ୍ୟ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଥିଲା । ଲୋକେ ଅଳ୍ପ ଖାଇବାକୁ ସରକାରଙ୍କ ପକ୍ଷରୁ କୁହାଯାଇଥିଲା । ଆଜି ମଧ ଶ୍ରୀଲଙ୍କା ବଜାରରେ ଗୁଣ୍ଡକ୍ଷୀର କିଣିବାକୁ ମିଳୁନାହିଁ । ଆବଶ୍ୟକ ଏଲ୍‌ପିଜି ସିଲିଣ୍ଡରରେ ଅଭାବ ଦେଖାଦେଇଛି । କିରୋସିନ ଏବଂ ପେଟ୍ରୋଲ ପାଇଁ ଲୋକଙ୍କୁ ଜାରକିନ ଧରି ଧାଡିବାନ୍ଧି ନେବାକୁ ପଡୁଛି ।

ଶ୍ରୀଲଙ୍କାର ଏହି ଆର୍ଥିକ ଦୁସ୍ଥିତି ପାଇଁ ଶାସକ ରାଜପାକ୍ଷଙ୍କ ସରକାର କୋରୋନାକୁ ଦୋଷଦେଇ ଦେଉଛନ୍ତି, କିନ୍ତୁ ନିଜ ସରକାରର ଅପାରଗତା, ଆର୍ଥିକ ନେତୃତ୍ୱ ପରିଚାଳନାରେ ଦକ୍ଷତାର ଅଭାବ, ବିଦେଶୀ ଋଣସଂଗ୍ରହରେ ଅଦୂରଦର୍ଶିତା ରହିଥିବା କଥା କହୁନାହାନ୍ତି । ଆଜିର ସ୍ଥିତିରେ ଦେଶ ଅକସ୍ମାତ ପହଞ୍ଚିନାହିଁ ବର୍ଷ ବର୍ଷର ଅପରିଣାମଦର୍ଶୀ ନେତୃତ୍ୱ ଏଥିପାଇଁ ଦାୟୀ ରହିଛି । ଶ୍ରୀଲଙ୍କାର ଏହିସ୍ଥିତି ପାଇଁ ଅନେକେ ଚୀନର ଋଣକୁ ଦାୟୀ କଲେ ମଧ ଶ୍ରୀଲଙ୍କାର ସର୍ବାଧିକ ଋଣ ଯାହା ମୋଟ ଋଣର ପଚଶଭାଗ ଆନ୍ତର୍ଜାତିକ ବଜାରରୁ ଆସିଛି । ଅନ୍ୟ ଋଣ ଚୀନ, ଭାରତ, ଜାପାନ, ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ,ଓ୍ୱାର୍ଲଡ ବ୍ୟାଙ୍କ, ମାର୍ବେଲଠାରୁ ଆସିଛି । ନିକଟରେ ଦେଶର ବିରୋଧୀଦଳ ସବୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରୁ ଋଣ ନେବାକୁ ଶ୍ରୀଲଙ୍କାର ରାଜପାକ୍ଷ ସରକାରଙ୍କୁ ପରାମର୍ଶ ଦେଇଥିଲେ ହେଁ ସରକାର ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର କଠୋର ସର୍ତ୍ତାବଳୀକୁ ଗ୍ରହଣ କରିବା ସ୍ଥିତିରେ ନାହାନ୍ତି ବୋଲି କହିଲେ ।

ନିଜ ମୁଣ୍ଡରୁ ଦୋଷ ଛଡାଇବାକୁ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ଷ କୋରୋନାକୁ ଦୋଷ ଦେବାବେଳେ ଏହା କେତେକାଂଶରେ ସତ ହେଲେ ମଧ ଏକମାତ୍ର କାରଣ ନୁହେଁ । ଦେଶର ଅର୍ଥନୀତି ରବର, ଚହା ଚଷପରି କୃଷି ଏବଂ ପର୍ଯ୍ୟଟନକୁ କେନ୍ଦ୍ରକରି ଚଳିଆସିଛି । କୋରୋନା ଆସିବା ପରଠାରୁ ପାଖାପାଖି ଦୁଇବର୍ଷ ହେବ ଦେଶର ପର୍ଯ୍ୟଟନ ସବୁଦେଶପରି କଟକଣା ମଧ ଦେଇ ଗତିକରିଆସିଛି । ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇଛି । କିନ୍ତୁ କୃଷିକ୍ଷେତ୍ରରେ ଗତ ଏପ୍ରିଲ ମାସରେ ରାଜପାକ୍ଷ ସରକାର ଶ୍ରୀଲଙ୍କାରେ ଜୈବିକ କୃଷିକୁ ବାଧତାମୂଳକ କରିବା ଦ୍ୱାରା ଚୀନରୁ ଜୈବିକ ସାର ଆଣିବା ପାଇଁ ବୁଝାମଣା କରିବାକୁ ହେଲା । ଦେଶରେ ଆବଶ୍ୟକ ପରିମାଣର ଜୈବିକ ସାରର ଅଭାବ ରହିଛି । ଏହାର ସୁଯୋଗ ନେଇ ଚୀନର କ୍ୱିଙ୍ଗଡାଓ ସିଓ୍ୱିନ୍ ୯୯୦୦୦ ଟନ୍ ଜୈବସାର ରପ୍ତାନୀ କରିବାକୁ ଆଦେଶ ପାଇଥିଲା । ତଦନୁଯାୟୀ କମ୍ପାନୀ ଯେଉଁ ସାର ଶ୍ରୀଲଙ୍କାକୁ ଯୋଗାଇଲା ସେଥିରେ ରାସାୟନିକ ଅଂଶ ରହିଥିବା ପ୍ରମାଣ ମିଳିବାରୁ ମାଲ ଫେରାଇ ନେବାକୁ ଶ୍ରୀଲଙ୍କା ସରକାର ଚୀନର କମ୍ପାନୀକୁ କହି ଆଦେଶ ରଦ୍ଦ କଲେ । ଚୀନର କ୍ୱିଙ୍ଗଡାଓ ସିଓ୍ୱିନ ବାଇଓଟେକ୍ ଗ୍ରୁପ୍ କମ୍ପାନୀ ଲିମିଟେଡ୍ ସାର ଫେରାଇ ନେବା ବଦଳରେ ଅର୍ଥ ଦାବି କଲା । ଏପରିକି ଶ୍ରୀଲଙ୍କାର ଚୀନ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ଅର୍ଥ ନଦେବା କାରଣରୁ ପିପୁଲସ ବ୍ୟାଙ୍କ ଅଫ୍ ଶ୍ରୀଲଙ୍କାକୁ କଳା ତାଲିକାଭୁକ୍ତ କରିବାକୁ ଘୋଷଣା କଲେ । ସାଙ୍ଗଡଙ୍ଗସ୍ଥିତ ଏହି କମ୍ପାନୀ ୨୦ହଜାର ଟନ୍ ଓଜନର ସାର ଶ୍ରୀଲଙ୍କାକୁ ଜାହାଜରେ ପଠାଇଥିଲା । ଅକ୍ଟୋବର ମାସରେ ଶ୍ରୀଲଙ୍କା ସରକାର ତାହା ଗ୍ରହଣ କରିବାକୁ ମନାକରିବାରୁ ଜାହାଜଟି ଫେରିଯିବା ସହ ସିଙ୍ଗାପୁରସ୍ଥିତ ଆନ୍ତର୍ଜାତିକ ଅଦାଲତରେ କମ୍ପାନୀ ଶ୍ରୀଲଙ୍କା ସରକାରଙ୍କ ବିରୋଧରେ ୪୯.୭ମିଲିଅନ ଡଲାର ପାଇବାକୁ ଦାବିକଲା । ଚୀନ କମ୍ପାନୀ ଯୋଗାଇଥିବା ସାରରେ ଏରଓ୍ୱିନା ଶ୍ରେଣୀର କ୍ଷତିକାରକ ବିଜାଣୁ ରହିଥିବା ଜଣାପଡିଥିଲା । ତେବେ ବୁଝାମଣା ଅନୁଯାୟୀ ସାର ଯୋଗାଣ ପୂର୍ବରୁ ଗୁଣବତ୍ତା ପରୀକ୍ଷା ଏକ ତୃତୀୟପକ୍ଷ ପରୀକ୍ଷାଗାରରେ କରାଯିବାର ନିୟମ ରହିଥିଲା । ଶ୍ରୀଲଙ୍କା ଷ୍ଟାଣ୍ଡାର୍ଡ ଇନ୍‌ଷ୍ଟିଚ୍ୟୁଟ ଏଥିପାଇଁ ଜର୍ମାନୀର ସ୍କୁଟର ଗ୍ରୁପକୁ ଦାୟିତ୍ୱ ଦେଇଥିଲା । ଏହି ମାମଲା ଯୋଗୁ ଚଷୀଙ୍କ ଚଷ ସମୟ ଗଡିଯିବାରୁ ଦେଶରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହେଲା । ଫଳରେ ଅତ୍ୟାବଶ୍ୟକ ଯୋଗାଣ ଭିତ୍ତିରେ ଶ୍ରୀଲଙ୍କା ସରକାରଙ୍କ ନିବେଦନ କ୍ରମେ ଭାରତ ସରକାର ଦୁଇଟି ପରିବହନ ବିମାନରେ ଏକଲକ୍ଷ କିଗ୍ରାର ତରଳ ଜୈବସାର ତତକାଳ ଯୋଗାଇ ଦେଲେ । ଏହି ପ୍ରକ୍ରିୟାରେ ସରକାର ଅନେକ ସମୟ ନଷ୍ଟ କରିବା ଯୋଗୁ ୨୦୨୧ ବର୍ଷରେ ଦେଶରେ ଅନେକ ଚଷଜମି ଖାଲି ପଡିରହିଲା । ଯାହା ୨୦୨୨ରେ ଖାଦ୍ୟାନ୍ନ ଅଭାବର ପରିସ୍ଥିତି ସୃଷ୍ଟି କରିବ ।

ଗତବର୍ଷ ଅଗଷ୍ଟ ମାସରେ ଶ୍ରୀଲଙ୍କା ସରକାର ଦେଶରେ ଆର୍ଥିକ ଜରୁରୀ ପରିସ୍ଥିତି ଜାରି କରିଥିଲେ । ଶ୍ରୀଲଙ୍କା ମୁଦ୍ରାର ମୂଲ୍ୟହ୍ରାସ ଯୋଗୁ ସବୁକିଛିର ମୂଲ୍ୟବୃଦ୍ଧି ଘଟିଥିଲା, ସେହିସ୍ଥିତି ବଜାରରେ ଆଜିଯାଏ କାଏମ ରହିଛି । ଗତ ଦଶ ବର୍ଷ ହେବ ଶ୍ରୀଲଙ୍କା ଉଭୟ ବାଣିଜ୍ୟରେ ନିଅଣ୍ଟ ଏବଂ ଆର୍ଥିକ ନିଅଣ୍ଟିଆ ପରିସ୍ଥିତି ମଧ ଦେଇ ଗତି କରୁଛି । ୨୦୧୪ରୁ ଶ୍ରୀଲଙ୍କାର ବିଦେଶୀ ଋଣ ସ୍ତର ବୃଦ୍ଧିପାଇ ୨୦୧୯ରେ ଜିଡିପିର ୪୭.୬ ପ୍ରତିଶତରେ ପହଞ୍ଚିଥିଲା ।୨୦୧୯ରେ ଦେଶର ମୋଟ ବିଦେଶୀ ଋଣ ପରିମାଣ ୩୩ ବିଲିଅନ ଡଲାର ଥିଲା । ଦେଶର ବିକାଶହାର ମାତ୍ର ୪ ପ୍ରତିଶତ ରହିଛି । ଚୀନରୁ ୫ ବିଲିଅନ ଡଲାର ଋଣ ପୂର୍ବରୁ ନେଇଥିଲେ ହେଁ ୨୦୨୧ରେ ପୁଣି ୧ ବିଲିଅନ ଡଲାର ଋଣ ଶ୍ରୀଲଙ୍କା ସରକାର ନେଇଥିଲେ ।

୨୦୨୧ ନଭେମ୍ବର ମାସରେ ଦେଶରେ ମହଙ୍ଗା ହାର ୧୧୧ ପ୍ରତିଶତ ରହି ରେକର୍ଡ କରିଥିଲା । କୋରୋନା ଯୋଗୁ ଅଢେଇ କୋଟି ଜନସଂଖ୍ୟା ବିଶିଷ୍ଟ ଶ୍ରୀଲଙ୍କାର ପ୍ରାୟ ପାଞ୍ଚଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଇତିମଧ୍ୟରେ ଖସିଗଲେଣି ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି । ପୁରୁଣା ତୈଳ ଋଣ ସୁଝିବାକୁ ଶ୍ରୀଲଙ୍କା ସରକାର ପ୍ରତିମାସ ଇରାନକୁ ପାଞ୍ଚ ମିଲିଅନ ଡଲାର ମୂଲ୍ୟର ଚହା ରପ୍ତାନୀ କରି ବିଦେଶୀ ମୁଦ୍ରା ବଞ୍ଚାଇ ରଖିବାକୁ ଚାହୁଁଛନ୍ତି । ଇରାନର ଋଣ ୨୫୧ ମିଲିଅନ ଡଲାର ରହିଛି।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


କବିତା କୋଣାର୍କ



## ମିଛ ସ୍ୱାଧୀନତା

ଅମରନାଥ ବାରିକ୍

ଦେଖ ଦେଖ ଆଜି ଜାତୀୟ ପତାକା
ଉଡୁଅଛି ଫରଫର
ତଳେ ରାଜନେତା ଋଣ୍ଡିଭୁତ ହୋଇ
ନିଜକୁ ମଣନ୍ତି ବୀର
ସବୁଠାରୁ ବଡ଼ ଚୋର
ଆଇନ ଭକ୍ଷକ ପୋଲିସ ସେଠାରେ
ନୁଆଁଇ ଅଛନ୍ତି ଶିର ।

ଦିଅନ୍ତି ଭାଷଣ ନିଜ ଦଳ ପାଇଁ
କରିଛି କେ କେତେ କାମ
ଉପର ଖୋଳପା ମାତୃଭକ୍ତି ଛାପ
ହୃଦେ ନାହିଁ ଦେଶ ପ୍ରେମ
କରୁଥାନ୍ତି କୃତ କର୍ମ
ଆଇନ ଆଖିରେ କଳାପଟି ବନ୍ଧା
ଭାସି ଯାଏ ଦେଶ ଆମ ।

ପ୍ରକୃତ ସଂଗ୍ରାମୀ ଫଟୋ ଉଇ ଖାଏ
ପୋଷ୍ଟର ଯାଙ୍କର ଛପେ
ସ୍ଲୋଗାନରେ ନିଜ ମନ୍ତ୍ରୀ ନାମ ଯୋଡ଼ି
ଭୋକି ହେଉଥାନ୍ତି ଆପେ
ଭୋଟର ବାପୁଡା ଜପେ
ଇଲେକ୍ସନ ବେଳେ ପିଇଥିଲେ ବୋଲି
ନାଲି ପାଣି କପେ କପେ ।

ମିଛେ ଉଡ଼ାଉଛ ତ୍ରିରଙ୍ଗା ପତାକା
ଜାତୀୟ ସଙ୍ଗୀତ ଗାଇ
କହି ପାରିବ କି ଗଣତନ୍ତ୍ର କ'ଣ
ପୁଣି ହେଉଅଛ ବାଇ
ସମ୍ବିଧାନ ଜଣା ନାହିଁ
କେଉଁଥିରେ ଲେଖା ଶୋଷଣ କରିବା
କହି କି ପାରିବ ଭାଇ !


+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ମୋ: ୯୫୪୦୩୦୮୦୯୫


## ମେଘ ମହ୍ଲାର

ନିରଞ୍ଜନ ସାହୁ



ଛନ୍ଦ ତୋଳି ଯେବେ ମୟୁର ନାଚଇ
ଆକାଶେ ମେଘକୁ ଦେଖି
ଅତି ସହଜରେ ପ୍ରଣୟିନୀ ମୋର
କବିତା ପାରଇ ଲେଖି ।
କବି ହେବାପାଇଁ ବାସନା ତାହାର
ମନରେ ସଂକଳ୍ପ କେତେ
କାଗଜ କଲମ ଚିର ସାଥି ତା'ର
ଲେଖିଚାଲେ ପାରେ ଯେତେ
ମୋ ପ୍ରେମଟା ବୋଧେ ବାଧକ ସାଜଇ
ମୋ କଥା ପାରେନା ରଖି ।
କବି ହେବା କାଳେ ସହଜ ନୁହଁଇ
ଏ କଥା ମୋ କାନେ କହେ
ତଥାପି ଅବୁଝା ଏ ପ୍ରେମିକ ମନ
ବିରହ ଦୁଃଖ କି ସହେ
ସିଏ ସିନା ଅଟେ ମୋହରି ପସନ୍ଦ
କବିତା ତା ମନଲାଖି ।ଞ୍ଜଞ୍ଜଞ୍ଜ


+ନିହଲ ପ୍ରସାଦ , ଗଁଡିଆ ପାଟଣା
ମୋ:୯୯୩୮୭୪୧୫୮୩


## ଅପାଶୋରା ପ୍ରିୟା

ନିରଞ୍ଜନ ପତି



ଜାନୁଆରୀ
ବର୍ଷର ଏକଦମ୍ ପ୍ରାରମ୍ଭରେ
ଆସିଲା ସେ
ଆତ୍ମୀୟ ପ୍ରିୟା ମୋର
ଅତୀବ ସୁନ୍ଦରୀ....
ତାକୁ ନେଇ ସାରାବର୍ଷ
ଜୀବନ ଗଢିବାର
ରଙ୍ଗୀନ୍ ସ୍ୱପ୍ନ ରେ
ମସଗୁଲ୍ ମୁଁ
ତା ସହ ପ୍ରଥମରେ
ଜୀବନ ବିତାଇ
କେବେହେଲେ
ଯିବିନାହିଁ ହାରି ।
ପ୍ରତିବର୍ଷ ଏଇ
ଏକା ସମୟରେ ସେ
ଜୀବନ ପରିଧିକୁ
ପ୍ରବେଶ କରେ
ମୋ ହାତରେ ନୂଆ
କ୍ୟାଲେଣ୍ଡର, ରାଶିଫଳ
ଡାଏରୀ ଧରେଇ ଦେଇ
ମୋ ମନ, ହୃଦୟକୁ
ଆହ୍ଲାଦରେ ଭରେ
ଶୀତ ସକାଳରେ
ସଞ୍ଜୁଆ ବେଳରେ
ସେ ମୋ ସହ ଟୁପ୍ ଟାପ୍
ଭୁଟ୍ ଭାଟ୍ ହୁଏ
ଗାଁ ଘରର ମାଟି ଚୂଲି ମୁଣ୍ଡରେ
ବସି ବସି ଗରମ୍ ଚା କପ୍‌ର
ମଜା ନେଉ ଥାଏ, ମୁଠେ ମୁଠେ
ଗରମ୍ ଚାଉଳିଆ ମାଆ ହାତଭଜା ମୁଢ଼ି
ପାଟିରେ ପକାଏ .....
ଏମିତି ହେଉ ହେଉ
କେତେବେଳେ ମାସ ସରେ
ଜାନୁଆରୀ ପ୍ରିୟା ମୋର
ମୋ ଉପରେ ମାନକରି
ଟା ଟା ହାତଠାରି
ତା ଚଲାପରେ
ଫେରିଯାଏ ......
ତୁମ ବିନା ମୁଁ କି ରହେ
ଦୁଃଖ ନାହିଁ
ମୁଁ ପୁଣି ଫେରି ଆସିବି
କହିଦେଇ ଚାଲିଯାଏ ।
ଗୋଟାକ ପରେ
ଆଉଗୋଟେ ପ୍ରିୟା
ଆସନ୍ତି, ଯାଆନ୍ତି
ମାସକ ପାଇଁ
ନିଜର ହୁଅନ୍ତି
ମୁଁ ଥିବା ଯାଏଁ
ସେ ଆସୁଥିବେ କହିକହି
ମୋତେ ଭୁଲାଇ ଦିଅନ୍ତି
ଯିବା, ଆସିବା ଜୀବନରେ
ସାମିଲ୍ ହୁଅନ୍ତି ।


+ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯




## ରଶ୍ମି ହିଁ ଈଶ୍ୱର ସତ୍ୟ

ଡ. ଈଶ୍ୱର ମଙ୍ଗରାଜ

ରଶ୍ମୀ ନ ଥିଲେ ଜୀବନ ନାହିଁ
ସୁର୍ଯ୍ୟ ରଶ୍ମୀ ଯିବ ଜଗତ
ମାଟିରେ ବୀଜ ପୋତିଲେ ଗଛ
ପାଣି ପାଇ ହୁଏ ଜାତ।

ଚନ୍ଦ୍ର କିରଣ ଶୀତଳ ରାତ୍ର
ମନୁଷ୍ୟ ଓ ଉଦଭିତ
କାକର ବିନ୍ଦୁ ସବୁଜ ପତ୍ର
ସକାଳର ରଶ୍ମୀ ମିତ।

ରଶ୍ମି ହିଁ ଈଶ୍ୱର ସୂର୍ଯ୍ୟ ଚନ୍ଦ୍ର
ତାଙ୍କ ସ୍ୱର୍ଷ ପ୍ରଜ୍ୱଳିତ
ଶୀତଳ ରାତ୍ରରେ ଜର୍ଜରିତ
ରଶ୍ମୀ ରଙ୍ଗ ଦିନେ ଉଷ୍ମ।

ଈଶ୍ୱର ରଶ୍ମୀ ହେଲ ମିଶ୍ରିତ
ସାଧବ ବୋହୁ ରଙ୍ଗତ
କଳା ନାଲି ଧଳା ନୀଳ ଜାତ
ପ୍ରଜାପତି ରଙ୍ଗାୟିତ।

ରଶ୍ମୀପ୍ରକୋପ ବୃଦ୍ଧି ହୃୟେତ
ଈଶ୍ୱର ଇଚ୍ଛା ପ୍ରାପତ
ଚନ୍ଦ୍ରମା ମନ୍ଦ୍ୟ କଳଙ୍କିତ
ରଶ୍ମି ହିଁ ତାର ନିଶ୍ଚିତ
ତା ମନ ମୁନ ସମର୍ପିତ ।

ଦିବା ରାତ୍ର ସୃଷ୍ଟି ସତ
କରତ ତ୍ରିବାର ସତ୍ୟ
ଯିବା ରତ୍ନ ଧନ ପ୍ରାପ୍ତ
ସାକ୍ଷୀ ରଖି ଜଗନ୍ନାଥ ।


+ ଖୋର୍ଦ୍ଧା

## କବି, କବିତା ଲେଖ୍‌ନା-(୧)
### ଗଜାନନ ମିଶ୍ର



କବି,
ତୁ କବିତା ଲେଖ୍‌ନା।
ଲେଖ୍‌ନା ଲେଖ୍‌ନା କବି,
ଆମକୁ ନେଇ କୌଣସି ଶବ୍ଦ ଉଚ୍ଚାରଣ କର୍‌ନା।
ଏମିତି ବି କବିତା ଲେଖି ତତେ କିଛି ମିଳିବାର ନାହିଁ।
ଏମିତି ବି ବିପଦ ଆପଦ ଦୁଃଖସୁଖରେ ହାନିଲାଭ ବୁଝିବାକୁ
ତୋ ପାଖରେ କେହି ବି ନାହିଁ।

କବି,
ତୁ ତୋର ନିଆରା,
ତୋ ଇଲାକାରେ ତୁ ଥା,
ତୋର ତୁ ନାଚୁ ଥା, ହସୁ ଥା,
ଘିରି ଘିରି ତୋ ଚାରିଆଡେ ତୁ କିନ୍ଦରୁ ଥା।
ବାହାରକୁ ବାହାରନା କବି,
ଶବ୍ଦଟିଏ ବି ବାହାର କରିବା ମନା,
ବାହାରେ ପଚପଚ ଜୀବାଣୁ ଭୂତାଣୁ
ଆଉ ଆଉ କରୋନା।

କବି,
କିଛି କହନା।
ବାଜି ସାରିଲାଣି ବିଗୁଲ
ଭୂତପ୍ରେତ ଡାହାଣୀ ଚିରିଗୁଣୀଙ୍କ
ବେକାବୁ ଡିଆଁଡେଇଁରେ
ମେଦିନୀ ହେଲାଣି ହୁଲସ୍ଥୁଲ।
ନା, କବି ନା,
କିଛି ଦେଖ୍‌ନା,
ଭାଇବିରାଦରି ଭାଗିଦାରୀ ସବୁ
କଲେଣି ତତେ ଖେଳନା।
ସ୍ତ୍ରୀ ପୁଅ ବୋହୂ ସବୁ ମିଶି
ଜାରି କଲେଣି ପରମାନା।

କବି,
ଏ ଶୀତ, ଏ ବର୍ଷା, ଏ ପବନ
କାଶ ଜର କଫ କରେଇ
ବସିଲେଣି ନେବାକୁ ତୋ ଜୀବନ।
ତୁ ତତେ ସମ୍ଭାଳ କବି,
ଆଖି ଫିଟାଇ ଆଉ ଦେଖ୍‌ନା,
ପାଟି ଫିଟାଇ ଆଉ କହନା,
କଲମ ଧରି ଆଉ କବିତା ଲେଖ୍‌ନା।
କଣ କେତେବେଳେ ହେଲେ
ତୋ ପିଠିରେ ପଡିବା ଲୋକ
କୋଉଠି କିଏ ଅଛି ଏମିତି ଭାବ୍‌ନା।

♥ ତପୋବନ, ଟିଟିଲାଗଡ, ବଲାଙ୍ଗିର



## ପରିବର୍ତ୍ତନ
### ଡିସମ୍ବର ମେହେର

ଆଜି ଗାଁ ଦାଣ୍ଡ ନାହିଁ ଧୂଳି
ରୋଷେଇ ଘରେ ନାହିଁ ଚୁଲି
ବାସିଖାଇ ବୁଢ଼ୀ ଆଣୁନି କୋଳି
ସହରୀ ପୁଅ ଗାଆଁକୁ ଗଲାଣି ଭୁଲି ।

ଜଳୁନି ଆଉ ଉମେଇ ଜାଳ
ଆସିଲାଣି ଏବେ ମୋଟା କମ୍ବଳ
ବିରିଆନୀରେ ମନ,
ଭୁଲିଗଲେଣି ବାସି ପଖାଳ
ମିଛ ଏଠି ସଭିଙ୍କୁ ଲାଗେ ଭଲ,
ସତ କହିଲେ ମହାକାଳ ।

ମେଳା ନାହିଁ କି ପରବ ନାହିଁ
ଘରେ ବସିଛନ୍ତି ସଭିଏଁ ଟିଭିକୁ ଚାହିଁ
ସ୍ୱାର୍ଥ ସମାଜେ ସହଯୋଗ ସଂପର୍କ କାହିଁ
ସବୁଠି ଛୁଇଁଛି ପରିବର୍ତ୍ତନର ଛାଇ,
ପରିବର୍ତ୍ତନର ଛାଇ ।

♥ ଗଣ୍ଡାବାହାଲି, ନୂଆପଡା

## ଶେଷ ଇଛା
### ମମତା ରାଣୀ ଦାଶ



ଯେମିତି ଅଛି ମୁଁ ସେମିତି ରହିବି
କହୁନି କୁବେର କର
ମୋ ପେଟ ପଛକେ ଭୋକରେ ଆଉଟୁ
ସଂସାର ଉଦ୍ଧାର କର ।

ଅମୃତ ମଣୋହି ଲୋଡ଼ା ନାହିଁ ମୋର
ମାଗୁନି ରାଜ ଉଆସ
ଶେଷ ଇଛା ମୋର ତୁମ ଚରଣରେ
ଯାଉ ମୋ ଶେଷ ନିଶ୍ୱାସ ।

ଜୀବନର ଶେଷ ପାହାଚ ଯାଏ ମୋ
ତୁଣ୍ଡେ ଥାଉ ତୁମ ନାମ
ତୁମେ ମୋତେ ପର କରି ଦିଅ ପଛେ
ତୁମ ପୂଜା ମୋର କାମ ।

ଶରଧା ବାଲିରେ ଗଡ଼ିଯାଏ ଥରେ
କାୟାକୁ ପବିତ୍ର କରି
ଅବଢ଼ା ଟିକିଏ ତୁଣ୍ଡେ ପାଇ ମୋର
ମନ ଆତ୍ମା ଯାଉ ପୁରି ।

ପୁନର୍ଜନ୍ମ ମୋତେ ନମିଳୁ କାଳିଆ
ଲୋଭ ମୋହ ଦୂରେ ଯାଉ
ଯେତେ କର୍ମଫଳ ଭୋଗିବାର ଅଛି
ଏହି ଜନ୍ମେ ଶେଷ ହେଉ ।

କାହା ପ୍ରତି ଘୃଣା ନରହୁ ଏ ମନେ
ଦୁଃଖି ପାଇଁ କାନ୍ଦୁ ପ୍ରାଣ
ମନ କଥା ଅବା କି କହିବି ଆଉ
ତୁମେ ପ୍ରଭୁ ସବୁ ଜାଣ ।

ତୁମ ଦାନ ପ୍ରଭୁ ନଶ୍ୱର ଶରୀର
ତୁମ ଠାରେ ହେଉ ଲୀନ
ଏତିକି ଗୁହାରି ତୁମ ପାଦତଳେ
କରୁଛି ମୁଁ ରାତିଦିନ ।

♥ ତିହିଡି, ଭଦ୍ରକ(୭୫୬୧୨୭)
(ମୋ)୯୦୯୦୨୪୭୭୮୭

## ଜୀବନଟା ଏକ ଖୋଲା ବହିର ମଲାଟ
### ପୁଷ୍ପାଞ୍ଜଳି ମିଶ୍ର



ମୁଁ ତାକୁ ଫିଙ୍ଗି ଦେଇଛି ରାଜରାସ୍ତାକୁ
ଯେଉଁଠି ଅନେକ ଜନ ସାଧାରଣ
ଯାତାୟତ କରୁଛନ୍ତି
ପକ୍ଷୀଟିଏ ଖଣ୍ଡି ଉଡା ଦେଉଥାଏ
ମା' କୋଳେ ଖେଳୁଥାଏ
ତଥାପି ପକ୍ଷୀ ତାର
ସିଧା ହୋଇ ନ ଥାଏ
ଆକାଶର ପୁନେଇଁ ଜହ୍ନର ଆସର
ଭିଜା ମାଟିର ବାସ୍ନାରେ
ତନ୍ଦ୍ରାୟିତ ଆଖିରେ
ମମତାର ଭାଷା ସବୁଜିମା ଭରା
ମଳୟର ହିଲ୍ଲୋଳରେ
ସାତରଙ୍ଗର ପୃଥିବୀଟା
ଖୁସିରେ ନାଚି ଯାଉଛି
ଅଧିର ହୋଇ ଯାଉଛି
ସମୟର ବେଳାଭୂମିରେ
ହସ, କାନ୍ଦ, ରାଗ ଅଭିମାନ ଜୁଆରରେ
ଆସ ଆଜି ଜୀବନର
ନୂଆ ରଙ୍ଗକୁ ଖୋଜିବା
ମାଲୁଣିର କଳା ଧଳା ଫୁଲ ପରି
କୋଇଲିର କୁହୁ କୁହୁ ତାନରେ
ଆମ୍ବ ତୋଟା ପୁରି ଯାଉଛି
କିନ୍ତୁ ଏଇ ଜୀବନ
ସମୟର ରଥଚକ୍ରକୁ ନେଇ
ଉତ୍ସାହ ଉଦ୍ଦୀପନାରେ
ଉନ୍ମୋଚନ ଆଣେ କିଛି ଆଶା ନିରାଶା
ଯାହା ଅବିସ୍ମରଣୀୟ
ଇତିହାସ ନମୁନାରେ
ବୈଶାଖର ତତଲା ତତଲା ବାଲିରେ
ଖୋଜୁଥିଲି ସ୍ମୃତିର ପାଦଚିହ୍ନ
ଦୁଃଖ ଏକ ଅଭୁଲା ସ୍ମୃତି
ପ୍ରେମିକର ବିଚ୍ଛେଦରେ
ମୃତ୍ୟୁର ଶୋକରେ
ଦୁଃଖ ଏକ ଅମାନିଆ ନଈ
ପରିତ୍ୟକ୍ତା ନାରୀର ଲୁହରେ
ଜୀବନ ଏକ ତରଙ୍ଗ ଲହରୀ
କେବେ ଲୁହର ବନ୍ୟା ତ
ଆଉ କେବେ ଆନନ୍ଦର ଫଲଗୁ
କେବେ ସବୁଜ ଘାସ ତ
ଆଉ କେବେ ପତ୍ରଝଡା
ହେଲେ ଜୀବନର ଚକା ଭଉଁରିରେ
ଏମିତି ପେଶିହୋଇ ଯାଏ ଯେ
ବାରମ୍ବାର ଝୁଣ୍ଟି ଚାଲିଥାଏ
ଖୋଜୁଥାଏ ଅତୀତକୁ
ଆଉ ଝୁରୁଥାଏ
ଜୀବନର ଅନ୍ତିମ ପର୍ଯ୍ୟାୟରେ
ଠିଆ ହୋଇ ଜୀବନର ମୂଲ୍ୟକୁ ।

♥ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
(ମୋ)୯୫୫୬୬୪୩୯୨୧



## ଗୋରୁ ଗାଈ ଆମ ଦେବତା
### ତପନ କୁମାର ସ୍ୱାଇଁ



କହିଲୁ ମାଆ ଗୋରୁ, ଗାଈଙ୍କୁ
ଭାତ ମୁଠାଏ ଦେଇ,
ପଡିଶା ଘର ଭାଇଙ୍କ ଠାରୁ
ଗାଳି ଖାଇଲି କାହିଁ ।

ତୁ'ପରା କହୁ ଭୋକିଲା କେହି
ଦେଖିବୁ ଯଦି ପ୍ରାଣୀ
କିଛି ନଥିଲେ ଘରୁ ଆମର
ଦେବୁ ଟୋପାଏ ପାଣି ।

ଗୋରୁ, ଗାଈତ ଦେବତା ଆମ
ନିରୀହ ପ୍ରାଣୀ ସିଏ
ତାଙ୍କୁ ମୁଠାଏ ଖାଇବା ଦେଲେ
ଧରମ ପରା ହୁଏ ।

ଧନ ଗରବେ ଅନ୍ଧ ହୋଇଯେ
ଦୟା ଧରମ ଭୁଲେ
ତା'ର ମାଉଁସ ଚିଲ,ଶାଗୁଣା
ଛୁଅନ୍ତି ନାହିଁ ମଲେ ।

ପୁରାଣେ ଲେଖା ହୋଇଛି ଆମ
ଯେ'କରେ ଜୀବଦୟା
ସେ'ଜନ ସାଥେ ସମାନ ହୁଏ
ପବିତ୍ର ଗଙ୍ଗା,ଗୟା ।

ଅସାମାଜିକ ମଣିଷ ସେହି
ଯେ'ମାରେ ପଶୁପକ୍ଷୀ
ତା'ଠୁ ଖରାପ ପଶୁପକ୍ଷୀଙ୍କୁ
କଷଣ ଦିଏ ରଖି ।

ପଶୁପକ୍ଷୀଙ୍କ ପାଇଁ ଆମେରେ
ପାଉଛେ କେତେ ଲାଭ
ସିଏ ନଥିଲେ ଧରାରେ ଆମ
ବଞ୍ଚିବା ଅସମ୍ଭବ ।

♥ ମହାନଦୀ ବିହାର,କଟକ
(ମୋ) ୯୪୩୭୫୯୬୭୫୧

## ମାଦଳ
### କବି ବିପ୍ଳବ



ଏବେ ଶୋଇପଡିଛି
ତାଙ୍କର ଭାଗ୍ୟ
ଟଙ୍କିକିଆ ଚାଉଳ ଆଉ
ହୋମ ଡ଼େଲିଭରିରେ ମିଳିଥିବା
ନାଲି ପାଣି ପିଇ ।
ତାଙ୍କର ସବୁ ବିସ୍ମରଣ ହେଇ ଯାଇଛି
ଗଙ୍ଗା ଠୁଁ ଗୋଦାବରୀ ଜୟ କରିବା ଗାଥା
ଚଣ୍ଡାଶୋକକୁ ଧର୍ମାଶୋକ କରିଥିବା
ସ୍ୱର୍ଣ୍ଣିମ ଇତିହାସ
ସମଗ୍ର ବିଶ୍ୱରେ ମହ ମହ ବାସୁଥିବା ଅଭଡ଼ା
ଆଉ
ବ୍ଲାକ ପାଗୋଡାର ଉତ୍ତର ଦାୟାଦ୍ ବୋଲି ।
ମାଟି ମା କାର୍ପଣ୍ୟ କରିନି ଏଠି
ସବୁଜ ବନାନୀ, ଖଣିଜ ସମ୍ପଦରେ
ଭରପୁର ତା'ର କୋଳ
ଅଭାଗା ମଣିଷ ଦଳ ଖୋଜୁଛନ୍ତି
ସୁରଟରେ ସୁତା କଳ !
କେବେ ପାଣି ପାଇଁ ଛତିଶଗଡର ଦାଦାଗିରି
କେବେ ସୀମା ପାଇଁ ବଙ୍ଗର ନାଲି ଆଖି
କେବେ ପୁଣି ଆନ୍ଧ୍ରର କୋଟିଆ ଚୋରି
ଏବେ ସବୁ ଦେହ ସୁଆ ତାଙ୍କ ପାଇଁ ।
ଭୂମି ଉପରେ ପାଦ ଥୋଇବାକୁ
ନା ପାଦରେ ଅଛି ବଳ
ନା ଶସ୍ତ୍ର ଧରିବାକୁ ଉଠୁଛି ହାତ
ତାଙ୍କର ଲୋଡ଼ା ଏବେ
ମନ୍ଦେ ନାଲିପାଣି
ଆଉ ଟଙ୍କିକିଆ ପେଜୁଆ ଭାତ !

♥ ମକୁନ୍ଦପୁର, ବାଙ୍କୀ
(ମୋ)୯୪୩୭୪୬୮୦୧୬



## ସ୍ମୃତିର ଚଦର
### ରୂପେଶ ସାହୁ

ତୁମେ ବି ତ ଆସ
ଠିକ ଏଇ କାଶତଣ୍ଡି ପରି
ଠିକଣା ସମୟରେ,ପାର୍ବଣ ଋତୁରେ।

ଅପେକ୍ଷାର ରାତି ସବୁକୁ
ବିଦାୟ ଦେଇ,
ଅଳସ ସୂର୍ଯ୍ୟ ପରି
ସଞ୍ଚରି ଯାଅ ଦେହ ସାରା
ମୁଗ୍ଧ ହୁଏ ତନୁ ମନ ସବୁକିଛି,
କାକର ଜଡ଼ ସଡ଼ ମୋ ପୃଥିବୀ
ହୋଇଉଠେ ଖୁବ୍ ଚଞ୍ଚଳ।

ଖାଁ ଖାଁ ରାଜରାସ୍ତାରେ
ଷ୍ଟ୍ରୀଟ ଲାଇଟର ମୁହଁ ସବୁ
ଦିଶୁଥାଏ ଠିକ ତୁମ ପରି,
ବାଟବଣା ହେଉ ହେଉ ଅଟକିଯାଏ
ତୁମେ ବୋଧେ ଟାଣିନିଅ
ଭିଜିଭିଜେଇ ଦିଅ ମୋ ହାତ ଧରି।

ଋତୁ ପରି ତୁମେ ବି ଅବୁଝା,
ଫେରିଯାଅ,ଦଗା ଦିଆ କୃଷ୍ଣ ସାଜି
ପୁଣି ଆସିବାକୁ କଥା ଦେଇ,
ଏଣେ ମୋ ପୃଥିବୀରେ ମାଡୁଥାଏ
ରାତିର ବହଳ ଅନ୍ଧାର,
ମୁଁ ଘୋଡ଼ି ହେଉଥାଏ
ତୁମ ସ୍ମୃତିର ଚଦର।

♥ ପଦ୍ମପୁର, ରାୟଗଡା।
(ମୋ)୯୩୩୭୨୨୩୫୪୭

## ବସିଛି ମାଡି
### ଗୌରୀ ମେହେର



ଉପରେ ହସୁଛି ଏ ମାଟି,
ଭିତରୁ ଆତ୍ମା କାନ୍ଦୁଛି ଜଳିପୋଡି!
ମାଟି ମାଁ ଆଖି, ଲୁହେ ଭିଜିଲାଣି,,,
ଦୁଃଖ ଯେ ବସିଛି ମାଡି ।
ଲୁପ୍ତପ୍ରାୟ ଭାତୃ ପ୍ରେମ,
ଭାଇ ଭାଇ ମଧ୍ୟେ ଭାଗ ଭାଗ ଘର,
ଜମି, ବାଡି!!
ସୁନା, ଟଂକା ଲାଗି ହଣା, କଟା ଖାଲି,
ଲୋଭ ଯେ ବସିଛି ମାଡି ।
ଅନ୍ୟ ପାଇଁ ଆଉ ନାହିଁ କା ସମୟ,
ଦୁହ୍ଣୀ, ଗରିବର ଆତ୍ମା ଛାଡୁଥାଏ ରଡି!
ଦୁର୍ବଳ ଉପରେ ସବଳ ରାଜୁତି,
ହିଂସା ଯେ ବସିଛି ମାଡି ।
ଆପଣା, ବିଶ୍ୱାସୀ ନୁହଁ ଆଉ ବଡ,
ବନ୍ଧୁ, ବାନ୍ଧବୀ କୁ ଦିଏ ଛାଡି!
ନିଜ ଲାଭ ପାଇଁ ପାପକୁ ଜାବୁଡ଼ି ଧରେ,
ଇର୍ଷା ଯେ ବସିଛି ମାଡି ।
ବନ୍ଧୁକ ଗୁଳିରେ ସବୁକାମ ଏଠି,
କେବେ ପୁଣି ଠେଙ୍ଗା ବାଡି!
ଦିନ ଦ୍ୱିପ୍ରହରେ ଚୋରି, ଡକାୟତି,
ପାପ ଯେ ବସିଛି ମାଡି ।
ସମାଜ ସେବା, ପରୋପକାର ଉଭେଇଗଲାଣି,
ଲୋଡା ଖାଲି ଧନ, କୋଠା, ଗାଡି!
ଟଂକା ପଛେ ପଛେ ଧାଇଁ ଜୀବନ ଯାଏ ସରି,
ଗର୍ବ, ଅହଂକାର ଯେ ବସିଛି ମାଡି,
ଗର୍ବ, ଅହଂକାର ଯେ ବସିଛି ମାଡି ।

♥ ଗମ୍ଭାରୀଗୁଡା
ନୂଆପଡା

## ରେବତୀ:କାରୁଣ୍ୟର ସ୍ୱରଲିପି
### ପୁଷ୍ପାଞ୍ଜଳି ପଣ୍ଡା



ରେବତୀର ନା ଏବେ
ଲୋ ନିଆଁ ଲୋ ଚୁଲ୍ଲୀ
ଗଲାଣି ସିନା ବଦଳି
ତଥାପି ତ ପାଠ ପଢିବା ପାଇଁ କି
ରେବତୀ ପଢୁଛି ଟଳି।
ଘର କରଣାର ଶିକ୍ଷା ଶିଖିବା ଜରୁରୀ
ଥିଲା ସେବେ ଅଛି ଏବେ
ନାରୀଶିକ୍ଷା ଲକ୍ଷ୍ୟ ପୁରୁଣ ହୋଇନି
କୁସଂସ୍କାର ଯିବ କେବେ! ।
ବାସୁମାଷ୍ଟ୍ର ପାଠ ଶିକ୍ଷାରେ ଉନ୍ନତି
ଶ୍ୟାମବନ୍ଧୁ ଥିଲେ ଚିନ୍ତି
ପିତୃ ମାତୃହରା ରେବତୀର ଆଶ୍ରା
ହଇଜା କରିଲା ଇତି।
ବ୍ୟାସକବି ତୁମେ ସମାଜ ସୁଧାରି
ଯୁଗସ୍ରଷ୍ଟା ସଂଗ୍ରାମୀ
ଓଡିଶାର ନାରୀ ଶିକ୍ଷା ଉନ୍ନତିର
ସାଜିଥିଲ କର୍ଣ୍ଣଧାର।
ସମୟାନ୍ତରରେ
ଅନେକ ରେବତୀ ଅସ୍ତିତ୍ୱ ହଜାନ୍ତି
କନ୍ୟା ଅଲୋଡା ଏବେ
ନାରୀଶିକ୍ଷା ପୂର୍ଣ୍ଣ ହେବ କେବେ!!
କାରୁଣ୍ୟର ସ୍ୱରଲିପି
ରେବତୀ ଜୀବନ
ଅନ୍ଧକାର ପୂର୍ଣ୍ଣ
ଅନ୍ତିମକ୍ଷଣ ବେଳେ
ପିତାମାତା କଥା ମନେ ଭାଳେ।

♥ ଯୋଜନା ଓ ସଂଯୋଜନା ବିଭାଗ
ଓଡ଼ିଶା ସରକାର



## ଏଇ ଏବେ
### ମହେଶ୍ୱର ପଧାନ



ଚାହିଁ ଚାହିଁ ରାତି ଗଲା ପାହି
ଆସିଲାନି କିଛି ତୋ ଉତ୍ତର
ଆହତ ମୁଁ ଥିଲି କେତେ ଦିନୁଁ
ଏଇ ଏବେ ହେଲି ଗୁରୁତର ।

ମାପିଚୁକି ଥାପି ଥାପି ପାଦ
ଚାଲୁଥିଲି ମୋ ବାଟରେ ଏକା
କାହିଁ ମତେ ଠାରୁଥିଲୁ ଦେଖି
ତୋଠି ଯେବେ ପଡ଼ିଲା ନଜର ।

ସେତେବେଳୁ ଥିଲି ମୁହିଁ ଅନ୍ଧ
ଯେବେ ତତେ ପାଇଥିଲି ଭଲ
ତୋ ଡାକକୁ ତରାସି ତରାସି
ଏବେ ହେଇ ବସିଲି ବଧିର ।

ତୋ ହାତରେ ମୋ ହାତକୁ ଛନ୍ଦି
ଥିଲି ମୁହିଁ ସବୁଠାରୁ ସୁଖୀ
ଏଇ ଏବେ ହୋଇଛି ମୁଁ ପଙ୍ଗୁ
ଖୋଜି ଖୋଜି ପରଶଟି ତୋର ।

ଛାଡ଼ିବାର ଥାଏ ଯେବେ ଲୋକେ
ସାଥି ହୋଇ ଚାଲୁଥାନ୍ତି କାହିଁ
ଅଧାବାଟେ ସାଥିହରା ହେଲେ
ନିଜ ମୁହଁ ନଲାଗେ କି ପର ?

♥ ଧୂଲୁଣ୍ଡା, ୧୯ଖଣ୍ଡ
ମୌଜା,ଝାରସୁଗୁଡ଼ା
(ମୋ)୯୦୭୮୯୩୧୫୨୨

## ସଦ୍‌ଗୁରୁ ଶିବ ମୁନିଙ୍କ ବାଣୀ
### ଯୋଗୀ କୃପାସିନ୍ଧୁ ମୁନି



(ପାହିଲା ଅନ୍ଧାର ରଜନୀ ଉଠ ଉଠ ବାଳକେ ବୃଦ୍ଧେ)
ଯୋଗ ଯେ ନୁହଇ କଠିନ ସ୍ଥିର ସୁଖ ଆସନ
ବାଲ୍ୟବୃଦ୍ଧ ଯୁବା ସକଳେ କରିବାରେ ସକ୍ଷମ ।

ଦାସତ୍ୱ ବନ୍ଧନୁ ମନକୁ କରି ଆୟତ୍ତାଧୀନ
କୁସଂସ୍କାର ତେଜି ନିଜକୁ କର ସ୍ୱତନ୍ତ୍ର ସ୍ୱାଧୀନ ।

ପ୍ରାତଃ ସ୍ୱାୟଂ କାଳେ ନିରୋଧିବାରେ ମନପବନ
ସ୍ମରି ପିତାମାତା ସଦ୍‌ଗୁରୁ କର ନିତ୍ୟ ସାଧନ ।

ସତସଙ୍ଗ ଯମ ନିୟମ ପାଳି ମୁନି ଲକ୍ଷଣ
ଯୋଗବଳେ ଇଛା ଶକତି ଆତ୍ମବଳେ ମହାନ ।

ହେଲେ ଆତ୍ମଜ୍ଞାନ ନିରୋଗ ନିରାମୟ ଜୀବନ
ଶିବ ମୁନିଙ୍କର ବାଣୀ ଏ ମୋକ୍ଷ ଜୀବନ ଦର୍ଶନ ।

କହେ ଯୋଗୀ କୃପାସିନ୍ଧୁ ଯେ କରିଣ ସମ୍ପାଦନ
ଶେଷ ଇଛା ତୋର ଭାଇରେ ହୋଇଯିବ ପୂରଣ ।

♥ ଗୋଡ଼ିଖାଳ ଆଶ୍ରମ,
କୁଣବଳଦା,
ଅମର୍ଦ୍ଦାରୋଡ-୭୫୬୦୩୦

## ପ୍ରତାରଣା
### ମିନାକ୍ଷୀ ଦ୍ୱିବେଦୀ

ଘର ଭିତରେ ଶୂନ୍ୟତା ହିଁ ଶୂନ୍ୟତା
କାହାର ସୋର ଶବ୍ଦ ଟିକେ ବୋଲି ନାହିଁ
ଏମିତିକି ଘର ଚଟିଆ ସବୁ ଚୁପଚାପ ।
ଶୁଭୁଛି ଘଡିର ଖାଲି ଟିକ୍‌ଟିକ୍ ଶବ୍ଦ ।

ପରିବ୍ୟାପ୍ତ ମୋ ଛାଇ
ସତେ ଯେମିତି ଅନୁସରଣ କରୁଛି ...
ହସୁଛି, କାନ୍ଦୁଛି, ନାଚୁଛି
ପୁଣି ଧୀରେ ଧୀରେ ଅନ୍ତର୍ଦ୍ଧାନ ହୋଇ ଯାଉଛି।
ଲୋକେ କୁହନ୍ତି
ଛାଇ ବଢିଲେ ଆୟୁଷ କମେ......

ହଠାତ୍ ଶୀତଳ ହୋଇ ଯାଇଛି ଦେହ
ବରଫର ଗୋଳା ଯେମିତି ଲଦା ହୋଇଛି।
ଓଃ କି ଥଣ୍ଡା....!!
ଘୋଡେଇ ଦିଅ ଟିକେ.....

ଦେଖ ପବନ ବି ସ୍ଥିର, ଶାନ୍ତ
ଚାରିଆଡେ ଖେଳୁଛି ଯେମିତି ଅସ୍ୱସ୍ତିର ଛାଇ।

ରୁହ ରୁହ କୁଆଡେ ନେଉଛ?
ଛାଡ ....ଛାଡ ମତେ...

ମୋ ସଂସାର, ମୋ ପରିବାର ସବୁତ ଏଇଠି...
ମୋ କଥା ଟିକେ ଶୁଣ
କେଜାଣି କି ଶୋକ ଅଭିଭୂତ କରିଛି???
ହଠାତ୍ ବାୟୁମଣ୍ଡଳ ଡେଇଁ
ଆତ୍ମା କୁଆଡେ ଚାଲି ଯାଇଛି
ରାସ୍ତା କଡରେ ଉଦାସୀନ ପାହାଡ, ପଥର
ଯାଚି ଦେଇଛି ସତେ ଧୂସର ନିଦ୍ରା ।

ଉପରେ ସୂର୍ଯ୍ୟ, ଚନ୍ଦ୍ର, ତାରାମାଳ
କେତେ ଗ୍ରହାଣୁ ପୁଞ୍ଜ,

ତଥାପି ଏକୁଟିଆ ଲାଗୁଛି,
ଛାଡିଦିଅ ଯୋଉଠୁ ଆଣିଥିଲ ଛାଡିଦିଅ ...
ଛାଇର ଛାଇ, ସ୍ମୃତିର ସ୍ମୃତି,
ସତ୍ତାହୀନ ଛାୟାନବ..
ରହିଗଲା କାହାର ସଖୀ କଣ୍ଢେଇ ହୋଇ।

ଧୋକା ଦେଲା ଛାଇ
ଦୂରେଇ ନେଲା ମତେ ମୋ ଠାରୁ...

ରହ ରହ ଆଉ ଥରେ ଆସିବି
କୈଫିୟତ ନେଇ ଆସିବି
ନ ଥିବ ଡର
ନିର୍ବିକାର ହୋଇଯିବି
ଧୂଳିରେ ଅଣୁ ହୋଇ ମିଶିଯିବି.....
ହସୁଥିବି ମାୟାରେ, ଶାନ୍ତିରେ, ଲୋଭରେ
ଶୁଭ୍ର ନୀରବ ସ୍ୱରରେ...

ମୋ ଛାଇ ମତେ ତ ଆଉ ଚିହ୍ନି ପାରୁନି
ଯାହା କରୁଛ ଏବେ କର....

ମୁଁ ଏବେ ହାରି ଯାଇଛି
ସମସ୍ତଙ୍କଠୁ ଯେମିତି ହାରି ଯାଇଛି ଆଶାହୀନ,
ଅସୁମାରୀ ମଣିଷଙ୍କଠୁ
ମୋ ନିଜ ଛାୟାବୃଷ୍ଟିଠୁ
ଅତ୍ୟାଚାରୀ ମୁହୂର୍ତ୍ତଠୁ...!!!

♥ ନିଉଦିଲ୍ଲୀ
(ମୋ)୭୯୭୮୦୮୨୮୩୪

# ଫଳକ ପାଇଁ ଅଡୁଆରେ ସରକାର, କାଟିବେ ନା ଘୋଡ଼ାଇବେ ଦ୍ୱନ୍ଦ୍ୱରେ

ଭୁବନେଶ୍ୱର,୧୭/୧ (ନି.ପ୍ର): ଗାଁରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ସ୍ଥାୟୀ ସଚେତନତା/ସୂଚନା ଫଳକ ଲାଗିଛି। ପଞ୍ଚାୟତ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଏହାକୁ ତୁରନ୍ତ ହଟାଇବାକୁ ରାଜ୍ୟ ନିର୍ବାଚନ କମିସନର ଜିଲ୍ଲାପାଳମାନଙ୍କୁ କହିଛନ୍ତି। ହେଲେ ଏହି ଲୁହାର ଫଳକଗୁଡ଼ିକୁ କଟାଯିବ ନା ମୁଖ୍ୟମନ୍ତ୍ରୀଙ୍କ ମୁହଁ ଉପରେ ରଙ୍ଗ ବୋଳାଯିବ ସେନେଇ ଏବେ ଜିଲ୍ଲା ପ୍ରଶାସନ ଏବଂ ଏହାକୁ ଲଗାଇଥିବା ବିଭାଗ ଅଡୁଆରେ ପଡ଼ିଯାଇଛନ୍ତି।

କିଛି ମାସ ତଳେ ନଗର ଉନ୍ନୟନ, ପୂର୍ତ୍ତ ଓ ଗ୍ରାମ୍ୟଉନ୍ନୟନ ବିଭାଗକୁ ଅଲିଖିତ ନିର୍ଦ୍ଦେଶ ଦିଆଯାଇଥିଲା ଯେ ସେମାନଙ୍କର ସମସ୍ତ ରାସ୍ତା, ବ୍ରିଜ୍, ଛକ ମୁଣ୍ଡରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ଫଳକ ଲଗାଇବେ। ଏହାପରେ ତିନି ବିଭାଗ ପ୍ରତିଦ୍ୱନ୍ଦ୍ୱିତା କଲା ଭଳି ରାଜ୍ୟ ସାରା ଏହି ସୂଚନା ଫଳକ ଲଗାଇଚାଲିଲେ। ଏପରିକି ଯେଉଁଠି ଆଖି ପଡ଼ିଲା ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଦେଖିବାକୁ ମିଳିଲା। ଛକରୁ ଆରମ୍ଭ କରି ନଦୀକୂଳ, ପାଣି ଟାଙ୍କିରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠି ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ଫଳକ ଛାଇଗଲା। ଆଗକୁ ନିର୍ବାଚନ ଥିବାରୁ ସରକାର ସହଜ ପ୍ରଚାର ପାଇଁ ଯେଉଁ ତରିକା ଆପଣାଇଥିଲେ ତାହାକୁ ଏବେ ବିରୋଧୀ ବିରୋଧ କରିଛନ୍ତି। ଏହି ଫଳକରେ ସରକାରୀ ଯୋଜନାର ପ୍ରଚାର ହେଉଥିବାରୁ ଏହାକୁ ତୁରନ୍ତ ହଟାଇବାକୁ ରାଜ୍ୟ ନିର୍ବାଚନ କମିସନର କହିଛନ୍ତି।



ଅପରପକ୍ଷେ ନଗର ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ନିଜ ମନପସନ୍ଦର ଲୋକଙ୍କୁ କୋଟି କୋଟି ଟଙ୍କାର କାର୍ଯ୍ୟାଦେଶ ଦେଇ ସାରା ରାଜ୍ୟରେ ଏହି ଫଳକ ଲଗାଇଥିବା ବେଳେ ଏବେବି ଅଧିକାଂଶ ସଂସ୍ଥାଙ୍କୁ ସେମାନଙ୍କ ଦେୟ ମିଳିନି। ଏହି ଫଳକ କାଟିଦେଲେ ଦେୟ ପ୍ରଦାନରେ ସମସ୍ୟା ହେବାର ଥିବାରୁ ଏଥିରେ ଅନ୍ୟ କିଛି ଷ୍ଟିକର ମାରିବାକୁ ନଚେତ୍ ଫଟୋରେ ମୁହଁ ଉପରେ ଧଳା ରଙ୍ଗ ମାରିବାକୁ ଆଲୋଚନା ଚାଲିଛି। ଦିନେ କି ଦୁଇ ଦିନ ଭିତରେ ଏନେଇ ନିଷ୍ପତ୍ତି ହୋଇପାରେ।

ସୂଚନାଯୋଗ୍ୟ ଯେ ସାରା ରାଜ୍ୟରେ ଯେଉଁଠି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ନେଇ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ହୋର୍ଡିଂ ଲାଗିଥିଲା ସେଥିରୁ ଅଧିକାଂଶକୁ ଜିଲ୍ଲା ପ୍ରଶାସନ କାଟି ସାରିଲାଣି। ଏବେ ଏହି ଲୁହା ଫଳକଗୁଡ଼ିକ ନେଇ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନନେଲେ ଏହାକୁ ଜିଲ୍ଲା ପ୍ରଶାସନ ହଟାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେଇପାରେ।

# ରାଜ୍ୟରେ ବୃଦ୍ଧି ପାଉଛି ଦୈନିକ ସଂକ୍ରମଣ: ସୁନ୍ଦରଗଡ଼ରେ ପ୍ରତି ୧୦୦ରେ ୩୦ ପଜିଟିଭ୍

ଭୁବନେଶ୍ୱର ,୧୭/୧ (ନି.ପ୍ର): ଚଳିତ ମାସ ୫ ତାରିଖ ବେଳକୁ ରାଜ୍ୟର ଦୈନିକ ସଂକ୍ରମଣ ୧୨୦୦ ରହିଥିଲା। ହେଲେ ଗତ ୧୦ ଦିନରେ ଏହା ୧୦ଗୁଣ ବଢ଼ି ଏବେ ୧୧ ହଜାର ଟପିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୧୧,୧୭୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଯେଉଁ ଦ୍ରୁତ ଗତିରେ ସଂକ୍ରମଣ ବୃଦ୍ଧି ପାଉଛି, ଖୁବ୍‌ଶୀଘ୍ର ଏହା ଦ୍ୱିତୀୟ ଲହରର ସର୍ବାଧିକ ଦୈନିକ ସଂକ୍ରମଣକୁ ଟପି ଯାଇପାରେ। ମାତ୍ର ଚିନ୍ତାଜନକ ବିଷୟ ହେଉଛି ଯେ ଚଳିତ ଲହରରେ ସଂକ୍ରମଣ ହାରରେ ସୁନ୍ଦରଗଡ଼ ଜିଲ୍ଲା ଖୋର୍ଦ୍ଧାକୁ ପଛରେ ପକାଇ ଦେଇଛି। ଜିଲ୍ଲାରେ ପ୍ରତି ଶହେ ନମୁନା ପରୀକ୍ଷାରେ ୩୦ଜଣ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଖୋର୍ଦ୍ଧାରେ ଏହା ୨୭ପ୍ରତିଶତ ରହିଛି।



ଓମିକ୍ରନ୍ ପାଇଁ ରାଜ୍ୟରେ କରୋନାର ତୃତୀୟ ଲହର ଜାରି ରହିଛି। ପ୍ରଥମଥର ଲାଗି ଆକ୍ରାନ୍ତଙ୍କ ସଂଖ୍ୟା ୧୧ହଜାର ପାର୍ କରିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୭୪,୯୩୬ କୋଭିଡ ନମୁନା ପରୀକ୍ଷା ହୋଇଥିବା ବେଳେ ସଂକ୍ରମଣ ହାର ରହିଛି ୧୪.୪୯ ପ୍ରତିଶତ।

ଖୋର୍ଦ୍ଧା, ସୁନ୍ଦରଗଡ଼ ବାଦ୍ ମୟୂରଭଞ୍ଜ ଓ ସମ୍ବଲପୁରରେ ସଂକ୍ରମଣ ହାର ରାଜ୍ୟର ହାରଠାରୁ ଅଧିକ ରହିଛି। ଖୋର୍ଦ୍ଧା ଜିଲ୍ଲାରେ ଦୈନିକ ୩ ହଜାର ସଂକ୍ରମଣ ଧାରା ଜାରି ରହିଛି। ଗୋଟିଏ ଦିନରେ ଜିଲ୍ଲାରୁ ୩୪୨୪ ଆକ୍ରାନ୍ତ ଚିହ୍ନଟ ହେବା ସହ ଖୋର୍ଦ୍ଧା ଜିଲ୍ଲାରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ପାର୍ କରିଛି। ସୁନ୍ଦରଗଡ଼ରେ ପ୍ରଥମଥର ଲାଗି ଆକ୍ରାନ୍ତଙ୍କ ସଂଖ୍ୟା ୨ ହଜାର ପାର୍ କରିଛି। ଏଠାରେ ୨୧୩୬ ପଜିଟିଭ୍ ବାହାରିଛନ୍ତି। ଏହାବାଦ୍ କଟକ ୮୨୯, ବାଲେଶ୍ୱର ୩୪୨, ବଲାଙ୍ଗୀର ୩୧୨, ସମ୍ବଲପୁର ୩୭୯, ମୟୂରଭଞ୍ଜ ୨୭୬, ସୋନପୁର ୨୩୮, ଝାରସୁଗୁଡ଼ା ୧୯୩, କଳାହାଣ୍ଡି ୧୭୩, ଜଗତସିଂହପୁର ୧୬୪, ନବରଙ୍ଗପୁର ୧୫୫, ନୟାଗଡ଼ ୧୫୯, ରାୟଗଡ଼ା ୧୮୪ ଓ ଷ୍ଟେଟ୍ ପୁଲ୍‌ରୁ ୭୩୭ଜଣଙ୍କୁ ଚିହ୍ନଟ କରାଯାଇଛି। ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୩୩ହଜାର ୯୧୨ରେ ପହଞ୍ଚିଛି।

ରାଜ୍ୟରେ ଆଉ ୩ଜଣ କରୋନାରେ ମୃତ୍ୟୁ ନେଇ ସରକାରୀ ଘୋଷଣା ହୋଇଛି। ମୋଟ କରୋନା ମୃତ୍ୟୁ ସଂଖ୍ୟା ୮୪୮୧କୁ ବୃଦ୍ଧି ପାଇଛି। ଗୋଟିଏ ଦିନରେ ଆଜି ୪ହଜାରରୁ ଅଧିକ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୪୪୫୨ ସୁସ୍ଥ କରୋନା ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୦ଲକ୍ଷ ୬୦ହଜାର ୬୭ଜଣ ସୁସ୍ଥ ହୋଇ ସାରିଲେଣି। ରାଜ୍ୟରେ ଏବେ ୬୫,୩୧୧ ଚିକିତ୍ସାଧୀନ ରୋଗୀ ରହିଛନ୍ତି।

# ପ୍ରଫେସର ଡ. ରଘୁନାଥ ପଣ୍ଡା ହେଲେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶାର ନୂତନ ଅଧ୍ୟକ୍ଷ

ଭୁବନେଶ୍ୱର,୧୭/୧ (ନି.ପ୍ର): ରାଷ୍ଟ୍ରୀୟ ବିଚାରଧାରାର ସାରସ୍ୱତ ମଂଚ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶାର ବାର୍ଷିକ ସାଧାରଣ ସଭା କରୋନା କଟକଣା ଯୋଗୁ ଆଜି ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରମେଶ ପତ୍ରୀଙ୍କ ଅସୁସ୍ଥତା ଯୋଗୁ ଉପାଧ୍ୟକ୍ଷା ଡ. ସ୍ମରପ୍ରୀୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭା ପ୍ରାରମ୍ଭରେ ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ପରେ ଦିବଂଗତ ବିଶିଷ୍ଟ ସାହିତ୍ୟିକ ନରେନ୍ଦ୍ର କୋହଲି, ଗୋଆର ପୂର୍ବତନ ରାଜ୍ୟପାଳ ତଥା ସାହିତ୍ୟ ପରିଷଦର ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଡ. ମୃଦୁଳା ସିନହା, ସାହିତ୍ୟ ପରିଷଦର ସଂସ୍ଥାପକ ସଦସ୍ୟ ବିଶିଷ୍ଟ କବି ଜିତ୍ ସିଂହ ଜିତ୍, ଆଂତର୍ଜାତିକ ଖ୍ୟାତିସମ୍ପନ୍ନ ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ୍, ପ୍ରଫେସର ଡ. ରାଜକିଶୋର ମିଶ୍ର, ଡମ୍ବରୁଧର ପଟ୍ଟନାୟକ, ହରିହର ଶତପଥି ଓ ଡ. ମଂଗଳୁ ଚରଣ ବିଶ୍ୱାଳଙ୍କ ସ୍ମରଣରେ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରୁଣା କାର୍ଯ୍ୟକାରିଣୀର ଅବଧି ପୁରି ଯାଇଥିବାରୁ ସର୍ବସମ୍ମତିକ୍ରମେ ପରିଷଦର ନୂତନ ଅଧ୍ୟକ୍ଷ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ତଥା କିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଏମିରଟସ ଡ. ରଘୁନାଥ ପଣ୍ଡା ମନୋନୀତ ହୋଇଛନ୍ତି। ଉପାଧ୍ୟକ୍ଷ ଭାବେ ଡ. ସ୍ମରପ୍ରୀୟା ମିଶ୍ର ଓ ଡ. ଅଭୟ କୁମାର ନାୟକ, ସାଧାରଣ ସମ୍ପାଦକ ଭାବେ ଡ. ସନ୍ତୋଷ କୁମାର ମହାପାତ୍ର, ସଂଗଠନ ସମ୍ପାଦକ ଭାବେ ଶ୍ରୀ ନାରାୟଣ ନାୟକ, ସମ୍ପାଦକ ଭାବେ ଶ୍ରୀ ବିରଂଚି ନାରାୟଣ ପଣ୍ଡା, ଶ୍ରୀମତୀ ପ୍ରତିଭା ପ୍ରିୟଦର୍ଶିନୀ, ଇଂ. ସତ୍ୟଜିତ ନାୟକ ଏବଂ କୋଷାଧ୍ୟକ୍ଷ ଭାବେ ଇଂ. ପ୍ରଦୀପ୍ତ କୁମାର ଦାଶ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଡ. ପ୍ରକାଶଚନ୍ଦ୍ର ପାଣିଗ୍ରାହୀ, ଡ. କାଳୀକିଂକର ପଟ୍ଟନାୟକ, ଡ. ଶିବପ୍ରିୟା ମିଶ୍ର, ଡ. ରଘୁନାଥ ଓଝା, ଡ. ଅମୂଲ୍ୟରତ୍ନ ମହାନ୍ତି, ଡ. ସଂଘମିତ୍ରା ମହାପାତ୍ର, ସର୍ବଶ୍ରୀ ରାମକୃଷ୍ଣ ତ୍ରିପାଠୀ, ହେମନ୍ତ କୁମାର ମୁଣ୍ଡ୍, ସଂଯୁକ୍ତା ପରିଛା, ସ୍ୱାମୀ ଜୟଦେବ ଭାରତୀ, ଭ୍ରମରବର ସାହୁ, ଏ. ସନ୍ତୋଷ କୁମାର ପାତ୍ର, ଅବିନାଶ ଦାସ, ଡ. ପ୍ରମୋଦିନୀ ଜେନା, ଡ. ସୁବାସ ଚନ୍ଦ୍ର ପଣ୍ଡା, ଡ. ରମାକାନ୍ତ ମହନ୍ତ ଓ ଗୋପାଳକୃଷ୍ଣ ପାଢୀ ମନୋନୀତ ହୋଇଛନ୍ତି। ଏହି ସଭାର ମୁଖ୍ୟ ଅତିଥି ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଷ୍ଟ୍ରୀୟ ମହାମନ୍ତ୍ରୀ ଶ୍ରୀ ଋଷି କୁମାର ମିଶ୍ର ସାମ୍ପ୍ରତିକ ପରିସ୍ଥିତିରେ ସାହିତ୍ୟିକମାନଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଇଂ. ଦାଶ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ସଂଗଠନ ସମ୍ପାଦକ ଶ୍ରୀ ନାରାୟଣ ନାୟକ ସାଂଗଠନିକ ଚର୍ଚ୍ଚା କରିଥିଲେ। ବିଦାୟୀ ଅଧ୍ୟକ୍ଷ ଡ. ରମେଶ ପତ୍ରୀଙ୍କ ପ୍ରେରିତ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିବା ବେଳେ ନୂତନ ଅଧ୍ୟକ୍ଷ ଡ. ରଘୁନାଥ ପଣ୍ଡା ତାଙ୍କର ବକ୍ତବ୍ୟ ରଖିଥିଲେ। ଶେଷରେ ଶ୍ରୀ ରାମକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ ଓ ଅବିନାଶ ଦାସ ଶାନ୍ତିପାଠ କରିଥିଲେ। ସାହିତ୍ୟରେ ଦୃଢ଼ ରାଷ୍ଟ୍ରୀୟ ବିଚାରଧାରାର ଉନ୍ମେଷ ଓ ଔପନିବେଶିକତାର ବିଲୟରେ ଏକ ସ୍ୱଧର୍ମ, ସ୍ୱସଂସ୍କୃତି ସମ୍ପନ୍ନ ସାହିତ୍ୟ ସୃଷ୍ଟିର ରଚନାତ୍ମକ କାର୍ଯ୍ୟାରମ୍ଭର ସଂକଳ୍ପ ସହ ସଭାର ସମାରୋପ କରାଯାଇଥିଲା।

# ରାଜ୍ୟରେ ୧୦,୪୮୯ ଜଣ କରୋନା ପଜିଟିଭ ଚିହ୍ନଟ: ୯୮୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ କିଶୋର ସଂକ୍ରମିତ

ଭୁବନେଶ୍ୱର,୧୭/୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୦,୪୮୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୬୦୮୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୪୪୦୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୯୮୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୯୩୪ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୫୮ ଜଣ, ବାଲେଶ୍ୱରରୁ ୪୩୩ ଜଣ, ବରଗଡ଼ରୁ ୧୬୬ ଜଣ, ଭଦ୍ରକରୁ ୧୧୮ ଜଣ, ବଲାଙ୍ଗୀରରୁ ୨୩୮ ଜଣ, ବୌଦ୍ଧ ଜିଲ୍ଲାରୁ ୮୫, କଟକରୁ ୭୮୬ ଜଣ, ଦେବଗଡ଼ରୁ ୪୪ ଜଣ, ଢେଙ୍କାନାଳରୁ ୭୦ ଜଣ, ଗଜପତିରୁ ୧୦୯, ଗଞ୍ଜାମରୁ ୯୨ ଜଣ, ଜଗତସିଂହପୁରରୁ ୨୦୭ ଜଣ, ଯାଜପୁରରୁ ୧୯୫ ଜଣ, ଝାରସୁଗୁଡ଼ାରୁ ୨୨୫ ଜଣ, କଳାହାଣ୍ଡିରୁ ୨୬୩ ଜଣ, କନ୍ଧମାଳରୁ ୫୬ ଜଣ, କେନ୍ଦ୍ରାପଡ଼ାରୁ ୯୦ ଜଣ, କେଉଁଝରରୁ ୧୦୫ ଜଣ, ଖୋର୍ଦ୍ଧାରୁ ୨୯୩୪ ଜଣ, କୋରାପୁଟରୁ ୧୬୨ ଜଣ, ମାଲକାନଗିରିରୁ ୫୫ ଜଣ, ମୟୁରଭଞ୍ଜରୁ ୩୮୩ ଜଣ, ନବରଙ୍ଗପୁରରୁ ୧୫୯, ନୟାଗଡ଼ରୁ ୧୯୩ ଜଣ, ନୂଆପଡ଼ାରୁ ୧୦୮ ଜଣ, ପୁରୀରୁ ୧୯୮ ଜଣ, ରାୟଗଡ଼ାରୁ ୨୫୩ ଜଣ, ସମ୍ବଲପୁରରୁ ୩୮୭ ଜଣ, ସୋନପୁରରୁ ୧୬୩, ସୁନ୍ଦରଗଡ଼ରୁ ୧୪୪୭ ଜଣ ଓ ଷ୍ଟେଟ ପୁଲରୁ ୭୦୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।



# ଘାଣ୍ଟୁଛି ବେଶି, ମାରୁଛି କମ୍: ଘାତକ ନୁହେଁ ତୃତୀୟ ଲହର

ଭୁବନେଶ୍ୱର ,୧୭/୧ (ନି.ପ୍ର): କରୋନାର ତୃତୀୟ ଲହରରେ ରାଜ୍ୟବ୍ୟାପୀ ସଂକ୍ରମଣ ବଢ଼ି ଚାଲିଛି। ଚାହୁଁ ଚାହୁଁ ସଂକ୍ରମିତଙ୍କ ସଂଖ୍ୟା ୧୧ହଜାର ଛୁଇଁବାକୁ ବସିଲାଣି। ହେଲେ ଦ୍ୱିତୀୟ ତୁଳନାରେ ତୃତୀୟ ଲହରରେ ହସ୍ପିଟାଲ୍ ଆଡମିସନ୍ ଯଥେଷ୍ଟ କମ୍ ରହିଛି। ଦ୍ୱିତୀୟ ଲହରରେ ରୋଗୀଙ୍କୁ ଶଯ୍ୟାର ଅଭାବ ପଡ଼ିଥିବା ବେଳେ ତୃତୀୟ ଲହର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହୋଇ ରହିଥିବା ଶଯ୍ୟା ଖାଲି ପଡ଼ିଛି। ୯୦ ପ୍ରତିଶତରୁ ଅଧିକ ଘରେ ରହି ସୁସ୍ଥ ହେଉଛନ୍ତି। ଦ୍ୱିତୀୟ ଲହର ସମୟରେ ରାଜ୍ୟରେ ଯେତେବେଳେ ୧୦ହଜାରରୁ ଅଧିକ କୋଭିଡ ଆକ୍ରାନ୍ତ ଚିହ୍ନଟ ହେଉଥିଲେ ସେ ସମୟରେ ସାଧାରଣ ଶଯ୍ୟାରେ ୫୨ ପ୍ରତିଶତ ରୋଗୀ ଚିକିତ୍ସିତ ହେଉଥିବା ନଜରକୁ ଆସିଥିଲା। କେବଳ ସାଧାରଣ ଶଯ୍ୟା ନୁହେଁ, ଆଇସିୟୁରେ ପ୍ରାୟ ୮୦ ପ୍ରତିଶତ ଓ ଭେଣ୍ଟିଲେଟରରେ ୬୨ ପ୍ରତିଶତ ରୋଗୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ଏ ସମୟରେ ରାଜ୍ୟରେ ସର୍ବାଧିକ କରୋନା ମୃତ୍ୟୁ ପଞ୍ଜୀକୃତ ହୋଇଥିଲା। ମାତ୍ର ତୃତୀୟ ଲହରରେ ୧୦ହଜାରରୁ ଅଧିକ ରୋଗୀ ଚିହ୍ନଟ ହେଉଥିବା ବେଳେ ସାଧାରଣ ଶଯ୍ୟାରେ ମାତ୍ର ୭ ପ୍ରତିଶତ ରୋଗୀ ଚିକିତ୍ସିତ ହେଉଛନ୍ତି। ଆଇସିୟୁରେ ୧୩.୧ ପ୍ରତିଶତ ଓ ଭେଣ୍ଟିଲେଟରରେ ୩.୮ ପ୍ରତିଶତ ରୋଗୀ ଚିକିତ୍ସିତ ହେଉଛନ୍ତି।

ଡାକ୍ତର ହରିଶ ଚୌଧୁରୀ କହିଛନ୍ତି, ଦ୍ୱିତୀୟ ଲହରରେ ୭୦ ପ୍ରତିଶତ ଲୋକଙ୍କ ହସ୍ପିଟାଲରେ ଅକ୍ସିଜେନ୍‌ର ଆବଶ୍ୟକତା ପଡୁଥିଲା। ମାତ୍ର ଏବେ ୨/୩ ପ୍ରତିଶତ ଲୋକଙ୍କୁ ଅକ୍ସିଜେନ୍ ଆବଶ୍ୟକ ପଡୁଛି। ତେଣୁ କରୋନା ସଂଖ୍ୟାକୁ ଗୁରୁତ୍ୱ ନ ଦେଇ କେତେ ସଂଖ୍ୟକ ରୋଗୀ ଗୁରୁତର ହେଉଛନ୍ତି ତାହାକୁ ଧ୍ୟାନ ଦେବା ଜରୁରୀ।

# ପାରାସିଟାମଲରେ ହୋଇପାରୁଛି କରୋନା ପ୍ରତିକାର: ସ୍ୱଳ୍ପ ଲକ୍ଷଣ ପାଇଁ ଆବଶ୍ୟକ ନାହିଁ ଆଣ୍ଟିବାୟୋଟିକ

ଭୁବନେଶ୍ୱର,୧୭/୧ (ନି.ପ୍ର): କରୋନାର ସ୍ୱଳ୍ପ ଲକ୍ଷଣ ଥିଲେ ଅଯଥାରେ ଅଧିକ ଔଷଧ ଖାଆନ୍ତୁ ନାହିଁ । ରୋଗୀଙ୍କ ପାଇଁ କେବଳ ପାରାସିଟାମଲ୍ ହିଁ ଯଥେଷ୍ଟ ବୋଲି ବିଶେଷଜ୍ଞ ମତ ରଖିଛନ୍ତି । ଏହାସହ ଆଂଟି-ବାୟୋଟିକର ବହୁଳ ବ୍ୟବହାର ନେଇ ଚିନ୍ତା ପ୍ରକଟ କରାଯାଇଛି। ରାଷ୍ଟ୍ରୀୟ କୋଭିଡ୍ ଟାସ୍କ ଫୋର୍ସର ସଦସ୍ୟ ସଂଜୟ ପୂଜାରୀ କହିଛନ୍ତି, ସ୍ୱଳ୍ପ ଲକ୍ଷଣରୁ ରକ୍ଷା ପାଇଁ ଆଜିଥୋମାଇସିନ୍ ଓ ମଲ୍ନୁ-ପିରାଭିର ବ୍ୟବହାର ପାଇଁ ଅନୁମତି ଦିଆଯାଇନାହିଁ । ଯେଉଁ ରୋଗୀ ଟିକା ନେଇନାହାନ୍ତି, ବୟସ୍କ ଓ ବହୁବିଧ ରୋଗରେ ପୀଡ଼ିତ ସେମାନଙ୍କ ପାଇଁ ଆଂଟିବାୟୋଟିକର ଆବଶ୍ୟକତା ରହିଛି । ଅଳ୍ପ ଲକ୍ଷଣ ପାଇଁ ଅନାବଶ୍ୟକ ଆଣ୍ଟି-ବାୟୋଟିକ । ପାରାସିଟାମଲରେ ହୋଇପାରୁଛି ପ୍ରତିକାର । ନିକଟରେ ୩୫ ଜଣ ବିଶିଷ୍ଟ ଡାକ୍ତର ଅତ୍ୟଧିକ ଟେଷ୍ଟିଂ ଓ ଆଣ୍ଟିବାୟୋଟିକ୍, ଆଣ୍ଟିଭାଇରାଲ ଔଷଧ ବ୍ୟବହାର ହେଉଥିବା ନେଇ ଉଦବେଗ ପ୍ରକାଶ କରିଥିଲେ । ଅନାବଶ୍ୟକ ଭାବେ ଏହି ବ୍ୟବହାର ବନ୍ଦ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀଙ୍କୁ ଖୋଲା ଚିଠି ଲେଖିଥିଲେ । ପୂର୍ବ ଲହର ତୁଳନାରେ ତୃତୀୟ ଲହରରେ ଅଧିକାଂଶ ଆକ୍ରାନ୍ତ ଗୁରୁତର ହେଉନାହାନ୍ତି । ରୋଗୀଙ୍କ ଠାରେ ସାମାନ୍ୟ ଲକ୍ଷଣ ରହୁଛି । ସେମାନଙ୍କ ଚିକିତ୍ସା ପାଇଁ ପାରାସିଟାମଲ ଯଥେଷ୍ଟ ବୋଲି କହିଛନ୍ତି କୋଭିଡ ଟାସ୍କଫୋର୍ସର ବିଶେଷଜ୍ଞ । ସାଧାରଣ ଜ୍ୱର ଓ ମାଂସପେଶୀ ଯନ୍ତ୍ରଣା ପାଇଁ ବ୍ୟବହାର ହେଉଥିବା ପାରାସିଟାମଲ ଏବେ କରୋନା ଆକ୍ରାନ୍ତଙ୍କ କ୍ଷେତ୍ରରେ ଭଲ କାମ କରୁଛି । ଓମିକ୍ରନ ପ୍ରଜାତି ଦ୍ରୁତ ସଂକ୍ରମଣ କରୁଥିଲେ ମଧ୍ୟ ଘାତକ ହେଉନଥିବା ନେଇ ବିଶ୍ୱବ୍ୟାପୀ ଅଧ୍ୟୟନରୁ ସୂଚନା ମିଳୁଛି ।

# ବିଶ୍ୱସ୍ତରୀୟ ଇଣ୍ଡିଆ ପ୍ରହେଳିକା ଭିତରେ ନେତାଜୀଙ୍କ ସ୍ୱପ୍ନର ଭାରତବର୍ଷ ଆଜି ବିପନ୍ନ

ଭୁବନେଶ୍ୱର,୧୭/୧ (ନି.ପ୍ର): ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ଉଭୟ ସରକାର ବୁଦ୍ଧିଜୀବୀମାନଙ୍କର ବିଶ୍ୱସ୍ତରୀୟ ବା ୱାର୍ଲଡ କ୍ଲାସ୍ ଇଣ୍ଡିଆର ରଙ୍ଗୀନ ସ୍ୱପ୍ନ ଓ ବିଜ୍ଞାପନ ଭିତରେ ଅବିଭକ୍ତ ଭାରତ ବର୍ଷର ପ୍ରଥମ ସ୍ୱଘୋଷିତ ପ୍ରଧାନମନ୍ତ୍ରୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ସ୍ୱପ୍ନର ସର୍ବାଙ୍ଗ ସୁନ୍ଦର, ସମୃଦ୍ଧ, ସ୍ୱାଭିମାନୀ, ସ୍ୱାବଲମ୍ବଶୀଳ, ସୁସଂହତ ଭାରତବର୍ଷ ଆଜି ବିପନ୍ନ ହୋଇଛି ବୋଲି ରବିବାର ଜୟ ହିନ୍ଦ୍ -୨୦୨୨ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଉତ୍କଳବିକାଶ ଯୁବପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥ ବୁଦ୍ଧମନ୍ଦିରଠାରେ ସଭାପତି ଦେବୀ ପ୍ରସାଦ ପୃଷ୍ଟିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଅଷ୍ଟମ ନେତାଜୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ ।ନନ କାନୁନ୍‌ଗୋ ଯୋଗଦେଇ, ବିଶ୍ୱସ୍ତରୀୟ ଇଣ୍ଡିଆକୁ ମାୟାବୀ ସ୍ୱର୍ଣ୍ଣ ହରିଣ ସହିତ ତୁଳନା କରି ଏହା ପଛରେ ରାଜନେତା ଓ ବୁଦ୍ଧିଜୀବୀମାନେ ଦୌଡ଼ିବା ଅର୍ଥ ଭାରତବର୍ଷର ସର୍ବନାଶକୁ ନିମନ୍ତ୍ରଣ କରିବା ବୋଲି କ୍ଷୋଭର ସହିତ କହିଥିଲେ । ସାଧାରଣ ଯାତ୍ରୀବାହୀ ଟ୍ରେନ୍, ରେଳ ଷ୍ଟେସନ୍‌ରେ ଗୁଣାତ୍ମକ ବିକାଶ ପରିବର୍ତ୍ତେ ରେଳ ସମ୍ପତି ବିକ୍ରି ଓ ବାହ୍ୟ ଆଡମ୍ବରପୂର୍ଣ୍ଣ ଚକାଚକ ପରିପାଟୀ ଯଦି ବିଶ୍ୱସ୍ତରର ପରିଭାଷା ହୁଏ, ତାହେଲେ ଜନସାଧାରଣ ସାମୟିକ ଭାବରେ ଉଲ୍ଲସିତ ହୋଇପାରନ୍ତି, କିନ୍ତୁ ସବୁଦିନ ପାଇଁ ଆ ଳିକ ସ୍ତରରେ, ରାଜ୍ୟସ୍ତରରେ ଓ ଜାତୀୟ ସ୍ତରରେ ଲୋକେ ଶୋଷଣର ଶିକାର ହେବେ ବୋଲି ପ୍ରକାଶ କରିଥିଲେ । ଦେଶର ଋଣଭାର ବଢିଚାଲୁଥିବା ବେଳେ ୧୦ ଭାଗ ଲୋକଙ୍କ ହାତରେ ୮୦ ଭାଗ ସମ୍ପତି ଓ ୯୦ ଭାଗ ଲୋକଙ୍କ ହାତରେ ମାତ ୨୦ ଭାଗ ସମ୍ପତି ରହିବା କ'ଣ ବିଶ୍ୱସ୍ତରୀୟ ବିକାଶର ମାପକାଠି ବୋଲି ପ୍ରଶ୍ନ କରିଥିଲେ । ନେତାଜୀ ସୁଭାଷ ବୋଷଙ୍କ ଆଦର୍ଶ ଥିଲା ବୈଜ୍ଞାନିକ ଗଣତାନ୍ତ୍ରିକ ସମାଜବାଦ ବା ସାଇଂଟିଫିକ୍ ଡେମୋକ୍ରାଟିକ୍ ସୋସିଆଲିଜିମ୍ । ଯେଉଁଥିପାଇଁ ଜାତୀୟ କଂଗ୍ରେସ ସଭାପତି ଥିବାବେଳେ ସେ ଗଠନ କରିଥିଲେ ଜାତୀୟ ଯୋଜନା କମିଟି ବା ନ୍ୟାସ୍‌ନାଲ୍ ପ୍ଲାନିଂ କମିଟି । ଯେଉଁଥିରେ ସେ ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ମେଘନାଦ ଶାହା ଓ ଇଂଜିନିୟର ବିଶ୍ୱେଶ୍ୱରାୟାଙ୍କ ଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶେଷଜ୍ଞ ଓ ଗୁଣି ପ୍ରତିଭାମାନ୍ ବ୍ୟକ୍ତିମାନଙ୍କୁ ସଭ୍ୟ କରିଥିଲେ ଓ ପଣ୍ଡିତ ଜବାହାରଲାଲ୍ ନେହେରୁ ଏହାର ପ୍ରଥମ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ବିବିଧତା ଭିତରେ ଭାରତବର୍ଷର ଐକ୍ୟ, ଧାର୍ମିକ ସଂହତି, ନାରୀ ସଶକ୍ତୀକରଣ ଓ ଆର୍ଥିକ ପ୍ରଗତି ଥିଲା ତାଙ୍କର ରାଜନୈତିକ ଦର୍ଶନର ବଳିଷ୍ଠ ଦିଗ । ସମସ୍ତଙ୍କ ପାଇଁ ରୋଜଗାର, ଗ୍ରାମୀଣ ଭାରତରେ କୃଷି, କୃଷକ ଓ ଶ୍ରମିକର ବିକାଶ ସାଙ୍ଗକୁ ଲୋକାଭିମୁଖୀ ଯୋଜନାର ସେ ଖସଡ଼ା ପ୍ରସ୍ତୁତ କରିଥିଲେ। ଉଭୟ କୃଷି ଓ କୃଷି ଭିତିକ ଶିଳ୍ପ ତଥା କୁଟିର ଶିଳ୍ପ ସହିତ ଆନୁପାତିକ ବୃହତ ଶିଳ୍ପର ସନ୍ତୁଳିତ ବିକାଶ ଥିଲା ନେତାଜୀଙ୍କ ବିଚାର ଓ ପରିକଳ୍ପନା । କୌଣସି ପରିସ୍ଥିତିରେ ବି ଜାତୀୟ ସମ୍ପତି ଓ ପ୍ରାକୃତିକ ସମ୍ପଦର ବେସରକାରୀକରଣର ସେ ତୀବ୍ର ବିରୋଧୀ ଥିଲେ । ଆଜିର ଶାସକ ଗୋଷ୍ଠୀ ନେତାଜୀଙ୍କର ଆଦର୍ଶରୁ ବିଚ୍ୟୁତ ହୋଇଛନ୍ତି ବୋଲି ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ । ନେତାଜୀଙ୍କର ସ୍ୱପ୍ନର ଭାରତ ଓ ୱାର୍ଲ୍‌ଡ୍ କ୍ଲାସ୍ ଇଣ୍ଡିଆ ଦୁଇଟି ସମାନ୍ତରାଳ ବିଚାରଧାରା, ଯାହାର ମିଳନ ଅସମ୍ଭବ ବୋଲି ପ୍ରକାଶ କରିଥିଲେ । ଉତ୍ସବରେ ସ୍ତମ୍ଭକାର ତୁଷାରକାନ୍ତ, ନିରପେକ୍ଷ ଉପସ୍ଥାପିକା ଶ୍ରୀମତୀ ସୁପ୍ରିୟା ଦାସ, ପାରମ୍ପାରିକ କୃଷି ପାଇଁ ଯୁବରାଜ ସ୍ୱାଇଁ ଓ ନିର୍ଭୀକ ସାମ୍ବାଦିକତା ନିମନ୍ତେ ପ୍ରିୟରଂଜନ ସାହୁଙ୍କୁ ନେତାଜୀ ସୁଭାଷ ରାଷ୍ଟ୍ରୀୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଆର୍ଥିକ ଦୁର୍ବଳ ମେଧାବୀ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ୨୦ ହଜାର ଟଙ୍କାର ଜୟ ହିନ୍ଦ୍ ବୃତି ଘୋଷଣା କରାଯାଇଥିଲା । କଟକଠାରେ ଆନ୍ତର୍ଜାତୀୟ ନେତାଜୀ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ନୀତି ଆୟୋଗର ନାମକୁ ନେତାଜୀଙ୍କ ପ୍ରତିଷ୍ଠିତ ଜାତୀୟ ଯୋଜନା ଆୟୋଗରେ ପୁନର୍ନାମିତ କରିବା, ସଂଗଠିତ ସଶସ୍ତ୍ର ସଂଗ୍ରାମକୁ ଅଷ୍ଟମରୁ ସ୍ନାତକ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ଓ ନେତାଜୀ ପର୍ଯ୍ୟଟନ ସର୍କିଟ୍‌ରେ ବାଲେଶ୍ୱର ସମେତ ବାଦ୍ ପଡ଼ିଥିବା କେରଳ, ତାମିଲ୍‌ନାଡୁ, ହିମାଚଳପ୍ରଦେଶ ଓ ପଞ୍ଜାବକୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁରୋଧ ପ୍ରସ୍ତାବ ପଠାଯାଇଥିଲା। ଉତ୍ସବରେ ସମ୍ମାନିତ ବକ୍ତା ଭାବରେ ପ୍ରହଲ୍ଲାଦ ସିଂଗ୍, ଗୌରାଙ୍ଗ ନାୟକ, ଅରୁଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନାର ଉତରରେ ପ୍ରିୟରଂଜନ ସାହୁ ନିଜର ସମ୍ମାନକୁ ଢିଙ୍କିଆ ଭିଟାମାଟି ସୁରକ୍ଷା ଆନ୍ଦୋଳନକୁ ସମର୍ପିତ କରିଥିଲେ ।

# ସାତକୋଶିଆ ମହାବଳଶୂନ: ଦୁଇ ମାସ ହେଲା ବାଘୁଣୀ ନିଖୋଜ

ଭୁବନେଶ୍ୱର ,୧୭/୧ (ନି.ପ୍ର): ବାଘ ଶୂନ୍ୟ ହୋଇଗଲା ସାତକୋଶିଆ। ଆଉ ମହାବଳ ନାହାନ୍ତି। ରାଜ୍ୟର ଏହି ଦ୍ୱିତୀୟ ବ୍ୟାଘ୍ର ଅଭୟାରଣ୍ୟରେ ଥିବା ଏକମାତ୍ର ବାଘୁଣୀର ଖୋଜ ଖବର ମିଳୁ ନ ଥିବାରୁ ଏଭଳି ଆଶଙ୍କା ପ୍ରକାଶ ପାଇଛି। ୭୯୫କିମି ବ୍ୟାପି ଅଭୟାରଣ୍ୟରେ ବନ ବିଭାଗ କ୍ୟାମେରା ଲଗାଇ ବାଘୁଣୀ ଉପରେ ନଜର ରଖିଥିଲେ ମଧ୍ୟ ଦୁଇ ମାସ ହେଲା ବାଘୁଣୀର ପତ୍ତା ମିଳୁନି। ଶେଷଥର ଲାଗି ନଭେମ୍ବର ୨୩ରେ କ୍ୟାମେରାରେ ଦୃଶ୍ୟମାନେ ହୋଇଥିଲା। ତା' ପରେ ନା କ୍ୟାମେରା ନଜରକୁ ଆସୁନି। ନା ବନ ବିଭାଗ କର୍ମଚାରୀ ତାକୁ ଦେଖିବାକୁ ପାଉଛନ୍ତି। ବାଘୁଣୀ ନିଖୋଜ ଥିବାରୁ ବନ ବିଭାଗ ଚିନ୍ତା ବି ବଢ଼ିଯାଇଛି। ଗୋଟିଏ ପଟେ ଦେଶର ପ୍ରଥମ ଅନ୍ତଃରାଜ୍ୟ ବ୍ୟାଘ୍ର ସମ୍ପ୍ରସାରଣ ପ୍ରକଳ୍ପ ଦୁଇ ବର୍ଷ ତଳେ ଏଠାରେ ଫେଲ୍ ମାରିଥିଲା। ଆଉ ଏବେ ବାଘୁଣୀ ନିଖୋଜ ହେବା କର୍ତ୍ତୃପକ୍ଷଙ୍କ ପାରିବାପଣିଆ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୨୦୦୪ରେ ସାତକୋଶିଆ ଅଭୟାରଣ୍ୟରେ ୧୮ଟି ମହାବଳ ରହିଥିଲେ। ମାତ୍ର ବନ ବିଭାଗର ଅବହେଳା ଓ ଶିକାରୀଙ୍କ ସକ୍ରିୟତା ଯୋଗୁଁ ଧୀରେଧୀରେ ବାଘଙ୍କ ସଂଖ୍ୟା ହ୍ରାସ ପାଉଛି। ୨୦୧୮ ବାଘ ଗଣନା ବେଳେ ଏଠାରେ ମାତ୍ର ଗୋଟିଏ ବାଘୁଣୀ ରହିଥିଲା। ତା' ବୟସ ୧୫ରୁ ଅଧିକ ହୋଇଥିବାରୁ ସ୍ୱାସ୍ଥ୍ୟବସ୍ଥା ବି ଠିକ୍ ରହୁ ନ ଥିଲା। ଶରୀରରେ ଘା' ହୋଇଥିବାରୁ ରୋଗିଣା ଅବସ୍ଥାରେ ଏଣେତେଣେ ବୁଲୁଥିଲା। ଯେଉଁଥିପାଇଁ ବନ ବିଭାଗ କର୍ମଚାରୀଙ୍କ ସମେତ କ୍ୟାମେରା ଲଗାଯାଇ ତାହା ଉପରେ ନଜର ରଖାଯାଇଥିଲା। ଅଭୟାରଣ୍ୟର କୋର ଅଞ୍ଚଳରେ ଅଧିକାଂଶ ସମୟ ରହୁଥିବା ନଜରକୁ ଆସିଥିଲା। ତେବେ ଗତ ନଭେମ୍ବର ମାସରେ ଶେଷଥର ପାଇଁ ତାକୁ କ୍ୟାମେରା ଟ୍ରାପ୍‌ରେ ଦେଖିବାକୁ ମିଳିଥିଲା। ଏହାପରେ ସେ ଆଉ ?କ୍ୟାମେରା ନଜରକୁ ଆସିନାହିଁ। ବନ ବିଭାଗ କର୍ମଚାରୀ ବି ଦେଖିବାକୁ ପାଇନାହାନ୍ତି। ଦୁଇ ମାସ ହେଲା ବାଘୁଣୀର ଖବର ମିଳୁ ନ ଥିଲେ ମଧ୍ୟ ବନ ବିଭାଗ ବାବୁମାନଙ୍କର ଏଥିପ୍ରତି କୌଣସି ଧ୍ୟାନ ନାହିଁ। ଜଙ୍ଗଲ ଅଭିବୃଦ୍ଧି ନେଇ ରାଜ୍ୟ ସରକାର ବାହାବା ଗୋଟାଇବାରେ ବ୍ୟସ୍ତ। ସମୀକ୍ଷା କରି ଜଙ୍ଗଲ କିଭଳି ବଢ଼ିବ, ସୁରକ୍ଷିତ ରହିବ, ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ମାତ୍ର ଲଗାତାର ଭାବେ ରାଜ୍ୟରେ ବାଘ ସଂଖ୍ୟା ହ୍ରାସ ପାଉଥିଲେ ମଧ୍ୟ ନିଘା ନାହିଁ। ବିଭାଗୀୟ ମନ୍ତ୍ରୀ ସବୁ ଜାଣି ଆଖି ବୁଜି ଦେଇଥିବା ବେଳେ ସଚିବଙ୍କର ସମୀକ୍ଷା କରିବାକୁ ସତେଯେମିତି ଇଚ୍ଛା ହିଁ ନାହିଁ। କେବଳ ଯାହା ବାଘ ଦିବସରେ ପଦେ ଅଧେ ଲେଖି ଦେଇ ସମସ୍ତେ ଚୁପ୍ ବସି ପଡୁଛନ୍ତି।

# ପଦ୍ମଶ୍ରୀ ଶାନ୍ତିଦେବୀଙ୍କ ବିୟୋଗରେ ସମାଜବାଦୀ ପାର୍ଟିର ଶୋକ

ଭୁବନେଶ୍ୱର,୧୭/୧ (ନି.ପ୍ର): ଭୂଦାନ ଆନ୍ଦୋଳନର ଅଗ୍ରଣୀ ନାରୀନେତ୍ରୀ, ଯମୁନାଲାଲ ବାଜଜ ପୁରସ୍କାରପ୍ରାପ୍ତ ସେବିକା ତଥା ମଦ ବିରୋଧୀ ଆନ୍ଦୋଳନର ଅଗ୍ରଗଣ୍ୟା ଗାନ୍ଧିବାଦୀ ନେତ୍ରୀ ତଥା ରାୟଗଡ଼ା ଜିଲ୍ଲା ଗୁଣୁପୁରର ସର୍ବସେବା ସଂଘର ପ୍ରତିଷ୍ଠାତା ପଦ୍ମଶ୍ରୀ ଶାନ୍ତିଦେବୀଙ୍କ ବିୟୋଗରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ, ଶାନ୍ତିଦେବୀଙ୍କ ବିୟୋଗ ଓଡ଼ିଶାର ଅବହେଳିତ, ଭୂମିହୀନ, ଗରୀବ ଓ ଆଦିବାସୀମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ବିନୋବା ଭାବେଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭୂଦାନ ଆନ୍ଦୋଳନରେ ସ୍ୱାମୀ ଗାନ୍ଧିବାଦୀ ରତନ ଦାସଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ, ପାଦରେ ପାଦ ମିଳାଇ ଦୀର୍ଘ ୬୦ ବର୍ଷ ଧରି ଶ୍ରୀମତୀ ଶାନ୍ତିଦେବୀ ନକ୍ସଲ ପ୍ରବଣ ଗୁରୁପୁର ଅଞ୍ଚଳରେ ଗରୀବ, ଆଦିବାସୀଙ୍କ ପାଇଁ ଓ କୁଷ୍ଠରୋଗୀଙ୍କ ପାଇଁ ଯେଉଁ ସେବା କରିଯାଇଛନ୍ତି, ତାହା ତାଙ୍କୁ ଅମର କରି ରଖିବ। ଭଗବାନ ତାଙ୍କର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ଏବଂ ଆଗାମୀ ଦିନରେ ଆହୁରି ବାହୁ ଶାନ୍ତି ଦେବୀ ସେବା ସଂଗ୍ରାମକୁ ଆଗେଇ ନେବା ପାଇଁ ଆଗେଇ ଆସନ୍ତୁ ବୋଲି ଶ୍ରୀ ବେହେରା ଆଶାପ୍ରକାଶ କରିଛନ୍ତି।

## ଶ୍ରୀଲଙ୍କାରେ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଖର୍ଚ୍ଚ କାଟ କରିବାଲାଗି ଶ୍ରୀଲଙ୍କା ସରକାର ଡିସେମ୍ବର ମାସ ୨୦୨୧ରୁ ବିଦେଶରେ ଥିବା କୂଟନୀତିକ କାର୍ଯ୍ୟାଳୟଗୁଡିକୁ ବନ୍ଦ କରିବା ଲାଗି ନିଷ୍ପତ୍ତି ନେଇଥିଲେ । ତଦନୁସାରେ ଜାନୁଆରୀ ମାସରୁ ନାଇଜେରିଆ, ଜର୍ମାନୀ ଏବଂ ସାଇପ୍ରସରେ ଥିବା କାର୍ଯ୍ୟାଳୟ ବନ୍ଦ ହୋଇଯାଇଛି । ମୁଦ୍ରାସ୍ଫୀତି ଗତ ୧୩ବର୍ଷରେ ୨୦୨୧ରେ ସର୍ବାଧିକ ହୋଇଥିଲା । ଗତବର୍ଷ ଜାନୁଆରୀ ନଭେମ୍ବର ମଧ୍ୟରେ ଦେଶର ପର୍ଯ୍ୟଟନ ୭୯.୩ ପ୍ରତିଶତ ହ୍ରାସ ପାଇଥିଲା । ଦେଶରେ ବିଦେଶୀ ମୁଦ୍ରା ପରିମାଣ ଜାନୁଆରୀ ୨୦୨୧ରେ ୪୫୦୦ ମିଲିଅନରୁ ଅଧିକ ଥିଲା, ଯାହା ଏପ୍ରିଲକୁ ୪୫୦୦,ସେପ୍ଟେମ୍ବରକୁ ୩୫୦୦, ଡିସେମ୍ବରକୁ ୩୧୦୦ ମିଲିଅନରେ ରହିଛି । ଦେଶରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ଆକାଶଛୁଆଁ ହୋଇଛି । ଜାନୁଆରୀ ମାସରେ ୧୦୦ ଗ୍ରାମ ଲଙ୍କାର ମୂଲ୍ୟ ୭୧ଟଙ୍କା ହୋଇଛି । ଅର୍ଥାତ୍ ନୀଳଲଙ୍କା କିଗ୍ରା ୭୧୦ଟଙ୍କାରେ ପହଞ୍ଚିଲାଣି । ସେମିତି ବାଇଗଣର ମୂଲ୍ୟ ୫୧ ପ୍ରତିଶତ, ନାଲିପିଆଜ ମୂଲ୍ୟ ୪୦ ପ୍ରତିଶତ ବୃଦ୍ଧି ପାଇଛି । ଜାନୁଆରୀ ୨୦୨୨ରେ ଆଳୁ କିଗ୍ରାକୁ ୨୦୦ଟଙ୍କା, ଟମାଟର ଓ ଭେଣ୍ଡି ୨୦୦ଟଙ୍କା, କଲରା ୧୬୦ଟଙ୍କା, ବିନ୍ସ ୩୨୦ଟଙ୍କା, ବନ୍ଧାକୋବି ୨୪୦ ଟଙ୍କା, ଗାଜର ୨୦୦ଟଙ୍କା, କଞ୍ଚା କଦଳୀ କିଲୋ ପିଛା ମୂଲ୍ୟ ୧୨୦ଟଙ୍କା ହୋଇଛି ।

ଜାନୁଆରୀ ମାସ ଦ୍ୱିତୀୟ ସପ୍ତାହରେ ଚୀନର ବିଦେଶ ମନ୍ତ୍ରୀ ୱାଙ୍ଗ ୟି ଦୁଇଦିନିଆ ଶ୍ରୀଲଙ୍କା ଗସ୍ତକରି ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ଷ, ରାଷ୍ଟ୍ରପତି ଗୋତବାୟା ରାଜପାକ୍ଷ, ବିଦେଶମନ୍ତ୍ରୀ ଜିଏଲ ପେଇରିସ, ବିଦେଶ ସଚିବ ଜୟନାଥ କୋଲୋମ୍ବାଗେଙ୍କୁ ସାକ୍ଷାତ କରି ଶ୍ରୀଲଙ୍କା ବାଣିଜ୍ୟ ସଂଗଠନ ଆଇସିଇପିରେ ଯୋଗଦେଇ ମୁକ୍ତ ବାଣିଜ୍ୟ ରାଜିନାମାରେ ସ୍ୱାକ୍ଷର କଲେ ସବୁକିଛି ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଛନ୍ତି । ଆଗାମୀ ଦିନରେ ପ୍ରାୟ ୮୦୦ ମିଲିଅନ ୟୁନାନ୍ ଶ୍ରୀଲଙ୍କାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ କରିବାକୁ ଚୀନର ଯୋଜନା ଥିବା କହିଛନ୍ତି । ଅପରପକ୍ଷେ ଶ୍ରୀଲଙ୍କା ସାଂସଦ ଏବଂ ଓକିଲ ବିଜୟଦାସ ରାଜପାକ୍ଷେ ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ନିକଟକୁ ଏକ ୪୫ ବିନ୍ଦୁର ଚିଠି ଲେଖି ଶ୍ରୀଲଙ୍କାକୁ ଆର୍ଥିକ ଉପନିବେଶରେ ପରିଣତ ନ କରିବାକୁ କହିଛନ୍ତି ।

ଶ୍ରୀଲଙ୍କା ସରକାର ଋଣ ପରିଶୋଧ ପାଇଁ ଭାରତ ସରକାରଙ୍କୁ ସମୟକୁ କୋହଳ କରିବା ପାଇଁ କହିଛନ୍ତି । କୋରୋନା ସମୟରେ ଋଣ ପରିଶୋଧ ପାଇଁ କରେନ୍ସୀ ସ୍ୱାପ ସୁବିଧା, ଡିସେମ୍ବର ୨୦୨୧ରେ ଜରୁରିକାଳୀନ ଆମଦାନୀ ପାଇଁ ଦୀର୍ଘସୂତ୍ରୀ ଋଣ ଭାରତ ସରକାରଙ୍କଠାରୁ ଶ୍ରୀଲଙ୍କାର ସରକାର ଲାଭ କରିଛନ୍ତି । ୧୩ ଜାନୁଆରୀ ୨୦୨୨ଦିନ ଭାରତ ପକ୍ଷରୁ ସପ୍ତାହ ମଧ୍ୟରେ ଶ୍ରୀଲଙ୍କାକୁ ୯୦୦ ମିଲିଅନ୍ ଡଲାରର ସୁବିଧା ଦିଆଯାଇଥିବା ବିଷୟ କଲମ୍ବୋ ସ୍ଥିତ ଭାରତର ଉଚ୍ଚାୟୁକ୍ତ ଗୋପାଳ ବାଗଲେ ପ୍ରକାଶ କରିଛନ୍ତି । ଶ୍ରୀଲଙ୍କା ସେଣ୍ଟ୍ରାଲ ବ୍ୟାଙ୍କ ଗଭର୍ଣ୍ଣର ଅଜିଥ୍ ନିବାର୍ଡ କାବ୍ରାଲଙ୍କ ସହ ସାକ୍ଷାତ ବେଳେ ଭାରତର ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହି ସୁବିଧା ପ୍ରଦାନ କରାଯାଇଥିବା ଉଲ୍ଲେଖ କରିଛନ୍ତି । ଏଥିରେ ୪୦୦ ମିଲିଅନ କରେନ୍ସୀ ସ୍ୱାପ ସୁବିଧା ଏବଂ ୫୦୦ ମିଲିଅନ ଏସିଆନ କ୍ଲିଅରିଂ ୟୁନିଅନ୍ ବୁଝାମଣା ରହିଛି । ଏହି ସୁବିଧା ଶ୍ରୀଲଙ୍କା ସରକାରଙ୍କୁ ଆଗାମୀ ଦିନରେ ଋଣ ପରିଶୋଧ କ୍ଷେତ୍ରରେ ସହାୟକ ହେବ ।

ଶ୍ରୀଲଙ୍କା ସରକାର ଏବେ ଉଭୟ ଚୀନ ଓ ଭାରତଠାରୁ ଅର୍ଥ ନେଇ ଆନ୍ତର୍ଜାତିକ ଋଣ ସୁଝିବା ସହ ଦେଶର ଆର୍ଥିକ ସ୍ଥିତିକୁ ସଜାଡିବାକୁ ପ୍ରୟାସ କରୁଛନ୍ତି । କିନ୍ତୁ ଢାଞ୍ଚାଗତ ବ୍ୟବସ୍ଥା ସହ ଆର୍ଥିକ ଶୃଙ୍ଖଳା ଦେଶରେ ନ ଆସିଲେ ଏହି ସମସ୍ୟା ଆଗାମୀ ଦିନମାନଙ୍କରେ ମଧ୍ୟ ଦେଖାଦେବ ଏଥିରେ ସନ୍ଦେହ ନାହିଁ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ପୋଷ୍ଟ ଅଫିସରେ ଲିଙ୍କ ଫେଲ ନେଇ ଗ୍ରାହକ ଅସନ୍ତୋଷ

ବସ୍ତା, ୧୭/୦୧ (ନି.ପ୍ର): ଇଡିଦା ସବ୍ ପୋଷ୍ଟ ଅଫିସ ରେ ବହୁତ ଦିନ ଧରି ଲିଙ୍କ୍ ଫେଲ୍ ଅଛି। ଏହି ସବ୍ ପୋଷ୍ଟ ଅଫିସ ଅଧୀନରେ ଛଅ (୬) ଟି ବ୍ରାଞ୍ଚ ପୋଷ୍ଟ ଅଫିସ୍ ଅଛି।ଇଡିଦା ସବ୍ ପୋଷ୍ଟ ଅଫିସ ର ପିନ୍ କୋଡ୍ ହେଉଛି (୭୫୬୦୮୦)। ଏହି ଗୁଡିକ ହେଲା ମଛଦା, ବଡାଣ, କଇନଗରୀ, ସାହାଡା, ପଣସା ଏବଂ ନିମପଦା । ଇଡିଦା ସବ୍ ପୋଷ୍ଟ ଅଫିସ ଉପରେ ଇଡିଦା, ନାଇକୁଡି, କଇନଗରୀ, କୁଣ୍ଡଳୀ, ସାହାଡା, ଇଡିଦା, ଦରଡା, ମୁକୁଳିସି ଗ୍ରାମ ପଞ୍ଚାୟତ ର ଲୋକ ମାନେ ସଂପୂର୍ଣ୍ଣ ଭାବେ ନିର୍ଭର କରନ୍ତି । ଏହି ସବ୍ ପୋଷ୍ଟ ଅଫିସ ଯେତେ ଦିନ ଠାରୁ ଇଡିଦା ଗୋଲକ ନାରାୟଣ ହାଇସ୍କୁଲରୁ ସ୍ଥାନାନ୍ତର ହେଲା ସେତେଦିନ ଠାରୁ ବିଭିନ୍ନ ସମସ୍ୟା ଭିତର ଦେଇ ଗତିକରୁଛି। ଅଧିକାଂଶ ଦିନଧରି ଲିଙ୍କ ଫେଲ ହେବାଯୋଗୁ ପୋଷ୍ଟ ଅଫିସରେ ଟଙ୍କା ରଖିବା ଓ ଉଠାଇବା ସମ୍ପୂର୍ଣ୍ଣ ବାଧା ଉପୁଜୁଛି । ଏହା ଭିତରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଲିଙ୍କ ନ ରହିବାରୁ ବାରମ୍ବାମ ଲୋକେ କାମ ଧନ୍ଦା ବନ୍ଦକରି ଘଣ୍ଟା ଘଣ୍ଟା ରହିବାକୁ ପଡୁଛି । ସେହିପରି ବସ୍ତା ପୋଷ୍ଟ ଅଫିସ ଅଧିନରେ ଥିବା ମଥାନୀ, ପଣ୍ଡରୁଙ୍ଗି, ଦଣ୍ଡିକା, ବାହାର୍ଦ୍ଦା ପୋଷ୍ଟ ଅଫିସରେ ମଧ୍ୟ ଲିଙ୍କ ଫେଲ ହେଉଛି । ବାରମ୍ବାର ପୋଷ୍ଟ ଅଫିସ କୁ ଲୋକ କାମଧନ୍ଦା ଛାଡି ଘୁରୁଛନ୍ତ । ଯଥାଶୀଘ୍ର ସମସ୍ତ ପୋଷ୍ଟ ଅଫିସ୍‌କୁ ଲିଙ୍କ୍ ଅନବରତ ଯୋଗାଇବା ପାଇଁ ପୋଷ୍ଟ ଅଫିସର ସୁପରିଟେଣ୍ଡେଣ୍ଟ ଧ୍ୟାନ ଦିଅନ୍ତୁ ବୋଲିଅଞ୍ଚଳ ବାସୀ ଦାବିକରିଛନ୍ତି ।

## ଛାଞ୍ଚ ପ୍ରିମିୟମ ଲିଗ ଉଦ୍‌ଘାଟିତ



ବାରିପଦା, ୧୭/୦୧ (ନି.ପ୍ର): ମୟୁରଭଞ୍ଜର ଗଣପର୍ବ ମକର ସଂକ୍ରାନ୍ତି ଉପଲକ୍ଷେ ଛାଞ୍ଚ ୟୁଥ କ୍ଲବ ଆନୁକୁଲ୍ୟରେ ଆଜି ବାରିପଦା ୱାର୍ଡ ନଂ ୨୫, ଛାଞ୍ଚ ପଡିଆ ଠାରେ ଛାଞ୍ଚ ପ୍ରିମିୟମ ଲିଗ୍ ଷଷ୍ଠ ସଂସ୍କରଣର ଉଦଘାଟିତ ହୋଇଯାଇଛି । ଆଜିର ପ୍ରଥମ ଦିନରେ ବରିଷ୍ଠ କ୍ରିକେଟ ଖେଳାଳି ରାମେଶ୍ୱରୀ ମାଝୀ, ସ୍ୱେଚ୍ଛାସେବୀ ତଥା ବିଜେପି ଜିଲ୍ଲା ଯୁବ ସଧାରଣ ସମ୍ପାଦକ ଦେବବ୍ରତ ସାମଲ, ବରିଷ୍ଠ ସ୍ୱେଚ୍ଛାସେବୀ ରାମ ଚନ୍ଦ୍ର ଦେ ଯୋଗ ଦେଇ ଟୁର୍ଣ୍ଣାମେଂଟର ଶୁଭ ଉଦ୍ଘାଟନ କରିଥିଲେ । ଏହି ୧୦ ଓଭର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ରେ ୮ ଟି ଦଳ ଅଂଶଗ୍ରହଣ କରିଛନ୍ତି । ଆଜିର ପ୍ରଥମ ମ୍ୟାଚ ଦୀପକ ୱାରିୟର୍ସ ଓ ମୁଣ୍ଡାରୀ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିତି ମୁଣ୍ଡାରୀ ଫାଇଟର ନିର୍ଦ୍ଧାରିତ ୧୦ ଓଭର୍ ରେ ୫ ୱିକେଟ ହରାଇ ୧୨୦ ରନ୍ ସଂଗ୍ରହ କରିଥିଲେ ଜବାବରେ ଦୀପକ ୱାରିୟର୍ସ ନିର୍ଦ୍ଧାରିତ ୧୦ ଓଭର୍ ରେ ୧୦୦ ରନ୍ କରିବାରେ ସମର୍ଥ ହୋଇଥିଲା ଏବଂ ମୁଣ୍ଡାରୀ ଫାଇଟର ୨୦ ରନ୍ ରେ ବିଜୟୀ ହୋଇଛି । ଅନ୍ୟ ମାନଙ୍କ ମଧ୍ୟରେ ଆୟୋଜକ ପିଣ୍ଟୁ ପାତ୍ର, ବିଜୁ ମହାନ୍ତ, ଠାକୁର ସିଂ, ଦୀପକ ସାହୁ, ଏମ ଡି ସମୀର, ଚିରଞ୍ଜୀବ ଜେନା, ଲାଲୁ ସିଂ, ସ୍ମୃତିରଞ୍ଜନ ନାୟକ, ରଜନୀକାନ୍ତ ଜେନା ଜିତେନ୍ଦ୍ର ନାୟକ, ସବ୍ୟସାଚୀ ପଣ୍ଡା, ଶ୍ରୀକାନ୍ତ ଦିଗାର, ଅନିଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କରୋନା ବେଳେ କମୁଛି ....

କୋଟି କୋଟି ଲୋକ କାମ ହରାଇଛନ୍ତି । କିନ୍ତୁ ଏହି ସମୟ ଭିତରେ ଧନୀଙ୍କ ସମ୍ପତ୍ତି ଯେତିକି ବଢ଼ିଛି ତାହା ୪୦ ପ୍ରତିଶତ ଗରିବଙ୍କ ମୋଟ ସମ୍ପତ୍ତିଠାରୁ ଅଧିକ ହେବ ବୋଲି ଅକ୍ସଫାମ ରିପୋର୍ଟରେ ପ୍ରକାଶ ପାଇଛି । ୱାର୍ଲ୍ଡ ଇକୋନମିକ୍ ଫୋରମର ଡାଭୋସ ଏଜେଣ୍ଡା ପୂର୍ବରୁ ରବିବାର ଦିନ ଅକ୍ସଫାମ ରିପୋର୍ଟ 'ଇନଇକ୍ୱାଲିଟି କିଲ୍ସ' ପ୍ରକାଶ ପାଇଛି । ଏଥିରେ କୁହାଯାଇଛି, କରୋନା ସମୟରେ ସ୍ୱାସ୍ଥ୍ୟ ବଜେଟ୍ ୧୦ ପ୍ରତିଶତ ହ୍ରାସ ପାଇଛି । ଶିକ୍ଷା ବ୍ୟୟ ଅଟକଳ ୬ ପ୍ରତିଶତ କମିଛି । ସାମାଜିକ ନିରାପତ୍ତା ସ୍କିମରେ ପୂର୍ବରୁ ମୋଟ ବଜେଟର ୧.୫ ପ୍ରତିଶତ ଥିଲା, ତାହା ଏବେ ୦.୬ ପ୍ରତିଶତକୁ ହ୍ରାସ ପାଇଛି । ମୋଟାମୋଟି କହିବାକୁ କଲେ ମହାମାରୀ ଗରିବଙ୍କ ଉପରେ ଦାଉ ସାଧିଛି, ହେଲେ ମାଲାମାଲ ହୋଇଛନ୍ତି ଧନୀକ ଶ୍ରେଣୀ । ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନ ବୃଦ୍ଧି ପାଇଛି ।

### ଅବୁଧାବିରେ ଡ୍ରୋନ ଆଟାକ....

ହମଲା ହୋଇଥିଲା। ଏହା ପଛରେ ଇହୁଦି ବିଦ୍ରୋହୀ ଗୋଷ୍ଠୀଙ୍କର ହାତ ଥିଲା। ଆଜି ମଧ ସଂଗଠନ ହମଲା ପାଇଁ ନିଜକୁ ଦାୟୀ କରିଛି। ଏଥିସହ ୟୁଏଇରେ ଆଗକୁ ଏପରି ହମଲା ଜାରି ରହିବ ବୋଲି ସଂଗଠନ ଧମକ ଦେଇଛି। ସୂଚନାଯୋଗ୍ୟ, ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଇ-ଇନ ଏବେ ୟୁଏଇ ଗସ୍ତରେ ଯାଇଛନ୍ତି। ରବିବାର ୟୁଏଇର ପ୍ରଧାନମନ୍ତ୍ରୀ ଓ ଦୁବାଇ ଶାସନ ଶେଖ ମହମ୍ମଦ ବିନ ରଶିଦ ଅଲ ମକତୌମଙ୍କ ସହ ମୁନ ବୈଠକ କରିଥିଲେ। ଏହି ସମୟରେ ଦୁଇ ଦେଶ ମଧ୍ୟରେ ଏକାଧିକ ଚୁକ୍ତି ହୋଇଛି। ନିଷ୍ପତ୍ତି ଅନୁଯାୟୀ, ଦକ୍ଷିଣ କୋରିଆ ଠାରୁ ୟୁଏଇ ୩.୫ ବିଲିୟନ ଡଲାର ଦେଇ ଭୂପୃଷ୍ଠରୁ ଆକାଶ ମାର୍ଗକୁ ଯିବାର କ୍ଷମତା ରଖିଥିବା ମିଶାଇଲ କିଣିବ। ଏହି ଚୁକ୍ତିର ଦିନକ ପରେ ହିଁ ଡ୍ରୋନ ଆଟାକ ହୋଇଛି। ୨୦୧୫ରୁ ୟୁଏଇ ଓ ୟେମେନ ମଧ୍ୟରେ ଯୁଦ୍ଧ ଚାଲିଛି। ଏଠାରେ ଥିବା ଇରାନ ସମର୍ଥିତ ଇହୁଦି ବିଦ୍ରୋହୀମାନଙ୍କ ଉପରେ ୟୁଏଇ ଆକ୍ରମଣ କରିବାର ନଜିର ରହିଛି। ବିଦ୍ରୋହୀମାନେ ମଧ ପ୍ରତି ଆକ୍ରମଣ କରିବାକୁ ଆଦୌ ପଛାଉ ନାହାନ୍ତି।

### ଟଙ୍କା ଫେରସ୍ତ ଦାବିରେ....

୨୦୧୯ ନିର୍ବାଚନ ପୂର୍ବରୁ ଟଙ୍କା ଫେରସ୍ତ ଦେଇ ବାକି ଜମାକାରୀଙ୍କୁ ଟଙ୍କା ଫେରାଉନାହାଁନ୍ତି । ସେହିଭଳି ୨୦୧୮-୧୯ ମସିହାରେ ନେଇଥିବା ଲକ୍ଷଲକ୍ଷ ସତ୍ୟପାଠର ଲଫାପା ଖୋଲିବା ପୂର୍ବରୁ ସରକାର ତଦନ୍ତ କମିଶନ ବନ୍ଦ କରିଦେଲେ । ସରକାର ତାଙ୍କ ତହବିଲ୍‌ରୁ ଟଙ୍କା ଦେଉନାହାନ୍ତି, ଜମାକାରୀଙ୍କ ଜମା ଟଙ୍କାରୁ କମ୍ପାନୀମାନେ କରିଥିବା ବ୍ୟାଙ୍କ ଆକାଉଣ୍ଟ ଜବତ୍ ରୁ ଶହଶହ କୋଟି ଟଙ୍କା, ଶହଶହ କୋଠାବାଡି, ଗାଡ଼ିଘୋଡା ଓ ଶିଳ୍ପ ଜବତ କରି ସେଥିରୁ କିଛି ସମ୍ପତ୍ତି ବିକ୍ରି କରି ନିଜ ପାଖରେ କୋଟି କୋଟି ଟଙ୍କା ରଖିଛନ୍ତି, କିନ୍ତୁ ଜମାକାରୀଙ୍କୁ ଟଙ୍କା ଫେରାଉ ନାହାନ୍ତି । ଶାସକବର୍ଗଙ୍କ ଏହି ଲୁଣ୍ଠନ ବିରୁଦ୍ଧରେ ବ୍ୟାପକ ସତ୍ୟାଗ୍ରହ ମାଧ୍ୟମରେ ଲୋକଲୋଚନକୁ ନେବାପାଇଁ ୫୦ ଲକ୍ଷରୁ ଅଧିକ ଜମାକାରୀ ପରିବାର ସଂକଳ୍ପ ନେଲେଣି ବୋଲି ମଂଚ ପକ୍ଷରୁ କୁହାଯାଇଛି ।

## ଦକ୍ଷିଣ ନରସିଂହପୁର ପଂଚାୟତରେ ବିଜେପି ଓ ବିଜେଡିକୁ ଚେକ୍ ଦେବାକୁ ୩ଦଳର ମହାମେଂଟ

ନୀଳଗିରି, ୧୭/୦୧ (ନି.ପ୍ର): ଦୀର୍ଘ ଦଶନ୍ଧି ଧରି ଔପଦା ବ୍ଲକ ର ଦକ୍ଷିଣ ନରସିଂହପୁର ଗ୍ରାମ ପଂଚାୟତରେ ବିଜେପିଓ ବିଜେଡି ଦଳର ନେତୃବୃନ୍ଦଙ୍କ ଅପାରଗ ଶାସନ ଯୋଗୁଁ ପଂଚାୟତଟି ଅବହେଳିତ ହୋଇପଡ଼ିଛି । ଫଳରେ ପଂଚାୟତରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରୁ ନ ଥିବାରୁ ପଂଚାୟତ ରସାତଳକୁ ଯାଇଥିବା ନେଇ ଆଜି ଏକ ପ୍ରେସବିବୃତିରେ ଉଭୟ କଂଗ୍ରେସ, ସି.ପି.ଆଇ. , ସି.ପି.ଆଇ(ଏମ) ଦଳର ନେତୃମଣ୍ଡଳୀ କହିଛନ୍ତି । ଆଗାମୀ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଦୀର୍ଘ ୧ବର୍ଷ ଧରି କଂଗ୍ରେସ, ସି.ପି.ଆଇ., ସି.ପି.ଆଇ.(ଏମ) ଦଳର ନେତୃମଣ୍ଡଳୀ ଉକ୍ତ ପଂଚାୟତ ତଥା ବ୍ଲକର ବିଭିନ୍ନ ପଂଚାୟତରେ ଜନସାଧାରଣଙ୍କର ଆଗ୍ରହକୁ ଦେଖି ଏହି ମେଂଟ କରାଯାଇଥିବା କୁହାଯାଇଛି । ବିଜେପି ଓ ବିଜେଡି ଦଳର ଲୋକମାରଣ ନୀତି ସହିତ ସର୍ବସାଧଶରଣଙ୍କର ଅର୍ଥକୁ ହରିଲୁଟ କରିବା ଫଳରେ ପଂଚାୟତ ଗୁଡ଼ିକରେ ସେଭଳି ଆଖି ଦୃଶିଆ ଉନ୍ନତି ହୋଇ ପାରୁ ନାହିଁ । ତେଣୁ ଉଭୟ ଦଳକୁ ଚେକ୍ ଦେବା ପାଇଁ ଆଗାମୀ ପଂଚାୟତ ନିର୍ବାଚନରେ ଉଭୟ ବିଜେପି, ବିଜେଡି ଦଳର ପ୍ରାର୍ଥୀଙ୍କୁ ହରାଇବା ସହିତ ପଂଚାୟତର ଉନ୍ନତି ପାଇଁ ଏହି ତିନି ଦଳ ନିର୍ବାଚନରେ ମହାମେଂଟ କରିଥିବା ନେଇ ଏକ ସମ୍ବାଦିକସମ୍ମିଳନୀରେ ମତବ୍ୟକ୍ତ କରିଥିଲେ । କଂଗ୍ରେସ ଦଳକୁ ସରପଂଚ, ସି.ପି.ଆଇ କୁ ସମିତି ସଭ୍ୟ ଓ ସି.ପି.ଆଇ.(ଏମ)କୁ ଜିଲ୍ଲାପରିଷଦ ପ୍ରାର୍ଥୀ ନିର୍ବାଚନରେ ଲଢ଼ିବା ପାଇଁ ସ୍ଥିରିକୃତହୋଇଛି । ଉକ୍ତ ମେଂଟ ନିର୍ବାଚନ ପରବର୍ତୀ ସମୟ ପର୍ଯ୍ୟନ୍ତ ବଳବତର ରହିବ ବୋଲି ଜଣାପଡ଼ିଛି । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବିଦ୍ୟାଧର ମହାନ୍ତି, ସି.ପି.ଆଇ. ର ବିଜୟ ସ, ସି.ପି.ଆଇ.(ଏମ)ର ବିଜୟ ପାତ୍ର, ନାରାୟଣ ଧାମୁଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ଦିନରେ ୧୧୭ଜଣଙ୍କ ମନୋନୟନ ପତ୍ର ଦାଖଲ

ଖଇରା,୧୭/୦୧ (ନି.ପ୍ର): ମନୋନୟନ ପତ୍ର ଦାଖଲର ପ୍ରଥମ ଦିନରେ ଖଇରା ବ୍ଲକରେ ୩୭ ପଞ୍ଚାୟତ ରେ ମୋଟ ୧୧୭ଜଣ ମନୋନୟନ ପତ୍ର ଦାଖଲ କରିଛନ୍ତି। ଏଥି ମଧ୍ୟରେ ସରପଞ୍ଚ ପାଇଁ ୧୧ଜଣ,ସମିତି ସଭ୍ୟ ପାଇଁ ୧୦ଜଣ ଓ ୱାର୍ଡସଭ୍ୟ ପଦବି ପାଇଁ ୯୬ଜଣ ଆବେଦନ କରିଛନ୍ତି। ଗୋବିନ୍ଦପୁରରୁ କେବଳ ୨୫ଜଣ ୱାର୍ଡ ସଭ୍ୟ ପାଇଁ ପରିଚୟ ପତ୍ର ଦାଖଲ କରିଥିବା ବେଳେ ବିଶିଷ୍ଟ ଭାଜପା ନେତା ନିଳାମ୍ବର ପଣ୍ଡା ଦୀର୍ଘଦିନର ନିରବତା ଭାଙ୍ଗି ନିର୍ବାଚନ ମଇଦାନକୁ ଓହ୍ଲାଇବା ପରେ ପତ୍ନୀ ତୁଳସୀ ମଞ୍ଜରୀଙ୍କ ସହ ଖଇରା ବ୍ଲକ କାର୍ଯ୍ୟାଳକୁ ଆସିଥିଲେ। ପରେ ନିଳାମ୍ବରଙ୍କ ଉପସ୍ଥିତିରେ ପତ୍ନୀ ତୁଳସୀ ମଞ୍ଜରୀ ସାରୁଗାଁ ପଞ୍ଚାୟତ ସମିତି ସଭ୍ୟା ପଦବୀ ପାଇଁ ମନୋନୟନ ପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ ।

## କୁପାରୀ ସାହିତ୍ୟ ସଂସଦର ୨୯ତମ ସାରସ୍ୱତ ସମାରୋହ



ଖଇରା,୧୭/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଅମ୍ବିକା ମନ୍ଦିର ପରିସରରେ ମା ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦର ୨୯ତମ ସାରସ୍ୱତ ସମାରୋହ କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଅନାଦି ଚରଣ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ । ସଞ୍ଚାଳକ ଶୁଭେନ୍ଦ୍ର ମୁନୀ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଡ ଅଜୟ କୁମାର ନାୟକ,ସମ୍ମାନୀତ ଅତିଥି ଭାବେ ଭରତ ଚନ୍ଦ୍ର ଦାଶ,ସମ୍ମାନୀତ ବକ୍ତା ଭାବେ ଡ ଶରତ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ । ସାହିତ୍ୟର ଧାରାରେ ସମାଜର ଧାରା ପରିବର୍ତ୍ତନୀୟ ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ । କାର୍ଯ୍ୟକାରୀ ସଭାପତି ଶରତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ,ଡା ଉମେଶ ଚନ୍ଦ୍ର ମହାନ୍ତି ବିବରଣୀ ପାଠ ପରେ ମୁଖପତ୍ର କଲ୍ୟାଣ ଉନ୍ମୋଚିତ ହୋଇଥିଲା । ଚଳିତବର୍ଷ ପ୍ରତିଭା ସମ୍ବର୍ଦ୍ଧ ବ୍ୟକ୍ତି ଭାବେ କୃଷ୍ଣଚନ୍ଦ୍ର ଜେନା,ଡ ଆଦିତ୍ୟ ପ୍ରତାପ ଧଳ,ବାବାଜି ଚରଣ ନାୟକ,ରମେଶ ଚନ୍ଦ୍ର ପୁହାଣ, ନାରାୟଣ ଚନ୍ଦ୍ର ପେଡା, ଶରତ କୁମାର ଜେନା, ପ୍ରତାପ ଚନ୍ଦ୍ର ସେଠୀ, ଜଳଧର ଦାସ, ଶରତ ଚନ୍ଦ୍ର ମହାପାତ୍ର ଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ମ୍ୟାଟ୍ରିକ ପରିକ୍ଷାରେ ସର୍ବାଧିକ ନମ୍ବର ରଖିଥିଲା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

## ଭଞ୍ଜସେନା ବରିଷ୍ଠ ବୁଦ୍ଧିଜୀବି କମିଟିର ସଂଯୋଜକ ମନୋନୀତ

ବାରିପଦା, ୧୭/୦୧ (ନି.ପ୍ର): ଜିଲ୍ଲାର ଏକମାତ୍ର ଅଗ୍ରଣୀ ତଥା ଅଣରାଜନୈତିକ ସଂଗଠନ ଭଞ୍ଜସେନା ମୟୂରଭଞ୍ଜ ଜିଲ୍ଲାର ମୌଳିକ ସମସ୍ୟା ଏବଂ ମୌଳିକ ଦାବୀ ସମୂହକୁ ହାସଲ କରିବା ସହିତ ସମୃଦ୍ଧଶୀଳ ମୟୁରଭଞ୍ଜ ଗଠନ କରିବା ପାଇଁ ଉପଯୁକ୍ତ ଦିଗ ଦର୍ଶନ ପାଇବା ଉଦ୍ଦେଶ୍ୟରେ ବହୁପୂର୍ବରୁ ଏକ ଭଞ୍ଜସେନା ବରିଷ୍ଠ ବୁଦ୍ଧିଜୀବୀ କମିଟି ଗଠନ କରିବା ଏବଂ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସାମିଲ କରିବା ପାଇଁ ଯୋଜନା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରୀୟ ବୁଦ୍ଧିଜୀବୀଙ୍କୁ ସଂଗଠିତ କରିବା ପାଇଁ ସଂଯୋଜକ ଭାବେ ସଂଗଠନ ପକ୍ଷରୁ ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ସହରର ବରିଷ୍ଠ ସାମ୍ବାଦିକ ମନୋଜ ଦାସ, ଓ ବାରିପଦା ସହରର ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ପ୍ରଦୀପ କିଶୋର ମହାନ୍ତିଙ୍କୁ ଅନୁରୋଧ କରାଯାଇଥିବା ବେଳେ ଉଭୟ ବରିଷ୍ଠ ମୟୁରଭଞ୍ଜିଆ ସଂଗଠନର ଏହି ଅନୁରୋଧକୁ ସମ୍ମତି ପ୍ରଦାନ କରି ସେମାନଙ୍କର କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜଣାଇଛନ୍ତି । ନବ ମନୋନୀତ ବରିଷ୍ଠ ବୁଦ୍ଧିଜିବୀ କମିଟିର ସଦଶ୍ୟ ମାନଙ୍କୁ ରାଇରଙ୍ଗପୁରରେ ଜିଲ୍ଲା ଉପାଧ୍ୟକ୍ଷ ସୌମିତ ବଳ ଏବଂ ବାରିପଦାରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ସହିତ ଅନ୍ୟାନ୍ୟ ମଣ୍ଡଳୀଙ୍କ ସହିତ ଯାଇ ଶ୍ରୀଯୁକ୍ତ ମନୋଜ ଦାସ ଏବଂ ପ୍ରଦୀପ କିଶୋର ମହାନ୍ତି ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଆସନ୍ତା ୨୩ତାରିଖ ଭଞ୍ଜସେନା ର ପ୍ରତିଷ୍ଠା ଦିବସ ଅବସରରେ ମୟୁରଭଞ୍ଜରେ ଜନ୍ମିତ ତଥା ମୟୁରଭଞ୍ଜ ଜିଲ୍ଲା ଜନସାଧାରଣଙ୍କ ହିତ ପାଇଁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରିଥିବା ବ୍ୟକ୍ତିବିଶେଷ ମାନଙ୍କୁ (ଜୀବିତ ଅଥବା ମୃତ୍ୟୁ ବରଣ କରିଥିବା) ତାଙ୍କ ନିଜସ୍ୱ ବାସଭବନ କୁ ଭଞ୍ଜସେନା କର୍ମକର୍ତା ମାନେ ଯାଇ 'ଭୂମିପୁତ୍ର' ଉପାଧି ପ୍ରଦାନ କରିବେ ଏବଂ ଏହାଦ୍ୱାରା ସଂଗଠନ ଗୌରବାନ୍ୱିତ ହେବ ଓ ଏହି 'ଭୂମିପୁତ୍ର' ଉପାଧି ପ୍ରଦାନ କାର୍ଯ୍ୟକ୍ରମ ବର୍ଷ ତମାମ ଚାଲିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

## ଫେଟ ଲକ୍ସ ପ୍ରିମିୟର ଲିଗମ୍ୟାଚ : ୭ମ ଦିନରେ ୟୁନାଇଟେଡ ମହାବୀର ବିଜୟୀ

ନୀଳଗିରି, ୧୭/୦୧ (ନି.ପ୍ର): ନୀଳଗିରିର ଅଗ୍ରଣୀ ବହୁ ପୁରାତନ ଫ୍ୟାଟଲକ୍ସ କ୍ଲବ ପକ୍ଷରୁ ଫ୍ୟାଟ ଲକ୍ସ କ୍ରିକେଟ ପ୍ରିମିୟମ ଲିଗ୍ ୨ୟ ବର୍ଷ ମ୍ୟାଚର ଆଜି ୭ମ ଦିନରେ ୨ୟ ବାର୍ଷିକ କ୍ରିକେଟ ମ୍ୟାଚରେ ପ୍ରଥମ ସେସନରେ ତାରିଣୀ କେୟାର ଫାଇର୍ଟସ ଓ ଗଜରାଜ ଜାମୁଡ଼ିହା ମଧ୍ୟରେ ହୋଇଥିବା ବେଳେ ଏଥିରେ ତାରିଣୀ କେୟାର ଫାଇର୍ଟସ ୫ୱିକେଟ ହରାଇ ୧୧୦ ରନ କରି ବିଜୟ ହାଲସ କରିଛି । ମେନ୍ ଅଫ ଦା ମ୍ୟାଚ ୨୩ ବଲରେ ୫୦ ରନ କରିଥିବା ଅମର ନାଥ ଧାମୁଡ଼ିଆ ଘୋଷଣା କରାଯାଇଛି । ଦ୍ୱିତୀୟ ସେସନରେ ମହାବିର ୟୁନାଇଟେଡ ଓ ମା' ରାବାଣୀ ୱାରିୟର୍ସ ମଧ୍ୟରେ ହୋଇଥିବା ବେଳେ ଏଥିରେ ମହାବୀର ୟୁନାଇଟେଡ ୮ୱିକେଟ ହରାଇ ୧୨୬ ରନ କରି ବିଜୟ ହାସଲ କରିଛି । ମେନ୍ ଅଫ ଦା ମ୍ୟାଚ ୩୬ ରନ ସହ ୨ଟି ୱେକେଟ ନେଇଥିବା ସଜନ ମଲିକଙ୍କୁ ଘୋଷଣା କରାଯାଇଛି । ଖେଳକୁ ସଂଜିବ ଚୌଧୁରୀ, ବିଧାନ ସରକାର ଓ ଜଗନ୍ନାଥ ଦାସ ପରିଚାଳନା କରିଥିଲେ । ଟୁର୍ଣ୍ଣାମେଂଟ ର କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ବିଜୟୀ ଦଳକୁ କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି, ସଂପାଦକ ସବ୍ୟସାଚୀ ମହାପାତ୍ର ପୁରସ୍କୃତ କରିଥିଲେ ।

## ଓଷ୍ଟାର ପୂର୍ବତନ ରାଜ୍ୟସଭାପତି ଇନ୍ଦୁମାଧବ ମହାନ୍ତିଙ୍କ ପତ୍ନୀ ବିୟୋଗ

ଜଳେଶ୍ୱର, ୧୭/୧(ନିପ୍ର): ଓଷ୍ଟାର ପୂର୍ବତନ ରାଜ୍ୟ ସଭାପତି, ଜାତୀୟ ଶିକ୍ଷକ ସଂଘର ଉପସଭାପତି ତଥା ଜଣେ ବାଗ୍ମୀ, ପରୋପାକାରୀ, ଛାତ୍ରବତ୍ସଳ, କର୍ତ୍ତବ୍ୟନିଷ୍ଠ, ସୁସଂଗଠକ, ବାମପନ୍ଥୀ ଶିକ୍ଷକନେତା ଇନ୍ଦୁମାଧବ ମହାନ୍ତିଙ୍କର ସହଧର୍ମିଣୀ ସୁଜାତା ମହାନ୍ତି (୬୭) ଆଜି ଅପରାହ୍ନ ୫.୨୦ ମିନିଟ୍‌ରେ ପରଲୋକ ଗମନ କରିଛନ୍ତି । ସେ ଜଣେ ମିଷ୍ଟଭାଷୀ, ସମାଜସେବୀ, ପରୋପକାରୀ, ଧର୍ମପରାୟଣା ବ୍ୟକ୍ତି ଥିଲେ । ସେ ଗତ କିଛିମାସ ଧରି ମୂତ୍ରରୋଗରେ ପିଡିତ ହୋଇ ଚିକିତ୍ସାଧିନ ଥିଲେ। ଆଜି ବାଲେଶ୍ୱର ମୁଖ୍ୟଡାକ୍ତରଖାନାରେ ତାଙ୍କର ମୃତ୍ୟୁ ବେଳକୁ ଝିଅ, ଜ୍ୱାଇ, ପୁଅ, ବୋହୂ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁଖବର ପାଇ ବାଲେଶ୍ୱର ଜିଲା ଓଷ୍ଟା ସଂପାଦକ ବାଦଲ କୁମାର ପାତ୍ର, ଜଗବଂଧୁ ପଣ୍ଡା, ଡା. ଅଜୟ କୃଷ୍ଣ ସାମଲ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି । ତାଙ୍କ ମର ଶରୀରକୁ ତାଙ୍କ ନିଜ ଗାଁ ପାଉଁଶକୁଲିକୁ ଅଣାଯାଇଥିଲା । ସେଠାରୁ ଶ୍ମାଶାନକୁ ଏକ ଶୋଭାଯାତ୍ରାରେ ନିଆଯାଇଥିବା ବେଳେ ପୁଅ ଦିବ୍ୟଜୀବନ ମହାନ୍ତି ମୁଖାଗ୍ନି ଦେଇଥିଲେ। ଜଳେଶ୍ୱର ଓଷ୍ଟା ଶାଖା ପକ୍ଷରୁ ଡ. ଅଜିତ୍ କୁମାର ମହାନ୍ତି, ଜିଲା ସମ୍ପାଦକ ମନୋରଂଜନ ଦାସ, ସୁକୁମାର ମିଶ୍ର, ବଂଶୀଧର ବାରିକ, ସୁନୀଲ ନାୟକ ପ୍ରମୁଖ ବହୁ ଶିକ୍ଷାବିତ୍ ଶୋକ ପ୍ରକାଶ କରିଛନ୍ତି ।

## ସାନ୍ତାଳ ସମ୍ପ୍ରଦାୟର ପୂର୍ବପୁରୁଷଙ୍କ ଅସ୍ଥି ବିସର୍ଜନ ପରମ୍ପରା

### ବାରିପଦା ବାରୁଣି ଠାରେ ଦାମୋଦର ମେଳା



ବାରିପଦା, ୧୭/୦୧ (ନି.ପ୍ର): ଆଦିବାସୀ ସମ୍ପ୍ରଦାୟର ନିଆରା ପରମ୍ପରା ଦାମୋଦର ଯାତ୍ରା । ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସାନ୍ତାଳ ଜନଜାତି ଅନ୍ୟତମ । ଏହି ଜନଜାତିର ପରମ୍ପରା ଅନୁଯାୟୀ ମକର ସଂକ୍ରାନ୍ତିର ଦୁଇ ଦିନ ପରେ ପୂର୍ବପୁରୁଷଙ୍କ ସମୂହ ଅସ୍ଥି ବିସର୍ଜନ ପରମ୍ପରା ବେଶ ନିଆରା । ଯାହାକୁ ଏହି ସମ୍ପ୍ରଦାୟର ଲୋକେ ଦାମୋଦର ଯାତ୍ରା ଭାବରେ ପାଳନ କରିଥାନ୍ତି । ମୟୁରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ସହର ଉପକଣ୍ଠ ବାରୁଣୀ ଘାଟ ବୁଢ଼ାବଳଙ୍ଗ ଓ ସରାଳି ନଦୀର ସଂଗମ ସ୍ଥଳରେ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ ଏହି ଦାମୋଦର ମେଳା । ଦାମୋଦର ମେଳା ପାଇଁ ଜିଲ୍ଲାର କୋଣ ଅନୁକୋଣରୁ ଆଦିବାସୀ ସମ୍ପ୍ରଦାୟର ଲୋକେ ବର୍ଷକୁ ଥରେ ଛୁଟି ଆସିଥାନ୍ତି ଏହି ବୁଢ଼ାବଳଙ୍ଗ ନଦୀ କୂଳକୁ ନିଜ ପୂର୍ବ ପୁରୁଷଙ୍କର ଅସ୍ଥି ବିସର୍ଜନ ଓ ତିଳତର୍ପଣ ପାଇଁ । ପରମ୍ପରା ଅନୁଯାୟୀ ବର୍ଷ ସାରା ଏହି ସମ୍ପ୍ରଦାୟର ଲୋକଙ୍କ ବଂଶରେ ଯିଏ ଯେବେବି ମୃତ୍ୟୁ ବରଣ କରିଥିଲେ ମଧ ଏହି ନିର୍ଦ୍ଦିଷ୍ଟ ଦିନରେ ସମୂହ ଅସ୍ଥି ବିସର୍ଜନର ରହିଛି ଭିନ୍ନ ଏକ ପରମ୍ପରା । ପ୍ରତିବର୍ଷ ଲକ୍ଷାଧିକ ଲୋକଙ୍କ ସମାଗମ ଭିତରେ ନଦୀକୂଳରେ ହୋଇଥାଏ ସମୂହ ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ । ନଦୀକୂଳରେ ଏକା ସାଙ୍ଗରେ କ୍ଷୌର ହୁଅନ୍ତି ଏହି ସମ୍ପ୍ରଦାୟର ଲୋକେ । ନଦୀ ପଠାରେ ପୂର୍ବପୁରୁଷ ଙ୍କ ଅସ୍ତିବିସର୍ଜନ ସହ ପୂର୍ବ ପୁରୁଷଙ୍କ ଉଦେଶ୍ୟରେ ସାମୁହିକ ପୂଜାର୍ଚ୍ଚନାର ଆୟୋଜନ କରନ୍ତି । ହେଲେ ଗତ ୨ ବର୍ଷ ଧରି ମହାମାରୀ ସତେ ଯେମିତି ସବୁ କିଛି ଫିକା ପକାଇ ଦେଇଛି । ପୂର୍ବ ଭଳି ଆଉ ଭିଡ ଏଠାରେ ଦେଖିବାକୁ ମିଳୁନି । କେବଳ ରୀତିନୀତି ବଜାୟ ରଖିବା ପାଇଁ କୋଭିଡ କଟକଣାକୁ ପାଳନ କରି ଏଠାରେ ଚାଲିଛି ଦାମୋଦର ପର୍ବ । ଦାମୋଦର ମେଳାରେ କୌଣସି ପ୍ରତିକୂଳ ପରିସ୍ଥିତି ଆଉ କୋଭିଡ କଟକଣାକୁ ପାଳନ କରିବା ଉଦ୍ଦେଶ୍ୟରେ ପୋଲିସ ପ୍ରଶାସନ ପକ୍ଷରୁ ମଧ ସମ୍ପୂର୍ଣ୍ଣ ସଜାଗ ରହିଥିବା କହିଛନ୍ତି ବାରିପଦା ସଦର ଏସ.ଡି.ପି.ଓ କେ.କେ. ହରିପ୍ରସାଦ । କୋଭିଡ କଟକଣାକୁ ନଜର ରେ ରଖି ସମସ୍ତ ଶ୍ରଦ୍ଧାଳୁ ମାନଙ୍କୁ ମାସ୍କ ପରିଧାନ ପୂର୍ବକ ସମସ୍ତ ସରକାରୀ ଗାଇଡ ଲାଇନକୁ ମାନି ଚଳିତ ବର୍ଷ ଦାମୋଦର ପର୍ବ ପାଳନ କରା ଯାଉଥିବା ଦାମୋଦର ମେଳା କମିଟି ପକ୍ଷରୁ ସୂଚନା ଦିଆ ଯାଇଛି । ତେବେ ଯୁଗ ବଦଳିବା ସହିତ ବଦଳିଛି ଜନସାଧାରଣଙ୍କ ଜୀଇବାର ତରିକା । ହେଲେ ଏ ସହରୀ ଚାକଚକ୍ୟ ଭିତରେ ବି ବଦଳିନି ଆଦିବାସୀ ମାନଙ୍କ ସଂସ୍କୃତି ଓ ପରମ୍ପରା । ନିଜ ପୂର୍ବ ପୁରୁଷଙ୍କ ଅସ୍ଥି ବିସର୍ଜନ ପାଇଁ ଗୋଷ୍ଠୀଗତ ଭାବରେ ଆସି ପାରମ୍ପାରିକ ରିତୀରେ କାର୍ଯ୍ୟ ସମ୍ପାଦନ ସହ ନିଜ ପାରମ୍ପାରିକ ନାଚ ଗୀତରେ ସମୟ ଅତିବାହିତ କରିଥାନ୍ତି ଦାମଦୋର ଯାତ୍ରୀ ।

## ବାରିପଦାରେ ସ୍ୱର୍ଗତଃ ସରୋଜ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାରିପଦା, ୧୭/୦୧ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଅସୁମାରୀ ସୁମଧୁର ସଙ୍ଗୀତ ଦାନ କରିଥିବା ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ତଥା ଗୀତିକାର ସରୋଜ ପଟ୍ଟନାୟକଙ୍କ ବିୟୋଗରେ ବାରିପଦା କଳାକାର ପରିବାର ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆଜି ପୂର୍ବାହ୍ଣରେ ପୂର୍ଣ୍ଣଚନ୍ଦ୍ରପୁର ପ୍ରକଳ୍ପ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରାଯିବା ପରେ ତାଙ୍କ ଫଟୋଚିତ୍ର ତଳେ ପୁଷ୍ପ ଅର୍ଘ୍ୟ ପ୍ରଦାନ କରାଯାଇଥିଲା । ଏହି ସଭାରେ ସଙ୍ଗୀତ ଜଗତର ବିଶିଷ୍ଟ ଶିଳ୍ପୀ ମିହିର ଦାସ, ଶାନ୍ତନୁ ସିଂହ, ଗୀତିକାର ସଂଗ୍ରାମକେଶରୀ ମହାନ୍ତି, ଅନୀଲ ପଟ୍ଟନାୟକ, ସୁନୀଲ ଜେନା, ଅଭିନେତା ଓ ନିର୍ଦ୍ଦେଶକ ଧୀର ବଶା, ଫାଲଗୁନୀ ମହାନ୍ତି, ଅସିତ ଦାସ, ସ୍ୱର୍ଗତଃ ସରୋଜଙ୍କ ଶେଷ ସମୟର ତତ୍ତ୍ୱାବଧାରକ ବିଚିତ୍ରାନନ୍ଦ ନାଥ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ବାରିପଦା କଳାକାର ପରିବାରର ସଂପାଦକ ମନୋଜ ଦଳବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୋମନାଥ ସିଂ, ଅନ୍ନଦା ପ୍ରସାଦ ଦାଶ, ପ୍ରକାଶ ଦାଶ, ଗୋକୁଳଚନ୍ଦ୍ର ଦାସ, ତ୍ରିଲୋଚନ ସାହୁ, ମଳୟ କୁମାର ଗିରି, ପାର୍ଥ ସାରଥୀ ଦାସ ତଥା ଦ୍ୱିଜକିଶୋର ପରିଡା ପ୍ରମୁଖ ଯୋଗଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି



# ଆନ୍ଦୋଳନକାରୀଙ୍କ ମୁକ୍ତି ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର, ୧୭/୦୧ (ନି.ପ୍ର): ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ଢିଙ୍କିଆ ଗ୍ରାମପୁଞ୍ଜର ଜିନ୍ଦଲ ଇସ୍ପାତ ପ୍ରକଳ୍ପ ଅଂଚଳରୁ ପୋଲିସ୍ ପ୍ରତ୍ୟାହାର କରିବା, ଆନ୍ଦୋଳନକାରୀ ଦେବେନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ମହାନ୍ତି, ମୁରଲୀଧର ସାହୁ ପ୍ରମୁଖ ନେତାଙ୍କ ଉପରୁ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରି ସେମାନଙ୍କୁ ନିସର୍ତ୍ତରେ ଖଲାସ କରିବା, ଆହତ ଗ୍ରାମବାସୀମାନଙ୍କୁ ମାଗଣାରେ ଚିକିତ୍ସା, ଗ୍ରାମବାସୀମାନଙ୍କ ଉପରେ ଲାଠି ପ୍ରହାର କରିଥିବା ପୋଲିସ୍ ଅଫିସରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଓଡ଼ିଶାରେ ଶାନ୍ତିପୂର୍ଣ୍ଣ ଶିଳ୍ପାୟନ ପାଇଁ ଏକ ସର୍ବଦଳୀୟ କମିଟି ଗଠନ କରିବା ଦାବିରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଆଜି ଏକ ୪ଜଣିଆ ପ୍ରତିନିଧି ଦଳ ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନଠାରେ ସାକ୍ଷାତ୍ କରି ଏକ ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ସେମାନେ ୨୦୦୫ ମସିହା ପୋସ୍କୋ ପ୍ରକଳ୍ପ ବିରୋଧୀ ଆନ୍ଦୋଳନର ନେତା ଅଭୟ ସାହୁ ଓ ନାରୀନେତ୍ରୀ ମନୋରମା ଖଟୁଆଙ୍କ ସମେତ ଅନ୍ୟାନ୍ୟ ଆନ୍ଦୋଳନକାରୀଙ୍କ ବିରୁଦ୍ଧରେ ଥିବା ମକଦ୍ଦମାଗୁଡ଼ିକୁ ବିନା ସର୍ତ୍ତରେ ପ୍ରତ୍ୟାହାର କରିବା ପାଇଁ ରାଜ୍ୟ ସରକାର ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ସମାଜବାଦୀ ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ପାଖରେ ଅନୁରୋଧ କରାଯାଇ ତାଙ୍କର ହସ୍ତକ୍ଷେପ ଲୋଡ଼ାଯାଇଛି। ଗତ ସପ୍ତାହରେ ଜଗତସିଂହପୁର ଏସ୍‌ପିଙ୍କ ନେତୃତ୍ୱରେ ପୋଲିସ୍ ବାହିନୀ ଜିନ୍ଦଲ ମାଲିକଙ୍କ ଗୁଣ୍ଡ ସାଜି ସାଧାରଣ ଲୋକଙ୍କୁ ନାଲିଆଖି ଦେଖାଇ ଜୋର ଜବରଦସ୍ତ ତାଙ୍କର ୧୧୪୬ଟି ପାନବରଜ ଭାଙ୍ଗିବା ପାଇଁ ଯେଉଁଭଳି ଉଗ୍ରମୁଖା ହୋଇ ସାଧାରଣ ଲୋକଙ୍କୁ ଲାଠିମାରି ଲହୁଲୁହାଣ କଲେ, ତାହା ଗଣତାନ୍ତ୍ରିକ ଇତିହାସରେ ନିନ୍ଦନୀୟ ବୋଲି ଏହି ସ୍ମାରକପତ୍ରରେ ଦର୍ଶାଯାଇଛି। ରାଜ୍ୟପାଳ ଏ ଦିଗରେ ତୁରନ୍ତ ମୁଖ୍ୟ ଶାସନ ସଚିବ, ପୋଲିସ୍ ମହାନିର୍ଦ୍ଦେଶକ ଓ ଜଗତସିଂହପୁର ଜିଲ୍ଲାପାଳଙ୍କୁ ଡ଼କାଇ ଆଇନ୍ ଅନୁଯାୟୀ ପଦକ୍ଷେପ ନେବାକୁ ସମାଜବାଦୀ ପାର୍ଟି ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି।

## ୮ ଦିନ ବ୍ୟାପି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଭିନ୍ନ କାର୍ଯ୍ୟକ୍ରମ

ଜଳେଶ୍ୱର, ୧୭/୧(ନିପ୍ର): ଜଳେଶ୍ୱର ଖଣ୍ଡସ୍ଥିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ୮ ଦିନ ବ୍ୟାପି ବିଭିନ୍ନ ସେବାକାର୍ଯ୍ୟ ପାଳିତ ହୋଇଛି। ବାଲେଶ୍ୱର ଜିଲା ସଂଘ ଚାଳକ ସୁଭ୍ରାଂଶୁ ସେଖର ଦାସମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ପ୍ରଥମ ଦିନରେ ସମବେତ ଗୋ ପୂଜନ, ଦ୍ୱିତୀୟ ଦିନରେ ଗରିବଙ୍କ ଶୀତବସ୍ତ୍ର ବିତରଣ, ୩ୟ ଦିନରେ ଶ୍ରୀଜଗନ୍ନାଥ ମନ୍ଦିରର ସ୍ୱଚ୍ଛତା, ୪ର୍ଥ ଦିନରେ ସଂସ୍କାର କେନ୍ଦ୍ର, ୫ମ ଦିନରେ ଯୋଗ ଶିବିର, ୬ଷ୍ଠ ଦିନରେ ବସ୍ତ୍ର ବିତରଣ, ୭ମ ଦିନରେ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜଳେଶ୍ୱର ଖଣ୍ଡ ସଂଘ ଚାଳକ ରାଧାଶ୍ୟାମ ଦାସ, ଅଜୟ ଦେ, ଦେବଦୁଲାଲ ମାଇତି, ଲୋକନାଥ ଛନ୍ଦ, ଆଶୋତୋଷ ଦାସ, ରାଜାରାମ ପାତ୍ର, ରଂଜିତ ସାହୁ, ବିଶ୍ୱବିନୋଦ ଭଂଜ, ସ୍ୱାଧିନ ଦାସ, ଗିରିଜା ଶଂକର କର, ସବ୍ୟସାଚୀ ଜେନା, ଦିଲ୍ଲିପ ଚନ୍ଦ, ଅମିତ୍ ଦେ ସ୍ୱୟଂ ସେବକମାନେ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ସେବାପ୍ରମୁଖ ପ୍ରଦୀପ ବାରିକ ସଂଯୋଜନା କରିଥିଲେ।

## ଦେଶୀମଦ ଭର୍ତ୍ତି କାର ଜବତ : ଜଣେ ଗିରଫ

ବାଲେଶ୍ୱର,୧୭/୦୧ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ହୋଇ ସହରର ମିର୍ଜାପୋଖରୀ ଠାରେ ଚୋରା ଦେଶୀମଦ ଭର୍ତ୍ତି ମାରୁତି କାର ଜବତ ସହ ଜଣକୁ ଗିରଫ କରାଯାଇଛି। ଗିରଫ ଯୁବକ ଜଣକ ହେଲେ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଅରଡ଼ବଜାର ଅଞ୍ଚଳର ମହମ୍ମଦ ସାହିଦଙ୍କ ପୁତ୍ର ମହମ୍ମଦ ୱାଜିଦ(୩୯)। ମାରୁତି କାର ସହ ଏଥିରେ ଥିବା ୮ଶହ ଲିଟର ଦେଶୀମଦକୁ ଅବକାରୀ ଟିମ ଜବତ କରିଛି। ଏହି ଚୋରାମଦ ପୁରୁଣାବାଲେଶ୍ୱରରୁ ଅରଡ଼ବଜାର ଯାଉଥିବା ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଦେଶୀମଦ ଚାଲାଣ ସମ୍ପର୍କରେ ସୂଚନା ପାଇ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ଅବକାରୀ ଟିମ ଚଢ଼ଉ କରିଥିଲା। ଇନସ୍ପେକ୍ଟର ଅଞ୍ଜନ କୁମାର ଜେନା, ବିଦ୍ୟାଧର ବିନ୍ଧାଣୀ, ଧୀରେନ୍ଦ୍ର ସିଂ, ରଶ୍ମିରେଖା ପାତ୍ର ପ୍ରମୁଖ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଏନେଇ ୧୪୧/୨୦୨୧-୨୨ ନଂର ଏକ ମାମଲା ରୁଜୁ ସହ ଅଭିଯୁକ୍ତ ମହମ୍ମଦ ୱାଜିଦକୁ କୋର୍ଟ ଚାଲାଣ କରାଯାଇଛି।

# ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଦାବିରେ ଜମାକାରୀ ମିଳିତ ମଞ୍ଚର ଡିଜିଟାଲ ଗଣ ସତ୍ୟାଗ୍ରହ

ବାଲେଶ୍ୱର,୧୭/୦୧ (ନି.ପ୍ର): ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କୁ ସେମାନଙ୍କ ଜମାରାଶି ଫେରସ୍ତ ଦାବିରେ ଜମାକାରୀ ମିଳିତ ମଞ୍ଚ ପକ୍ଷରୁ ସମଗ୍ର ରାଜ୍ୟରେ ଆଜି ବିକ୍ଷୋଭ ପ୍ରଦର୍ଶିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ପରିଲକ୍ଷିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ 'ଡିଜିଟାଲ ଜମାକାରୀ ଗଣ ସତ୍ୟାଗ୍ରହ' ବୋଲି ମଞ୍ଚର କର୍ମକର୍ତ୍ତାମାନେଅଭିହିତ କରିଛନ୍ତି। ଆର୍ଥିକ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚର ରାଜ୍ୟ ଆବାହକ ତଥା ସଭାପତି ଜୟନ୍ତ ଦାସ, ପ୍ରଦୀପ କୁମାର ସାମଲ, ରଘୁ ନାଥ ପଣ୍ଡା, ସେଖ ସୋନୀ, ସେଖ୍ ଆଲାଉଦ୍ଦିନ, ମହମ୍ମଦ ମୁସ୍ତାଫା, ସେଖ୍ ନାସିର, ସେଖ ସର୍ଫୁ, ସେଖ ନିଆଜୁଦ୍ଦିନ ପ୍ରମୁଖ ଏହି ଗଣ ସତ୍ୟାଗ୍ରହରେ ଯୋଗଦେଇ ରାଜ୍ୟ ସରକାରଙ୍କ ଯଙ୍କା ଫେରସ୍ତ ତଞ୍ଚକତାକୁ ତୀବ୍ର ସମାଲୋଚନା କରିଥିଲେ। ଟଙ୍କା ଫେରସ୍ତର ପ୍ରତିଶ୍ରୁତି ଦେଇ ମଧ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନଦେଇ ଏହି ଅର୍ଥକୁ ସରକାର ଚଳୁ କରିଦେଇଛନ୍ତି ବୋଲି କର୍ମକର୍ତ୍ତାମାନେ ଆରୋପ ଉଠାଇଛନ୍ତି। ତଦନ୍ତ କମିଶନଙ୍କ ୭ ପର୍ଯ୍ୟାୟ ସୁପାରିସ କ୍ରମେ ତହସିଲ ଜରିଆରେ ଯାଞ୍ଚ ପରେ ସମସ୍ତଙ୍କୁ ଅର୍ଥ ଫେରାଇବା ପରିବର୍ତ୍ତେ ସରକାର କେବଳ କେତେକ କ୍ଷୁଦ୍ର ଜମାକାରୀଙ୍କୁ ୨୦୧୯ ନିର୍ବାଚନ ପୂର୍ବରୁ ଟଙ୍କା ଫେରାଇବା ଏକ ଫାର୍ସ ଥିଲା ବୋଲି ମଞ୍ଚର ସଭାପତି ଶ୍ରୀ ଦାସ କହିଛନ୍ତି। ସରକାରୀ ଘୋଷଣା କ୍ରମେ କ୍ଷତିଗ୍ରସ୍ତ ଜମାକାରୀ ଖର୍ଚ୍ଚାନ୍ତ ହୋଇ କୋର୍ଟ'ଫି ଦେଇ ରେଜିଷ୍ଟ୍ରି ଡାକ ଯୋଗେ ସତ୍ୟପାଠ ପଠାଇଲେ, ତଦନ୍ତ କମିଶନ ୭ଟି ପର୍ଯ୍ୟାୟରେ ଆପାତତଃ ୫ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ସୁପାରିଶ କରିଥିଲେ। ମାତ୍ର ରାଜ୍ୟ ସରକାର ୨୦୧୯ ସାଧାରଣ ନିର୍ବାଚନ ପାରିହେବାକୁ ଅଳ୍ପକିଛି କ୍ଷୁଦ୍ର ଜମାକାରୀଙ୍କୁ ସ୍ୱଳ୍ପ ପରିମାଣର ଅର୍ଥ ଫେରାଇଛନ୍ତି। କମ୍ପାନୀମାନେ ଜମାକାରୀଙ୍କ ଅର୍ଥ ବିନିଯୋଗ କରିଥିବା ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି, ହଜାର ହଜାର ଏକର ମୂଲ୍ୟବାନ ଜମି, ଶହ ଶହ କୋଠା-ବାଡି, ଗାଡ଼ି-ଘୋଡା, ଟିଭି ସଂସ୍ଥା ସମେତ ବିଭିନ୍ନ ଶିକ୍ଷ ସଂସ୍ଥା ଜବତ ସହ ସରକାର ଏହାକୁ ବିକ୍ରି କରି ଅର୍ଥ ମଧ୍ୟ ମହଜୁଦ ରଖିଛନ୍ତି। ମାତ୍ର ଜମାକାରୀଙ୍କୁ ଅର୍ଥ ଫେରାଇବାକୁ କାହିଁକି କଷ୍ଟ ହେଉଛି ବୋଲି ମଉର କର୍ମକର୍ତ୍ତାମାନେ ପ୍ରଶ୍ନ କରିଛନ୍ତି।

# ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ପାଇଁ ମିଳିତ ପ୍ରୟାସ ଆବଶ୍ୟକ




ଭୁବନେଶ୍ୱର,୧୭/୦୧(ନି.ପ୍ର): ଏକ କାଳୀନ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ମାନସିକ ସ୍ତରରେ ସୁଦୃଢ ହେବା ସଙ୍ଗେ ନିଷ୍ପାର ମଧ ଆବଶ୍ୟକ ଅଛି । ମିଳିତ ପ୍ରୟାସ ଏବଂ ଦୃଢ ସଂକଳ୍ପ ଦ୍ୱାରା ପ୍ଲାଷ୍ଟିକ ଦ୍ୱାରା ପରିବେଶ ପ୍ରଦୂଷଣରୁ ଆମେ ମୁକ୍ତି ପାଇପାରିବା। ଧୌଳି ସ୍ମୃତି ତୋଷାଳି ଏକାଡେମୀ ବିଦ୍ୟାଳୟରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥିବା ଏକ କାଳୀନ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ଶୀର୍ଷକ କାର୍ଯ୍ୟକ୍ରମରେ ଏଭଳି ମତପୋଷଣ କରିଛନ୍ତି ବିଶିଷ୍ଟ ବ୍ୟକ୍ତିଗଣ । ଏହି କାର୍ଯ୍ୟକ୍ରମରେ ସମାଜ ସେବୀ ରବି ମହାରଣା, ଅରବାନ ପ୍ଲାନ୍ନର ଡାଃ ପୀୟୂଷ ରଞ୍ଜନ ରାଉତ, ପ୍ରଧାନ ଶିକ୍ଷକ ରଞ୍ଜୀତ କୁମାର ସ୍ୱାଇଁ, ଓକିଲ ମନୋରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଜନତାକୁ ଅନୁପ୍ରାଣିତ କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟ ତରଫରୁ କୁଇଜ ପ୍ରତିଯୋଗୀତା ରେ ସଫଳ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ମଧ ସମ୍ମାନିତ କରାଯାଇଥିଲା। କ୍ଷେତ୍ର ପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

# ଆମେ ଭଞ୍ଜ କଳାକାର ତରଫରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ




ଉଦଳା, ୧୭/୦୧ (ନି.ପ୍ର): ଉଦଳା ସହର ମଧ୍ୟରେ ଥିବା ସ୍ୱେଚ୍ଛାସେବୀ ସଂଗଠନ 'ଆମେ ଭଞ୍ଜ କଳାକାର' ତରଫରୁ ଚଳିତ ଜାନୁଆରୀ ୧୬ ତାରିଖ ରବିବାର ଦିନ ସିନେ କଳାକାର ମିହିର ଦାସ ଓ ସଂଗୀତ ନିର୍ଦ୍ଦେଶକ ସରୋଜ ପଟ୍ଟନାୟକଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସମସ୍ତ ସଦସ୍ୟ ଦସ୍ୱବ କଳାକାରଙ୍କ ଫୋଟଚିତ୍ରରେ ପୁଷ୍ପ, ଧୂପ ଅର୍ପଣ କରିଥିଲେ ଓ ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା ଜଣାଇଥିଲେ । ଏହାପରେ ଚକ୍ରଧର ମହାପାତ୍ରଙ୍କ ଅଧକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଷ୍ଠାନର ଉପଦେଷ୍ଟା ପ୍ରସନ୍ନ ଦାସ ଦୁଇ କଳାକାରଙ୍କ ସହିତ ଅତିତରେ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ଗୁଡ଼ିକ ଭାବବିହ୍ୱଳ ହୋଇ ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧରେ ଅନୁଷ୍ଠାନର ସଂପାଦକ ସତ୍ୟରଂଜନ ମହାନ୍ତି, ରବିନ୍ଦ୍ର କଟୁଆଳ, ହରିହର ତ୍ରିପାଠୀ, କୁବେର ରଣା, କୃତିବାସ ବେହେରା, ରତ୍ନାକର ପ୍ରଧାନ, ଆଲୋକ ମହାନ୍ତି, ଅମିତାଭ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରି ଭଞ୍ଜ ମାଟିର ଦୁଇ କଳାକାରଙ୍କ ଶୂନ୍ୟସ୍ଥାନ ଅପୂରଣୀୟ ବୋଲି କହିଥିଲେ । ଭଗବାନ ରାଉତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ରହୁଥିବା ଜମିର ମିଳନି ପଟ୍ଟା : ଆବାସ ଯୋଜନା ସାତସପନ

ଜଳେଶ୍ୱର, ୧୭/୧(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଦ୍ୱିତୀୟ ବୃହତ୍ ଆଦିବାସୀ ବହୁଳ ବ୍ଲକ ଭାବେ ପରିଚିତ । ମୋଟ ଜନସଂଖ୍ୟାର ପ୍ରାୟ ୪୨ ଭାଗ ଲୋକେ ଆଦିବାସୀ ଓ ହରିଜନ । ରାଇବଣିଆର ୬ଟି ପଂଚାୟତର ୭୫ ଭାଗରୁ ଅଧିକ ଲୋକେ ଆଦିବାସୀ ଓ ହରିଜନ ମାନେ ବାସ କରୁଥିବା ବେଳେ ବହୁ ବ୍ୟକ୍ତିଙ୍କର ଘରଡିହ ନାହିଁ । ଅନ୍ୟପକ୍ଷରେ ଜଂଗଲରେ ବାସ କରୁଥିବା ବହୁ ବ୍ୟକ୍ତିଙ୍କର ନିଜ ନାମରେ ପଟା ନାହିଁ। ଫଳରେ ସ୍ଥାୟୀ ବାସିନ୍ଦା ସାର୍ଟିଫିକେଟ ମିଳିପାରୁନଥିବାରୁ ବହୁ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି । ଏପରିକି ସେମାନଙ୍କ ପିଲାମାନେ ଉଚ୍ଚ ଶିକ୍ଷାରୁ ନିବୃତ ହେବାକୁ ପଡୁଛି । ଜଳେଶ୍ୱର ବ୍ଲକର ପ୍ରାୟ ୨ଲକ୍ଷ ୪ହଜାର ଲୋକ ସଂଖ୍ୟା ଥିବା ବେଳେ ଏଥିରୁ ୮୫ହଜାର ଲୋକେ ଆଦିବାସୀ ଓ ହରିଜନ ଶ୍ରେଣୀର । ଏମାନଙ୍କ ମଧ୍ୟରୁ ବହୁ ବ୍ୟକ୍ତି ବାସ କରୁଥିବା ସ୍ଥାନର ପଟ ନିଜ ନାମରେ ନାହିଁ । କିନ୍ତୁ ବହୁବର୍ଷପୂର୍ବରୁ ବଂଶ ପରାକ୍ରମେ ସେମାନେ ସେହିସ୍ଥାନରେ ବାସ କରି ଆସୁଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ସେମାନଙ୍କ ସୁବିଧାଲାଗି ଘରଡିହ ପଟା ଯୋଗାଉଛନ୍ତି । ଅର୍ଥାତ୍ ଆବାଦଯୋଗ୍ୟ ଅନାବାଦି ସ୍ଥାନକୁ ସେମାନଙ୍କ ନାମରେ ପଟାଭୁକ୍ତ କରାଯାଉଛି । ସେହିପରି ଜଂଗଲଜମିରେ ରହିଆସୁଥିବା ଆଦିବାସୀ ମାନଙ୍କୁ ମଧ୍ୟ ସେ ସ୍ଥାନର ପଟ୍ଟା ସେମାନଙ୍କୁ ମିଳୁଛି । ରାଜସ୍ୱ ବିଭାଗର ସେମାନଙ୍କୁ ପଟା ମିଳୁଥିବାରୁ ପରବର୍ତ୍ତୀ ସମୟରେ ପଂଚାୟତ ବିଭାଗ ଆବାସ ଯୋଜନା ଯୋଗାଇ ଦେଉଥିବାରୁ ସେମାନେ ସ୍ଥାୟୀବାସିନ୍ଦା ପ୍ରମାଣପତ୍ର ପାଉଛନ୍ତି। ଓ ସରକାରୀ ସୁବିଧା ସୁଯୋଗ ସେମାନଙ୍କୁ ମିଳିପାରୁଛି । ଜଳେଶ୍ୱର ବ୍ଲକର ନଦୀତଟ ଶିଖରପୁର ପଂଚାୟତ ବଜାରଶୋଳ ଗାଁର ବହୁ ଲୋକ ଏପରି ଯୋଜନାରୁ ବଂଚିତ ହୋଇ ଆସୁଛନ୍ତି। ଗତ କିଛିଦିନ ତଳେ ସେଠାକାର ଜଣେ ଆଦିବାସୀଙ୍କୁ ହାତୀ ଦଳିଦେବାରୁ କେତେକ ସାମ୍ବାଦିକ ଘଟଣାସ୍ଥଳକୁ ଯାଇଥିବାରୁ ବଜାରଶୋଳ ଗାଁରେ ପହଞ୍ଚିଥିଲେ । ନିକଟରେ ବସବାସ କରୁଥିବା ବହୁ ବ୍ୟକ୍ତି ପଲିଥିନ ତଳେ ମୁଣ୍ଡ ଗୁଞ୍ଜି ଆସୁଥିବା ବେଳେ ସେମାନଙ୍କ ଦୟନୀୟ ଅବସ୍ଥା ସମସ୍ତଙ୍କୁ ବିସ୍ମିତ କରିଥିଲା । ସାଗର ମାହାଲି (୫୦), ମଣ୍ଟୁ ମହାଲି (୩୫), ଶ୍ୟାମସୁନ୍ଦର ପ୍ରଧାନ (୬୦) ସମସ୍ତେ ପଲିଥିନ ତଳେ ତଳେ ବାସ କରୁଥିବା ବେଳେ ଝାଟିମାଟିରେ ବଡ କରିଛନ୍ତି । ପ୍ରକାଶଯୋଗ୍ୟ ଏମାନଙ୍କର ସ୍ଥାନୀୟ ରେସନକାର୍ଡ ଓ ବାର୍ଦ୍ଧକ୍ୟଭତ୍ତା ମିଳୁଥିବା ବେଳେ ଜମିର ପଟା ମିଳୁନଥିବାରୁ ଆବାସଯୋଜନାରୁ ବଂଚିତ ହେଉଛନ୍ତି । ସେହି ଗାଁର ରଂଜନ ସେନାପତି, ମଧୁସୂଦନ ସେନାପତି, ତାରାପଦ ମହାଲି, ଶଂକର ବିନ୍ଧାଣୀ, ଜେଠମଲ ବିନ୍ଧାଣୀ, ବୁଧିଆ ବିନ୍ଧାଣୀ ଓ ତପନ ବିନ୍ଧାଣୀ ଅତି ଦୟନୀୟଭାବେ ଜୀବନ ଅତିବାହିତ କରୁଥିବା ବେଳେ ସେମାନଙ୍କୁ ଘରଡିହ ଖଣ୍ଡେ ଦିଆଯାଇପାରିନାହିଁ। ବର୍ଷପରେ ବର୍ଷ ବିତୁଥିବା ବେଳେ ଖଣ୍ଡିଏ ପରେ ଖଣ୍ଡିଏ ପଲିଥିନ ବଦଳ ହେବାରେ ଲାଗିଛି । ପ୍ରକାଶଯୋଗ୍ୟ ଜଳେଶ୍ୱର ତହସିଲରେ ଅଦ୍ୟାବଧି ଜାଗାମିଶନରେ ୧୨୦୬ ଜଣଙ୍କୁ ଜମିପଟା ଦିଆଯାଇଥିବା ବେଳେ ବହୁ ବ୍ୟକ୍ତି ଆବେଦନ କରି ସେଥିରୁ ବଂଚିତ ହୋଇଛନ୍ତି। ଅନ୍ୟ କେତେକଙ୍କୁ ଏହି ପଟା ମିଳିଥିବା ବେଳେ ସ୍ଥାନଟି ତାଙ୍କ ଦଖଲକୁ ଆସିପାରି ନାହିଁ । ବଜାରଶୋଳ ଗାଁର ଉପରୋକ୍ତ ବ୍ୟକ୍ତିଙ୍କୁ ସରକାରୀ ଜାଗା ଯୋଗାଇ ଦେଇ ଆବାସ ଯୋଜନାରେ ଗୃହ ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହେଉଛି ।

# ଜିଲ୍ଲାପାଳଙ୍କଠାରେ ମହିଳାଙ୍କ ଫେରାଦ

ବାଲେଶ୍ୱର,୧୭/୦୧ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ପଦ ନିମନ୍ତେ ସୋମବାରଠାରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଥିବା ବେଳେ ଭୋଟର ତାଲିକାରେ ନାମ କଟିବା ଯୋଗୁଁ ପ୍ରାର୍ଥିତ୍ୱରୁ ବାଦ ପଡ଼ିବାକୁ ଯାଉଥିବା ଆଶାୟୀ ୱାର୍ଡ଼ସଭ୍ୟା ପ୍ରାର୍ଥୀ ସୋମବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ଏହି ମହିଳା ଜଣକ ହେଲେ ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ପଞ୍ଚାୟତର କହରାକୁଳ ଗ୍ରାମର ହେମନ୍ତ ବାରିକଙ୍କ ପତ୍ନୀ ମୀନତି ବାରିକ।ଏହି ପଞ୍ଚାୟତର ୩ ନଂ ୱାର୍ଡ଼ କହରାକୁଳ ଗ୍ରାମର ସେ ସ୍ଥାନୀୟ ବାସିନ୍ଦା ହୋଇଥିବା ବେଳେ ଭୋଟର ତାଲିକାରେ ଘର ନଂ ୪୪ ଓ ୨୬୯ କ୍ରମିକ ନଂରେ ତାଙ୍କ ନାମ ରହିଥିଲା। ଗତ ୨୦୧୭ ପଞ୍ଚାୟତ ନିର୍ବାଚନରେ ତାଙ୍କର ନାମ ୩ ନଂ ୱାର୍ଡ଼ର ୨୪୧ ନଂ କ୍ରମିକରେ ଥିଲା। ମାତ୍ର ଚଳିତ ନିର୍ବାଚନରେ ୨ ନଂ ୱାର୍ଡ଼ର ଯୋଗ ତାଲିକାରେ ୩୨୫ ନଂ କ୍ରମିକରେ ତାଙ୍କର ନାମ ରହିଥିବା ଭିଯୋଗକାରିଣୀ ଶ୍ରୀମତୀ ବାରିକ କହିଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ ତାଙ୍କର ନାମକୁ ଗୋଟିଏ ୱାର୍ଡ଼ରୁ ଅନ୍ୟଏକ ୱାର୍ଡ଼କୁ ପରିବର୍ତ୍ତନ କରାଯାଇଥିବା ସେ ଅଭିଯୋଗ ଉଠାଇଛନ୍ତି। ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ପୂର୍ବରୁ ତାଙ୍କର ନାମ ପୂର୍ବଭଳି ୩ ନଂ ୱାର୍ଡ଼ର ୨୬୯ କ୍ରମିକରେ ରଖିବାକୁ ସେ ଦାବି କରିଛନ୍ତି। ନତୁବା ସେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ସେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ପ୍ରସିଦ୍ଧ ସମାଜସେବୀ ତଥା ଗାନ୍ଧୀବାଦୀ ପଦ୍ମଶ୍ରୀ ଶାନ୍ତି ଦେବୀଙ୍କର ପରଲୋକ

ଭୁବନେଶ୍ୱର, ୧୭/୦୧ (ନି.ପ୍ର): ପ୍ରସିଦ୍ଧ ସମାଜସେବୀ ତଥା ଗାନ୍ଧୀବାଦୀ ପଦ୍ମଶ୍ରୀ ଶାନ୍ତି ଦେବୀଙ୍କର ରରିବାର ରାତ୍ରିରେ ବିୟୋଗ ଘଟିଛି । ସେ ଗତ ରାତ୍ରୀରେ ରାୟଗଡା ଜିଲ୍ଲାର ଗୁଣୁପୁର ଠାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା । ସେ ହଠାତ ଅସୁସ୍ଥ ହୋଇ ପଡିଥିଲେ ଓ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଏହା ପରେ ତାଙ୍କୁ ଜିଲ୍ଲା ମୁଖ୍ୟାଳୟ ହସପିଟାଲକୁ ନିଆ ଯାଇଥିଲା । ସେଠାରେ ଡାକ୍ତର ମାନଙ୍କୁ ମୃତ ଘୋଷଣା କରିଥିଲେ। ଜନଜାତି ସମାଜର ବାଳିକା ।ମନଙ୍କର ବିକାଶ ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରା ଯାଇଥିଲା ।

# ଚଳନ୍ତା ଟ୍ରକ ତଳୁ ଜୀବନ ଫେରି ପାଇଲା ୬ବର୍ଷର ନାବାଳିକା ଶିଶୁ



ନୀଳଗିରି, ୧୭/୦୧ (ନି.ପ୍ର): କଥାରେ ଅଛି ଯାହାକୁ ରଖିବେ ଅନନ୍ତ; କେ କରିପାରେ ବଳବନ୍ତ। ଉକ୍ତିର ଯଥାର୍ଥତା ଆଜି ଦେଖିବାକୁ ମିଳିଛି ମିତ୍ରପୁର ଛକ ଠାରେ । ସୌଭାଗ୍ୟବଶତଃ ଜଣେ ୬ବର୍ଷର ନାବାଳିକା ଶିଶୁ କନ୍ୟା ଉପରେ ଟ୍ରକ ଚାଲିଯାଇଥିଲେ ମଧ ଶିଶୁଟିର କୌଣସି କ୍ଷତି ନ ହୋଇ ସାମାନ୍ୟ ଆହତ ହୋଇ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ସୂଚନା ଅନୁଯାଇ ମୟୂରଭଞ୍ଜ ଜିଲ୍ଲା ଖୁଂଟା ଥାନା ଅର୍ନ୍ତଗତ ପଶୁଦା ଗ୍ରାମର ବିଜୟ ସିଂ ନାମକ ଯୁବକ ଗୋଟିଏ ଟେମ୍ପୋରେ ଭର୍ତି ହୋଇ ପଂଚଲିଙ୍ଗେଶ୍ୱର ଅଂଚଳରୁ କାମ ସାରି ନିଜ ଘର ଖୁଂଟାକୁ ଫେରୁଥିଲେ। ମିତ୍ରପୁର ଛକ ଠାରେ ଟେମ୍ପୋରୁ ଓହ୍ଲାଇ ପରିସ୍ରା କରିବାକୁ ଯାଇଥିବା ବେଳେ ବିଜୟର ୬ବର୍ଷର ଝିଅ ଜ୍ୟୋସ୍ନାରାଣି ସିଂ ରାସ୍ତା ଉପରେ ଠିଆ ହୋଇଥିବାବେଳେ ମିତ୍ରପୁର ନୀଳଗିରି ଅଭିମୁଖେ ଯାଉଥିବା ଏକ ଟ୍ରକ ଝିଅଟି ଉପରେ ଚଢ଼ିଯାଇଥିଲା । ମାତ୍ର ଟ୍ରକଟି ଦ୍ରୁତଗତିରେ ପଳାଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଟ୍ରକଟିକୁ ଅଟାକାଇଥିଲେ ମଧ ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି । ଝିଅଟି ଟ୍ରକର ମଝିରେ ପଡ଼ିଯାଇଥିବାରୁ ପୁର୍ନଜୀବନ ପାଇଥିବାବେଳେ ମୁଣ୍ଡ ଓ ବେକରେ ଆହତ ହୋଇଥିବାରୁ ତାକୁ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ କରାଯାଉଛି ।

# କୋଭିଡ୍‌ରେ ସ୍ୱାମୀଙ୍କୁ ହରାଇଥିବା ମୌସୁମୀ ଦାନକଲେ ଚିକିତ୍ସା ସହାୟତା ବଳକା ଅର୍ଥ ୪୦ ଲକ୍ଷ ଟଙ୍କା



ଭଦ୍ରକ, ୧୭/୦୧ (ନି.ପ୍ର): ମହାମାରୀ କରୋନା ସଂକ୍ରମଣର ଦ୍ୱିତୀୟ ଲହରୀ ସମୟରେ ଘଟିଥିବା ବହୁ ଚର୍ଚ୍ଚିତ ଏକ ଘଟଣା। ଭଦ୍ରକ ଜିଲ୍ଲା ବାସୁଦେବପୁର ମନ୍ଦାରୀ ଅଞ୍ଚଳର ଯୁବ ଇଞ୍ଜିନିୟର ଅଭିଶେକ ମହାପାତ୍ର ବିବାହର ମାତ୍ର ୮ ଦିନ ପରେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ ପରେ ପରେ ଏୟାର ଲିଫ୍ଟ ଯୋଗେ କୋଲକାତାରେ ବ୍ୟୟବହୁଳ ଏକ୍‌ମୋ ଚିକିତ୍ସା ଏହିପରି ୩ ମାସରୁ ଉର୍ଦ୍ଧ୍ୱକାଳ ଜୀବନ ସହ ସଂଗ୍ରାମ କରି ଶେଷରେ ହାରିଯାଇଥିଲେ। ହାତରୁ ମେହେନ୍ଦି ପାଦରୁ ଅଳତା ଲିଭିନଥିବା ତାଙ୍କର ନବ ବିବାହିତା ସ୍ତ୍ରୀ ମୌସୁମୀ ମହାନ୍ତି ସ୍ୱାମୀଙ୍କ ଚିକିତ୍ସା ପାଇଁ ଗଣମାଧମ ଜରିଆରେ ଜନସାଧାରଣଙ୍କୁ କରିଥିବା ଆକୁଳ ନିବେଦନ ସେଦିନ ସମସ୍ତଙ୍କୁ ମ୍ରିୟମାଣ କରିଥିଲା। ସଂସାରକୁ ବୁଝିବା ଆଗରୁ ସେହି ସ୍ୱାମୀହରା ଯୁବତୀ ମୌସୁମୀଙ୍କର ଆଜି ଅନ୍ୟ ଏକ ବଦାନ୍ୟତା ମୂଳକ କାର୍ଯ୍ୟ ପୁଣି ଥରେ ସମସ୍ତଙ୍କ ହୃଦୟ ଛୁଇଁଛି। ସାମାଜିକ ଗଣମାଧମ ଜରିଆରେ ତାଙ୍କ ସ୍ୱାମୀଙ୍କ ଚିକିତ୍ସା ପାଇଁ ଜନସାଧାରଣଙ୍କ ଠାରୁ ମିଳିଥିବା ରାଶିରୁ ଖର୍ଚ୍ଚ ପରେ ବଳକା ୪୦ ଲକ୍ଷ ଟଙ୍କାକୁ ସେ ଆଜି ସେହି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଚିକିତ୍ସା ସହାୟତା ପାଣ୍ଠିକୁ ୩୦ ଲକ୍ଷ ଓ ଭଦ୍ରକ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିକୁ ୧୦ ଲକ୍ଷ ଟଙ୍କା ଚେକ୍ ଜରିଆରେ ଭଦ୍ରକ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କୁ ପ୍ରଦାନ କଲେ। ମୌସୁମୀଙ୍କ ବାପଘର ପରିବାର ତରଫରୁ ଅନୁରୋଧ କ୍ରମେ ରୋଟାରୀ ମିଡ୍ ଟାଉନ୍, ଭଦ୍ରକର ରୋଟାରିଆନ୍ ଅତିସ୍ କୁମାର ବେହେରା ଓ ଆଇନ୍‌ଜିବୀ ଧୀରେନ୍ଦ୍ର ରାୟ ଜିଲ୍ଲା ପ୍ରଶାସନ ସହ ପରାମର୍ଶ କରି ଏହି କାର୍ଯ୍ୟ ପାଇଁ ସଂଯୋଜକ ଭାବେ ଦାୟିତ୍ୱ ନିଭାଇଥିବା ସହ ଆଜି ଚେକ୍ ପ୍ରଦାନବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଉପସ୍ଥିତ ଥିଲେ। ମୌସୁମୀଙ୍କ ବାପା ଚିତ୍ତରଞ୍ଜନ ମହାନ୍ତି, ଭାଇ ଅନ୍ନଦା ଶଙ୍କର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଧ ଉପସ୍ଥିତ ଥିଲେ। ସ୍ୱାମୀଙ୍କୁ ହରାଇଥିଲେବି ତାଙ୍କର ଦୁଃଖ ବେଳେ ଜିଲ୍ଲା ତଥା ଓଡ଼ିଶାବାସୀଙ୍କ ଅକୁଣ୍ଠ ସହଯୋଗ ପାଇଁ ସେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ପ୍ରକାଶ କରିବା ସହ ସେମାନଙ୍କ ଠାରୁ ମିଳିଥିବା ଅର୍ଥରୁ ବଳକା ଅର୍ଥକୁ ସେହି ଜନସାଧାରଣଙ୍କ ଦୁଃଖ ଦାରିଦ୍ର୍ୟରେ ପ୍ରଶାସନ ଦ୍ୱାରା ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ସେ ଆଜି ଫେରସ୍ତ କଲେ ବୋଲି ପ୍ରକାଶ କରିଥିଲେ। ତାଙ୍କର ଏହି ମହାନତାକୁ ଜିଲ୍ଲାପାଳ ପ୍ରଶଂସା କରିବା ସହ ପରିବାରକୁ ସାଧୁବାଦ ଜଣାଇ ମୌସୁମୀଙ୍କ ଜୀବନର ଏହି ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଥିଲେ। ଭଗବାନ ତାଙ୍କୁ ଅସୀମ ସାହସ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଓ ତାଙ୍କ ଜୀବନର ଚଲାପଥ ପୁଣି ଥରେ କୁସୁମିତ ହେଉ ବୋଲି କାମନା କରିଥିଲେ।

# ଆରମ୍ଭ ହେଲା ପ୍ରାର୍ଥୀପତ୍ର ଦାଖଲ : ସରପଂଚ ଭୋଟ ନେଇ ଗାଁ ରାଜନୀତି ଚଳ ଚଂଚଳ

ବାଲିଆପାଳ, ୧୭/୦୧ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଆଜି ଠାରୁ (୧୭ ତାରିଖ) ଆରମ୍ଭ ହୋଇଛି ପ୍ରାର୍ଥି ପତ୍ର ଦାଖଲ । ହେଲେ ବିନା ଦଳୀୟ ଚିହ୍ନରେ ଲଢାଯାଉଥିବା ସରପଂଚ, ସମିତି ସଦସ୍ୟ ପାଇଁ ବାଲିଆପାଳ ବ୍ଲକର ୨୮ଟି ପଂଚାୟତର ଅନେକ ସ୍ଥାନରେ ପ୍ରାର୍ଥି ଚୟନ କରି ପାରୁ ନାହାନ୍ତି କଂଗ୍ରେସ, ବିଜେପି ଓ ବିଜେଡି ଦଳ । ତେଣୁ ଆଜି ପ୍ରଥମ ଦିନରେ ଏହି ୩ ପ୍ରମୁଖ ଦଳ ପକ୍ଷରୁ କେହି ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି । ଜିଲ୍ଲା ପରିଷଦ ଆସନ ପାଇଁ ମଧ୍ୟ ପ୍ରାର୍ଥୀ ଚୟନ ସ୍ପଷ୍ଟ ହୋଇପାରୁନାହିଁ । ପର୍ଯ୍ୟବେକ୍ଷକଙ୍କ ତୃଣମୂଳ ସ୍ତରରେ ରିପୋର୍ଟ ଭିତ୍ତିରେ ବିଜେଡି ମୁଖ୍ୟାଳୟରୁ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କ ଦସ୍ତଖତରେ ଦଳୀୟ ଟିକେଟ ଆସିବ ବୋଲି କୁହାଯାଉଛି । ଟିକେଟ ପାଇଁ ଟଣା ଉଟରା ଚାଲିଥିବାରୁ କଂଗ୍ରେସ ଓ ବିଜେଡିରେ ଚାଲିଛି ଝାଳ ବୋହା କସରତ । ଆଶାୟୀଙ୍କ ବିଜୟ ସମ୍ଭାବନା ଜାଣିବା ପାଇଁ ଗୁଇନ୍ଦା ରିପୋର୍ଟ ଭି ସଂଗ୍ରହ କରାଯାଉଛି । ବିଜେପିରେ ଆଶାୟୀଙ୍କ ସଂଖ୍ୟା କମ ଥିବାରୁ ସେମାନେ ଦୁଇ ପ୍ରମୁଖ ଦଳ କଂଗ୍ରେସ ଓ ବିଜେଡି ଉପରେ ତୀକ୍ଷଣ ନଜର ରଖିଛନ୍ତି । କେହି ଦଳୀୟ ସମର୍ଥନରୁ ବଂଚିତ ହୋଇ ବିଦ୍ରୋହ କଲେ ତାଙ୍କୁ ନିଜ ଦଳକୁ ଆଣି ଟିକେଟ ଦେବେ । ହେଲେ କାହା ପଲା ଭାରି, କାହାକୁ ଟିକେଟ ଦେଲେ ନିଶ୍ଚିତ ଜିତିବା ସମ୍ଭାବନା ଅଧିକ ଏନେଇ ତନାଘନା ଚାଲିଛି କଂଗ୍ରେସ ଓ ବିଜେଡିରେ । ଚିହ୍ନରେ ଲଢାଯାଉଥିବା ଜିଲ୍ଲା ପରିଷଦ ଜୋନ ଦଖଲ ସହିତ ପଂଚାୟତ ସମିତି ଦଖଲ ପାଇଁ ଫୁଲ ଦମରେ ଲାଗିପଡିଛନ୍ତି ନେତା । କାରଣ ନେତା ଜାଣି ପାରିଛନ୍ତି ଯେ ପଂଚାୟତ ଫଳ ହିଁ ଭବିଷ୍ୟତରେ ତାଙ୍କ ଯୋଗ୍ୟତାର ମାପକାଠି ହେବ । ୨୦୨୪ର ଟିକେଟ ବି ନିଭରର କରୁଛି ପଂଚାୟତ ଫଳ ଉପରେ । ବିଜେଡିର ଟିକେଟ ପାଇଁ ମାଳ ମାଳ ଆଶାୟୀ ମୁଣ୍ଡ ଟେକୁଥିବାରୁ ସକାଳୁ ରାତି ଅଧ ଯାଏ ନେତାଙ୍କ ଅଙ୍କ କଷା ଚାଲିଛି । ପ୍ରାର୍ଥି ଚୟନ କାଠିକର ପାଠ ହୋଇଛି । ଦଳ ପକ୍ଷରୁ ୧୬ ଜଣିଆ ବ୍ଲକ ସ୍ତରୀୟ ଏକ ନିର୍ବାଚନ କମିଟି ଗଠନ କରାଯାଇଛି । ବରିଷ୍ଠ ନେତା ଭଗବାନ ଗିରିଙ୍କ ନେତୃତ୍ୱରେ ଏହି କମିଟି ସମସ୍ତ ୨୮ଟି ପଂଚାୟତ ଗସ୍ତ କରି କର୍ମୀଙ୍କ ମତାମତ ନେଇ ବିଧାୟକଙ୍କୁ ରିପୋର୍ଟ ଦେବେ । ସେମାନଙ୍କ ରିପୋର୍ଟ ଭିତ୍ତିରେ ମଙ୍ଗଳବାର ସଂନ୍ଧ୍ୟାରେ ବିଧାୟକ ପ୍ରାର୍ଥି ଘୋଷଣା କରିବେ । ତାପରେ ଯାଇ ପ୍ରାର୍ଥି ମାନେ ନାମାଙ୍କ ପତ୍ର ଦାଖଲ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ । ତେଣୁ ସୋମବାର ବିଜେଡିର କେହି ପ୍ରାର୍ଥି ସରପଂଚ ଓ ସଦସ୍ୟ ପଦବି ପାଇଁ ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି । ଯାହା ସୂଚନା ମିଳୁଛି ବିଜେଡିରେ ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ଦେଉଳା, ବଳରାମପୁର, ଜଗତିପୁର, ଡଗରା, ପ୍ରଭୃତି ପଚାୟତରେ ଏପର୍ଯ୍ୟନ୍ତ ଦଳୀୟ ଅନ୍ତକନ୍ଦଳ ଯୋଗୁଁ ପ୍ରାର୍ଥି ଚୁଡାନ୍ତ ହୋଇପାରୁନାହିଁ । ସେହିପରି କଂଗ୍ରେସର ମଧୁପୁରା ଓ ଡଗରା ପଂଚାୟତର ସରପଂଚ ପଦବି ପାଇଁ ଟଣା ଉଟରା ଚାଲିଛି । ବିଜେପିରେ ସଙ୍ଗଠନ ଏଠାରେ ସେତେଟା ଦୃଢ ନଥିବାରୁ ସେମାନଙ୍କର ପ୍ରାର୍ଥି ଚୟନ କରିବାରେ ସେଭଳି କିଛି ଅସୁବିଧା ଉପୁଜିବ ନାହିଁ ବୋଲି ଜଣାଯାଉଛି । ତେବେ କଂଗ୍ରେସର ଥିବା ସମସ୍ତ ଦ୍ୱନ୍ଦର ସମାଧାନ କରାଯାଇ ମଙ୍ଗଳବାର ୧୦ଟା ସୁଦ୍ଧା ଚୁଡାନ୍ତ ପ୍ରାର୍ଥି ତାଲିକା ଘୋଷଣା କରାଯିବ ବୋଲି କଂଗ୍ରେସ ନେତା ବିଜନ କୁମାର ନାୟକ କହିଛନ୍ତି । ଆସନ୍ତା ଫେବୃୟାରି ୧୮ ତାରିଖରେ ଏହି ବ୍ଲକରେ ନିର୍ବାଚନ ହେବ । ଏବେ ଭୋଟ ପାଇଁ ଗାଁ ଗଣ୍ଡା ଚଳ ଚଂଚଳ ହୋଇ ଉଠିଛି । ତେବେ କୋଭିଡ ସ୍ଥିତି ଥିବାରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ କଟକଣା ଜାରି କରାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo